# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 17/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 142 | ମୂଲ୍ୟ ₹୭/-




**‘ଡନ୍ ୩’: ରଣବୀରଙ୍କ ବିପକ୍ଷରେ ଶର୍ବରୀ**

‘ଡନ୍ ୩’ ଫିଲ୍ମରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍ବରୀ ୱାଘ୍ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

**ସୁରୁଚିଙ୍କୁ ସ୍ୱର୍ଣ୍ଣ**

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।





ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବୁଧବାର ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଆଲୋଚନା କରୁଛନ୍ତି। **(ଏ ସମ୍ପର୍କିତ ଖବର: ପୃଷ୍ଠା–୪)**

# ହିନ୍ଦୁ ଟ୍ରଷ୍ଟରେ ମୁସ୍‌ଲିମଙ୍କୁ ରଖିବ କି

**ହିନ୍ଦୁ ଧର୍ମୀୟ ଟ୍ରଷ୍ଟଗୁଡ଼ିକରେ ମୁସ୍‌ଲିମମାନଙ୍କୁ ସାମିଲ କରାଯିବ କି ବୋଲି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ୱାକ୍‌ଫ (ସଂଶୋଧନ) ଆଇନ–୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହା ପଚାରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ପ୍ରଥମେ ଏହି ପ୍ରସଙ୍ଗରେ ଶୁଣାଣି ଆରମ୍ଭ କରି ନୋଟିସ୍ ଜାରି ସହ ସଂକ୍ଷିପ୍ତ ରାୟ ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଅନ୍ତରୀଣ ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ର ଓ ଅନ୍ୟ କେତେକ ରାଜ୍ୟ ନିଜ ଯୁକ୍ତି ରଖିବାକୁ ସମୟ ମାଗିବାରୁ ଖଣ୍ଡପୀଠ ଏହା ଉପରେ ଗୁରୁବାର ଅପରାହ୍ନ ୨ଟାରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।**

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



ନୂଆଦିଲ୍ଲୀ,୧୬।୪

ଦେଶରେ ୱାକ୍‌ଫ (ସଂଶୋଧନ) ଆଇନ–୨୦୨୫ ଲାଗୁ ହେବା ନେଇ ଗତ ୮ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ’ ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଇତ୍ ଉଲାମା–ଇ–ହିନ୍ଦ୍, ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ), କଂଗ୍ରେସ ଏମ୍‌ପି ଇମ୍ରାନ୍‌ପ୍ରତାପଗଡ଼ି ଏବଂ ମହମ୍ମଦ ଜାୱେଦଙ୍କ ସମେତ ବିଭିନ୍ନ ପକ୍ଷଙ୍କ ତରଫରୁ ମୋଟ ୭୩ଟି ପିଟିଶନ ଦାଖଲ ହୋଇଛି। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେପରି କୌଣସି ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ରର ଯୁକ୍ତିକୁ ମଧ୍ୟ ଶୁଣିବେ ତାହା ସୁନିଶ୍ଚିତ କରିବା ପାଇଁ ସରକାର ଏପ୍ରିଲ ୮ରେ ଏକ କ୍ୟାଭେଟ୍ ଦାଖଲ କରିଛନ୍ତି।

ବୁଧବାର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ ଅନେକ ପ୍ରଶ୍ନ କରିଥିଲେ। ବିଶେଷକରି ନୂଆ ଆଇନର ଅନେକ ନିୟମରେ ରହିଥିବା ‘ୱାକ୍‌ଫ ବାଇ ୟୁଜର’ଙ୍କ ସମ୍ପତ୍ତି ଉପରେ ପ୍ରଶ୍ନ କରିଥିଲେ। କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲରେ ଅଣମୁସଲିମ୍‌ମାନଙ୍କୁ ରଖାଯିବା ପ୍ରାବଧାନକୁ ନେଇ ଖଣ୍ଡପୀଠ ପଚାରିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ (ଦେବୋତ୍ତର) ବୋର୍ଡଗୁଡ଼ିକରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ସରକାର ସାମିଲ କରିବେ କି? ଏହି ଅବସରରେ ଜଣେ ଆବେଦନକାରୀଙ୍କ ଆଇନଜୀବୀ କପିଲ ସିବଲ ‘ୱାକ୍‌ଫ ବାଇ ୟୁଜର’ ନିୟମ ଉପରେ ଆପତ୍ତି ଉଠାଇଥିଲେ। ଏହି ନିୟମ ଅଧୀନରେ ଏକ ସମ୍ପତ୍ତି ବିନା କୌଣସି ଆନୁଷ୍ଠାନିକ ଦସ୍ତାବିଜରେ ମଧ୍ୟ ଦୀର୍ଘ ସମୟ ଧରି ଧର୍ମୀୟ ବା ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲେ, ତାହା ୱାକ୍‌ଫ ସମ୍ପତ୍ତି ରୂପେ ପରିଗଣିତ ହେବ ବୋଲି ନିୟମ ରହିଛି। ନୂଆ ଆଇନରେ ଏକ ବ୍ୟତିକ୍ରମ ଯୋଡ଼ାଯାଇଛି: ଯେଉଁ ସମ୍ପତ୍ତିକୁ ନେଇ ବିବାଦ ରହିଥିବ କିମ୍ବା ତାହା ସରକାରୀ ହୋଇଥିବ, ସେହି କ୍ଷେତ୍ରରେ ସମ୍ପୃକ୍ତ ସମ୍ପତ୍ତି ୱାକ୍‌ଫ ପ୍ରପର୍ଟି ରୂପେ ବିବେଚିତ ହେବ ନାହିଁ। ସିବଲ କହିଥିଲେ, ‘ୱାକ୍‌ଫ ବାଇ ୟୁଜର’ ହେଉଛି ଇସ୍‌ଲାମର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମସ୍ୟା ହେଉଛି, ଯଦି ଏକ ସମ୍ପତ୍ତି ୩,୦୦୦ ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିବ ତାହା ହେଲେ ସେମାନେ ଦଲିଲ ମାଗିବେ। ଅନ୍ୟ ଜଣେ ଆବେଦନକାରୀଙ୍କ ଓକିଲ ଅଭିଷେକ ମନୁ ସିଂଘ୍‌ଭି କହିଥିଲେ, ଦେଶରେ ରହିଥିବା ୮ ଲକ୍ଷ ୱାକ୍‌ଫ ସମ୍ପତ୍ତି ମଧ୍ୟରୁ ୪ ଲକ୍ଷ ହେଉଛି ‘ୱାକ୍‌ଫ ବାଇ ୟୁଜର’। ସିଜେଆଇ ହସ୍ତକ୍ଷେପ କରି କହିଲେ, ଆମକୁ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟ ମଧ୍ୟ ୱାକ୍‌ଫ ଜମି ଉପରେ ନିର୍ମିତ ହୋଇଛି। ସବୁ ‘ୱାକ୍‌ଫ ବାଇ ୟୁଜର’କୁ ଆମେ ଭୁଲ୍ ବୋଲି କହୁନାହୁଁ। କିନ୍ତୁ ଏହା ଏକ ଅନୁଧ୍ୟାନଯୋଗ୍ୟ ବିଷୟ। ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ, ସଂସଦରେ ବିସ୍ତୃତ ବିତର୍କ ପରେ ଏହି ଆଇନ ଗୃହୀତ ହୋଇଛି। ଏହା ପୂର୍ବରୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଉକ୍ତ ବିଲ୍‌କୁ ଯାଞ୍ଚ କରିଥିଲା। ସିଜେଆଇ ମେହେଟ୍ଟାଙ୍କୁ କହିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ ବୋର୍ଡଗୁଡ଼ିକରେ ମୁସଲମାନମାନଙ୍କୁ ସାମିଲ କରିବେ କି? ଖୋଲାଖୋଲି କୁହନ୍ତୁ। ଏହା ପରେ ଉକ୍ତ ଆଇନ ବିରୋଧରେ ବିକ୍ଷୋଭ ବେଳେ ଚାଲିଥିବା ହିଂସାକାଣ୍ଡକୁ ନେଇ ସିଜେଆଇ ଚିନ୍ତାବ୍ୟକ୍ତ କରିଥିଲେ। କହିଥିଲେ, ସେମାନେ ବ୍ୟବସ୍ଥା ଉପରେ ଏମିତି ଚାପସୃଷ୍ଟି କରିବେ ବୋଲି ମନେକରୁଛନ୍ତି। ସିବଲ କହିଲେ, କିଏ ଚାପ ସୃଷ୍ଟି କରୁଛି ତାହା ଜଣାନାହିଁ। ଗୁରୁବାର ଏହା ଉପରେ ପୁଣି ଶୁଣାଣି ହେବ।

## ସୁନା @ ୯୬,୧୭୦ ଟଙ୍କା



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଗତ ୨ ଦିନ ହେବ ସୁନା ଦର ଲଗାତର ହ୍ରାସ ପାଇବା ପରେ ବୁଧବାର ଉପରମୁହାଁ ହୋଇଛି। ଭାରତୀୟ ବଜାରରେ ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନା ମଙ୍ଗଳବାର ୯୫,୧୮୦ ଟଙ୍କା ଥିଲାବେଳେ ଏଥିରେ ୯୯୦ ଟଙ୍କା ବୃଦ୍ଧି ପାଇ ୯୬,୧୭୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମ୍‌କୁ ୮୮,୧୫୦ ଟଙ୍କା ହୋଇଛି। ୧୮ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମ୍‌କୁ ୭୨,୧୩୦ ଟଙ୍କା ରହିଛି। ମଙ୍ଗଳବାର ଏହା ୭୧,୩୫୦ ଟଙ୍କା ଥିଲା ଓ ଏଥିରେ ୭୮୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ରୁପା ଦାମ୍ ମଧ୍ୟ ବୃଦ୍ଧି ପାଇଛି। ୧୦୦ ଗ୍ରାମ୍ ରୁପା ଦାମ୍ ୧୧,୦୦୦ ରହିଛି। ମଙ୍ଗଳବାର ଏହା ୧୦,୯୮୦ ଟଙ୍କା ଥିଲାବେଳେ ଏବେ ଏଥିରେ ୨୦ ଟଙ୍କା ବୃଦ୍ଧି ହୋଇଛି। ତେବେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ୍ ପ୍ରତି ୮୮,୧୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟର ଦାମ ୯୬,୧୭୦ ଟଙ୍କା ଓ ୧୮ କ୍ୟାରେଟର ଦାମ ୭୨,୧୩୦ ଟଙ୍କା ରହିଛି। ୨୨, ୨୪ ଓ ୧୮ କ୍ୟାରେଟ୍ ସୁନା ଦାମ୍ ଭରି ପିଛା ଯଥାକ୍ରମେ ୯୫୦,୯୯୦ ଓ ୭୮୦ ଟଙ୍କା ବୃଦ୍ଧି ହୋଇଛି।

# ରାଉରକେଲାରେ ହାଜତ ମୃତ୍ୟୁ

**ଷ୍ଟିଲ୍ ସିଟି ରାଉରକେଲାରେ ଗତ ସପ୍ତାହକ ମଧ୍ୟରେ ୫ଟି ହତ୍ୟାକାଣ୍ଡ ଘଟିବା ପରେ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ି ଯାଇଥିବା କୁହାଯାଉଥିବାବେଳେ ଏବେ ଅବକାରୀ ପୋଲିସ ମାଡ଼ରେ ଜଣେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗିରଫର ମାତ୍ର ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ହାଜତରେ ପିଟି ପିଟି ହତ୍ୟା କରାଯାଇଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅବକାରୀ ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷ ଉଭୟ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

ରାଉରକେଲା,୧୬।୪(ସଙ୍ଗୀତା ଜେନା)

- **ଅବକାରୀ ମାମଲାରେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ**
- **ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ**



ରାଜେଶ କୁଜୁର

ଏକ ଅବକାରୀ ମାମଲାରେ ଗିରଫ ହୋଇ ରାଉରକେଲା ସ୍ୱତନ୍ତ୍ର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ରାଏବୋଗା ଥାନା ଅନ୍ତର୍ଗତ ଦଲକୀ ଦୁର୍ଗାଘାଟ ଗ୍ରାମର ରାଜେଶ କୁଜୁର(୪୫)। ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମର୍ଗ ହାଉସରେ ରଖାଯାଇଛି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫) ରୁଜୁ କରି ଅଧିକ ତଦନ୍ତ କରୁଛି। ରାଜେଶଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ତ୍ରୀ ଅମ୍ରିତା କୁଜୁର ବୁଧବାର ଅପରାହ୍ନରେ ରଘୁନାଥପାଲି ଥାନାରେ ଲିଖିତ ଏତଲା ଦେଇଛନ୍ତି। ତାଙ୍କ ସ୍ୱାମୀଙ୍କୁ ପିଟି ପିଟି ମାରି ଦିଆଯାଇଥିବା କୁଜୁର ଅଭିଯୋଗ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ବୀରମିତ୍ରପୁର ନିବାସୀ ରଶ୍ମି ଏକ୍କା, ଆଲବର୍ଟ କିଣ୍ଡୋଙ୍କ ନେତୃତ୍ୱରେ ପରିବାର ଲୋକେ ଏବଂ ଗ୍ରାମବାସୀ ଆର୍‌ଜିଏଚ୍ ମର୍ଗ ହାଉସ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏପରି କି ଦାବି ପୂରଣ ନ ହେବା ଯାଏ ମୃତଦେହ ଗ୍ରହଣ କରିବେ ନାହିଁ ବୋଲି କହି ଫେରି ଯାଇଛନ୍ତି।

ମୃତକଙ୍କ ସ୍ତ୍ରୀ ଅମ୍ରିତା କୁଜୁରଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଭୋର୍ ସାଢ଼େ ୫ଟାରେ ବୀରମିତ୍ରପୁର ଅବକାରୀ ବିଭାଗ ରାଜେଶଙ୍କୁ ମିଛ ମଦ ମାମଲାରେ ଘରୁ ଉଠାଇ ନେଇଥିଲା। ସେତେବେଳେ ତାଙ୍କ ସ୍ୱାମୀ ସୁସ୍ଥସବଳ ଥିଲେ। ହଠାତ୍ ରାତି ୧୦ଟାରେ ଜେଲ କର୍ତ୍ତୃପକ୍ଷ ଫୋନ୍ ଯୋଗେ ରାଜେଶ ଅସୁସ୍ଥ ଥିବା ସୂଚନା ଦେଇଥିଲେ। ବୁଧବାର ସକାଳେ ପରିବାର ଲୋକେ ଆର୍‌ଜିଏଚ୍ ଆସି ରାଜେଶଙ୍କ ମୃତ୍ୟୁ ହୋଇସାରିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଦେହସାରା କ୍ଷତଚିହ୍ନ ସହ ରକ୍ତାକ୍ତ ଥିଲା। ଏପରିକି ସେ ପିନ୍ଧିଥିବା ପୋଷାକ ମଧ୍ୟ ଛିଣ୍ଡି ଯାଇଥିଲା। ରାଜେଶଙ୍କୁ ଅବକାରୀ ଥାନା କିମ୍ବା ଜେଲରେ ପିଟି ପିଟି ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅମ୍ରିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ରାଉରକେଲା ସ୍ୱତନ୍ତ୍ର ଜେଲ ଅଧିକାରୀ ରତିକାନ୍ତ ଶୁକ୍ଳା କହିଛନ୍ତି, ରାଜେଶଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ଜେଲକୁ ଅଣାଯାଇଥିଲା। ରାତି ସାଢ଼େ ୮ଟାରେ ରାଜେଶଙ୍କୁ ସ୍ୱତନ୍ତ୍ର ଜେଲ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋର୍ ୫ଟା ୪୫ ମିନିଟ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ନାଁରେ ଆପରାଧିକ ମାମଲା ସମ୍ପର୍କରେ କୌଣସି ତଥ୍ୟ ତାଙ୍କ ନିକଟରେ ନାହିଁ ବୋଲି ଶୁକ୍ଳା କହିଥିଲେ। ଅପରପକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ରାଉରକେଲା ଅବକାରୀ ପୋଲିସ ଖଣ୍ଡନ କରିଛି। ବୀରମିତ୍ରପୁର ଓଆଇସି ଇଦ୍ରିସ ହୁସେନ୍ ଅଭିଯୁକ୍ତଙ୍କୁ ୧୮ଲିଟର ମଦ ରଖିବା ଅଭିଯୋଗରେ ଗିରଫ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀମାଇନା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜାମିନ ଖାରଜ ହେବା ପରେ ପରେ ତାଙ୍କୁ ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖନୀୟ, ମୃତକଙ୍କ ୩ କନ୍ୟା ଓ ଏକ ପୁତ୍ର ସନ୍ତାନ ରହିଛନ୍ତି। ରାଜେଶଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଭରଣପୋଷଣ ଏବେ ଚିନ୍ତାର ବିଷୟ ପାଲଟିଛି। ତେଣୁ ତାଙ୍କ ପରିବାରକୁ ନ୍ୟାୟ ସହ କ୍ଷତିପୂରଣ ଦିଆଯାଉ ବୋଲି ସମ୍ପର୍କୀୟ ଦାବି କରିଛନ୍ତି।

**ଆଜିର ସମ୍ପାଦକୀୟ**

**ସୁଗ୍ରୀବଙ୍କ ମାନଚିତ୍ରରେ ଭାରତ**

# ଜଷ୍ଟିସ୍ ବି.ଆର୍. ଗଭାଇ ହେବେ ପରବର୍ତ୍ତୀ ସିଜେଆଇ

ନୂଆଦିଲ୍ଲୀ,୧୬।୪(ପି.ଟି.)



ଜଷ୍ଟିସ୍ ବି.ଆର୍. ଗଭାଇ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା ବୁଧବାର ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣା ଗଭାଇଙ୍କ ନାମ ପରବର୍ତ୍ତୀ ସିଜେଆଇ ରୂପେ କେନ୍ଦ୍ରକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଖାନ୍ନା ମେ’ ୧୩ରେ ଅବସର ନେବେ। ୨୦୧୯ ମେ’ ୨୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଗଭାଇ ଶୀର୍ଷ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ସେ ୧୪ ତାରିଖରେ ୫୨ତମ ସିଜେଆଇ ରୂପେ ଶପଥ ଗ୍ରହଣ କରି ୨୦୨୫ ନଭେମ୍ବର ୨୩ରେ ୬୫ ବର୍ଷ ବୟସରେ ଅବସର ନେବେ।

ଗତ ନଭେମ୍ବର ୧୧ରେ ୫୧ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ଗଭାଇଙ୍କ ନାମ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଗଭାଇ ୧୯୬୦ ନଭେମ୍ବର ୨୪ରେ ଅମରାବତୀରେ ଜନ୍ମ ଗ୍ରହଣ କରିଥିଲେ। ୨୦୦୩ ନଭେମ୍ବରରେ ସେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ପାଇଥିଲେ। ୨୦୦୫ ନଭେମ୍ବରରେ ତାଙ୍କୁ ହାଇକୋର୍ଟ ସ୍ଥାୟୀ ବିଚାରପତି କରାଯାଇଥିଲା।

ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଗଭାଇ ଅନେକ ସାମ୍ବିଧାନିକ ପୀଠରେ ରହି ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ସର୍ବସମ୍ମତ ରାୟ ପ୍ରଦାନକାରୀ ୫ ଜଣିଆ ସାମ୍ବିଧାନିକ ପୀଠରେ ମଧ୍ୟ ଜଷ୍ଟିସ୍ ଗଭାଇ ରହିଥିଲେ। ସେହିପରି ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିବା ଅନ୍ୟ ଏକ ୫ ଜଣିଆ ସାମ୍ବିଧାନିକ ପୀଠର ସଦସ୍ୟ ରହିଥିଲେ ଜଷ୍ଟିସ୍ ଗଭାଇ।

# ଦୁଗ୍ଧ ଉତ୍ପାଦନ: ରାଜ୍ୟରେ ବଢ଼ିଛି, ୧୩ ଜିଲାରେ କମିଛି

**ଦେଶର ଅର୍ଥନୀତି ସୁଦୃଢ଼ କରିବାରେ ପ୍ରାଣିସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରାମାଞ୍ଚଳର ଅନେକ ପରିବାର ଦୁଗ୍ଧ ଉତ୍ପାଦନ କରି ଗୁଜରାଣ ମେଣ୍ଟାଉଛନ୍ତି। ଏହି କ୍ରମରେ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଦେଶରେ ୨୦୨୩–୨୪ ଆର୍ଥିକବର୍ଷରେ ୨୩୯.୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) ଦୁଗ୍ଧ ଉତ୍ପାଦନ ହୋଇଥିବା ମତ୍ସ୍ୟଚାଷ, ଦୁଗ୍ଧ ଓ ପଶୁପାଳନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୨ ତାରିଖରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏ କ୍ଷେତ୍ରରେ ଓଡ଼ିଶାର ଅବଦାନ ୧.୧% ରହିବା ସହ ଦେଶରେ ଆମ ରାଜ୍ୟ ୧୬ ନମ୍ବର ସ୍ଥାନରେ ରହିଛି। ୨୦୦୯–୧୦ରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ବଢ଼ିଚାଲିଥିଲାବେଳେ ସଦ୍ୟତମ ତଥ୍ୟ ଅନୁଯାୟୀ ୨୦୨୩–୨୪ରେ ଏହା ୨୦୨୨–୨୩ ତୁଳନାରେ ୧୩ ଜିଲାରେ କମିଛି। ରାଜ୍ୟର ୪୩% ଜିଲାରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଗ୍ରାମୀଣ ଅର୍ଥନୀତିର ରୁଗ୍ଣ ଅବସ୍ଥାକୁ ଦର୍ଶାଉଛି। ନିକଟରେ ରାଜ୍ୟ ସରକାର ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ କାର୍ଯ୍ୟକାରୀ କରିଥିବାରୁ ସ୍ଥିତିରେ ସୁଧାର ଆସିପାରେ ବୋଲି କୁହାଯାଉଛି।**



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଦେଶରେ ୨୦୨୩–୨୪ରେ ସର୍ବାଧିକ ଉତ୍ତରପ୍ରଦେଶରେ ୩୮,୭୮୦ ହଜାର ମେଟ୍ରିକ ଟନ୍ (ଟିଏମ୍‌ଟି) ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଓଡ଼ିଶାରେ ଏହାର ପରିମାଣ ରହିଛି ୨,୬୩୬ ଟିଏମ୍‌ଟି। ଦେଶର ମୋଟ ଉତ୍ପାଦନରେ ଏହି ଦୁଇ ରାଜ୍ୟର ଅବଦାନ ଯଥାକ୍ରମେ ୧୬.୨୧% ଏବଂ ୧.୧% ରହିଛି। ୨୦୨୨–୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୪୭୬.୪୨ ଟିଏମ୍‌ଟି ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୩–୨୪ରେ ୧୫୯.୫୮ ଟିଏମ୍‌ଟି ବୃଦ୍ଧି ପାଇଛି। ମାତ୍ର ୧୩ ଜିଲା ତଥା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି। କଟକ ଜିଲାରେ ୧୪,୦୩,୨୦୪ କ୍ଷୀର ଦେଉଥିବା ପ୍ରାଣୀଙ୍କଠାରୁ ସର୍ବାଧିକ ୩୯୧ ଟିଏମ୍‌ଟି ଦୁଗ୍ଧ ଉତ୍ପାଦନ ହୋଇଛି। କନ୍ଧମାଳରେ ୪,୭୩,୧୯୯ ପ୍ରାଣୀଙ୍କଠାରୁ ସର୍ବନିମ୍ନ ୧୧.୧୧ ଟିଏମ୍‌ଟି କ୍ଷୀର ଉତ୍ପାଦନ ହୋଇଛି। ମୟୂରଭଞ୍ଜରେ କ୍ଷୀର ଦେଉଥିବା ପ୍ରାଣୀଙ୍କ ସଂଖ୍ୟା ସର୍ବାଧିକ ୩୭,୬୧,୧୨୮ ରହିଥିଲେ ମଧ୍ୟ ଦୁଗ୍ଧ ଉତ୍ପାଦନ ଖୁବ୍ କମ୍ ରହିଛି। ବର୍ଷକରେ ଉତ୍ପାଦିତ କ୍ଷୀର ପରିମାଣ ୭୨.୮୭ରୁ ୬୨.୭୮ ଟିଏମ୍‌ଟିକୁ ହ୍ରାସ ପାଇଛି। ଏହି ୧୩ ଜିଲାରେ ଦେଶୀ ଗାଈଙ୍କ ସଂଖ୍ୟା ଅଧିକ ରହିଛି। ଏହି ବର୍ଗର ଗାଈ କମ୍ କ୍ଷୀର ଦେଉଥିବାରୁ ସାମଗ୍ରିକ ଭାବେ ଏହି ସବୁ ଜିଲାରେ ଦୁଗ୍ଧ ଉତ୍ପାଦନ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଉଛି।

ରାଜ୍ୟ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏବେ ଓମ୍‌ଫେଡ୍ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ଅନ୍ୟାନ୍ୟ ଘରୋଇ କମ୍ପାନୀଗୁଡ଼ିକ ରାଜ୍ୟରୁ ଦୈନିକ ୨ ଲକ୍ଷ ୭୪ ହଜାର ଲିଟର ଦୁଗ୍ଧ ଦୈନିକ ସଂଗ୍ରହ କରୁଛନ୍ତି। ବର୍ଷ ସାରା ଓମ୍‌ଫେଡ୍‌ର ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ମୁଣ୍ଡ ପିଛା କ୍ଷୀର ଆବଶ୍ୟକତା ପୂରଣ ପାଇଁ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ ଆରମ୍ଭ କରାଯାଇଛି। ଏହା ଅଧୀନରେ ପ୍ରତିବର୍ଷ ୨,୦୦୦ ହିତାଧିକାରୀଙ୍କୁ ୨ଟି କ୍ରସ୍‌ବ୍ରିଡ୍ ଗାଈ ରଖିବା ପାଇଁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିସହ ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତିରେ ବାଛୁରୀ ଖାଦ୍ୟ ଯୋଗାଇଦିଆଯିବ। ୧ ଲକ୍ଷ ଚାଷୀ ଦୁଧିଆଳୀ ଗାଈର ବୀମା ପାଇଁ ସହାୟତା ପାଇବେ। ତେବେ କୁଲାଙ୍ଗେଙ୍କ କହିବାନୁସାରେ ରାଜ୍ୟ ବାହରର ବିଭିନ୍ନ ଘରୋଇ କମ୍ପାନୀ ଓଡ଼ିଶାର ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରୁ ନ ଥିଲେ ମଧ୍ୟ ରାଜ୍ୟରେ ବିକ୍ରି କରିଛନ୍ତି। ସେହିପରି ଓମ୍‌ଫେଡ୍ ଦୁଗ୍ଧ ଓ ଦୁଗ୍ଧଜାତଦ୍ରବ୍ୟ ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ସହ ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ କିଛି ମାତ୍ରାରେ ଯାଉଥିବା କୁଲାଙ୍ଗେ ସୂଚନା ଦେଇଛନ୍ତି।

# ‘ବସିଥିବା ଡାଳକୁ ହାଣୁଛନ୍ତି ଶାହା’

## ମୁର୍ଶିଦାବାଦ ହିଂସା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଦାୟୀକଲେ ମମତା

କୋଲକାତା,୧୬।୪

ମୁର୍ଶିଦାବାଦରେ ୱକ୍‌ଫ ଆଇନ ବିରୋଧୀ ହିଂସା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟୀ କରିଛନ୍ତି। ମମତା କହିଛନ୍ତି, ସଂଘୀୟ ସଂସ୍ଥାଗୁଡ଼ିକ ଭାଜପା ଏବଂ ଶାହାଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ବାଂଲାଦେଶରୁ ଆପରାଧିକ ତତ୍ତ୍ୱଙ୍କୁ ଭାରତରେ ଅନୁପ୍ରବେଶ କରାଇ ମୁର୍ଶିଦାବାଦରେ ହିଂସା ଭିଆଇବାକୁ ଅନୁମତି ଦେଇ ନିଜେ ବସିଥିବା ଡାଳକୁ ହାଣୁଛନ୍ତି।

ୱକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ସମଶେରଗଞ୍ଜର ହରଗୋବିନ୍ଦ ଦାସ (୭୨), ତାଙ୍କ ପୁଅ ଚନ୍ଦନ ଦାସ (୪୦)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ହିଂସାତ୍ମକ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଗୁଳିରେ ଏଜାଜ୍ ଅହମଦ (୨୫) ପ୍ରାଣ ହରାଇଥିଲେ। ନୂଆ ୱକ୍‌ଫ ଆଇନ ଉପରେ ଧର୍ମୀୟ ନେତାଙ୍କ ସହ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ଏକ ନ୍ୟୁଜ୍ ଏଜେନ୍ସିର ସୋସିଆଲ ମିଡିଆ ପୋଷ୍ଟକୁ ସେ ଦେଖିଛନ୍ତି। ବାଂଲାଦେଶରୁ ଆସିଥିବା ଲୋକେ ଏହି ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିଥିବା


ମମତା ବାନାର୍ଜୀ

ସେଥିରେ ଉଲ୍ଲେଖ କରାଯାଇଥିଲା। ସୀମା ଜଗିବା ତାଙ୍କ କାମ ନୁହେଁ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଦାୟିତ୍ୱ, ଯାହାକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ସୀମା ସେପଟୁ ପଶ୍ଚିମବଙ୍ଗକୁ ଆସିବା ପାଇଁ କାହିଁକି ଦିଆଗଲା ବୋଲି ମମତା ପ୍ରଶ୍ନ କରିଛନ୍ତି।

ଶାହାଙ୍କ ନାମ ନ ନେଇ ମମତା ଆହୁରି କହିଛନ୍ତି, ଆପଣ ଧ୍ରୁବୀକରଣ ଚାହାନ୍ତି। ହିନ୍ଦୁ ମୁସ୍‌ଲିମଙ୍କୁ ବିଭାଜିତ କରିବାକୁ ଚାହାନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ଡାଳରେ ବସିଛନ୍ତି, ସେହି ଡାଳକୁ ହାଣିଲେ ଆମକୁ ମୁହଁ ଖୋଲିବାକୁ ପଡ଼ିବ। ଶାହା ଦେଶର ସର୍ବାଧିକ କ୍ଷତି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ୍ୟାମେଜ୍ କଣ୍ଟ୍ରୋଲ କରୁଛନ୍ତି। ଶାହାଙ୍କୁ ଦେଶର ସମସ୍ତ ସଂଘୀୟ ଏଜେନ୍ସିର ଦାୟିତ୍ୱ ଦିଆଯାଇଛି। ସେ ସବୁ ଯୋଜନା ମଧ୍ୟ କରିଥାଆନ୍ତି। ପଶ୍ଚିମବଙ୍ଗ ବାହାରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଗୋଷ୍ଠୀ ଫେକ୍ ନ୍ୟୁଜ୍ ବିସ୍ତାର କରୁଛନ୍ତି। ଭାଜପା ସେମାନଙ୍କୁ ଟଙ୍କା ଦେଉଛି ବୋଲି ମମତା ସମାଲୋଚନା କରିଛନ୍ତି।

ଇତିମଧ୍ୟରେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ମୁର୍ଶିଦାବାଦ ହିଂସା ପ୍ରଭାବିତ ଲୋକଙ୍କ ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଷଡ଼ଯନ୍ତ୍ର ରଚି ହିଂସା ଭିଆଇଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୁକାନ୍ତ ଦାବି କରିଛନ୍ତି।

### ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ଏନ୍‌ସିଡବ୍ଲ୍ୟୁ

ନୂଆଦିଲ୍ଲୀ,୧୬।୪

ୱକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ମହିଳାମାନଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଅନୁଧ୍ୟାନ କରିବା ପାଇଁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ସ୍ଥିତି ସମୀକ୍ଷା କରିବା ଓ ପୀଡ଼ିତାମାନଙ୍କୁ ଭେଟିବା ପାଇଁ ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ବୋଲି ନିଜ ଆଡୁ ମାମଲା ରୁଜୁ କରିଥିବା ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ବିଜୟା ରାହତ୍‌କର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୧ ଓ ୧୨ ତାରିଖରେ ମୁର୍ଶିଦାବାଦର ସୁତି, ଧୂଳିଆନ୍ ଓ ଜାଙ୍ଗିପୁରା ସମେତ ବିଭିନ୍ନ ଅଞ୍ଚଳରେ ୱକ୍‌ଫ ଆଇନକୁ ବିରୋଧ କରି ବିକ୍ଷୋଭ ବେଳେ ହିଂସାକାଣ୍ଡ ହୋଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ହିଂସା ବେଳେ ଧୂଳିଆନ୍‌ର ମନ୍ଦିରପାରାର ଅନେକ ମହିଳାଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି।

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମୁସ୍‌ଲିମ ଧର୍ମଗୁରୁ

ୱକ୍‌ଫ ସଂଶୋଧନ ଆଇନ ଉପରେ ନିଜ ପକ୍ଷ ରଖିବା ପାଇଁ ମୁସ୍‌ଲିମ ଧର୍ମଗୁରୁମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏନେଇ ଦେଇଥିବା ପ୍ରସ୍ତାବକୁ ସେମାନେ ଏକ ସକାରାତ୍ମକ ଉପଦେଶ ବୋଲି ଅଭିହିତ କରିଛନ୍ତି। ରାଷ୍ଟ୍ରପତି ଓ ପ୍ରଧାମନ୍ତ୍ରୀଙ୍କୁ ଭେଟିବା ନେଇ ଖୁବ୍‌ଶୀଘ୍ର ଏକ ବୈଠକ କରାଯିବ ବୋଲି ଅଲ୍ ଇଣ୍ଡିଆ ଇମାମ୍ ଆସୋସିଏଶନ୍ ମୁଖ୍ୟ ମୌଲାନା ମହମ୍ମଦ ବର୍କିଲ୍ଲା ମୋଲ୍ଲା ସୂଚନା ଦେଇଛନ୍ତି।

# ‘ଉର୍ଦ୍ଦୁ ବିଦେଶୀ ଭାଷା ନୁହେଁ’

### ଉର୍ଦ୍ଦୁ ସାଇନବୋର୍ଡ ଲଗାଯିବା ବିରୋଧୀ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ମହାରାଷ୍ଟ୍ର ଓକଲା ଜିଲାସ୍ଥିତ ପାତୁର ପୌର ପରିଷଦ ନୂତନ କୋଠାର ସାଇନବୋର୍ଡରେ ଉର୍ଦ୍ଦୁ ଭାଷାର ବ୍ୟବହାରକୁ ପୂର୍ବରୁ ବମ୍ବେ ହାଇକୋର୍ଟ ଅନୁମତି ପ୍ରଦାନ କରିଥିଲେ। ଏହା ବିରୋଧରେ ପାତୁରର ପୂର୍ବତନ କାଉନସିଲର ବର୍ଷା ତାଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ବୁଧବାର ସର୍ବୋଚ୍ଚ ଅଦାଲତ ଶୁଣାଣି କରି ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ ଭାଷାଗତ ବିବିଧତାକୁ ସମ୍ମାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ୍ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମହାରାଷ୍ଟ୍ରର କୌଣସି ପୌରପାଳିକା କାର୍ଯ୍ୟାଳୟର ସାଇନବୋର୍ଡରେ ଅତିରିକ୍ତ ଭାଷାର ବ୍ୟବହାର ମହାରାଷ୍ଟ୍ର ଲୋକାଲ ଅଥରିଟିଜ୍ (ଅଫିସିଆଲ ଲାଙ୍ଗୁଏଜେସ୍) ଆକ୍ଟ, ୨୦୨୨କୁ ଉଲ୍ଲଂଘନ କରୁନାହିଁ। ଉକ୍ତ ଆଇନରେ ମଧ୍ୟ ଉର୍ଦ୍ଦୁ ଭାଷାର ବ୍ୟବହାର ନେଇ କୌଣସି କଟକଣା ଜାରି କରାଯାଇ ନାହିଁ। ଭାଷା ବିଭିନ୍ନ ବିଚାରର ଆଦାନ ପ୍ରଦାନର ଏକ ମାଧ୍ୟମ। ଏହା ଭିନ୍ନ ଚିନ୍ତାଧାରା ଏବଂ ବିଶ୍ୱାସର ଲୋକଙ୍କୁ ନିକଟତର କରିଥାଏ।




# ‘ପରିବେଶକୁ ଯଥାସମ୍ଭବ ସୁରକ୍ଷିତ ରଖାଯିବ’

### ହାଇଦ୍ରାବାଦ ଗଛକଟାକୁ ନେଇ ତେଲଙ୍ଗାନା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ହାଇଦ୍ରାବାଦର କାଞ୍ଚା ଗାଚିବୋୱଲିସ୍ଥିତ ୪୦୦ ଏକରର ଜଙ୍ଗଲରେ ଗଛକଟା ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହୋଇଛି। ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଥିବା ଏହି ଜଙ୍ଗଲରେ ବହୁସଂଖ୍ୟକ ଗଛ କଟାଯାଇଥିବାରୁ ଏହା ଯୋଗୁ ଉତ୍ପନ୍ନ ହୋଇଥିବା ପରିବେଶଗତ କ୍ଷତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛ କାଟିବା ପାଇଁ ତେଲଙ୍ଗାନା ସରକାର ଏତେ ବ୍ୟଗ୍ର କାହିଁକି ଥିଲେ ବୋଲି ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଗଛ କଟାଯାଇଥିବା ୧୦୦ ଏକର ଜମିର କିପରି ପୁନରୁଦ୍ଧାର କରାଯିବ ସେ ଦିଗରେ ତେଲଙ୍ଗାନା ସରକାର କାର୍ଯ୍ୟ କରନ୍ତୁ



ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାଞ୍ଚା ଗାଚିବୋୱଲି ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ତେଲଙ୍ଗାନାର ବନ୍ୟପ୍ରାଣୀ ୱାର୍ଡେନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୃକ୍ଷ ଆଚ୍ଛାଦନ ଥିବା କ୍ଷେତ୍ରକୁ କିପରି ବିସ୍ତାର କରାଯିବ ସେନେଇ ପ୍ରାଥମିକତା ଭିତ୍ତିରେ ଯୋଜନା ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛକଟା ଉପରେ କଟକଣା ନେଇ ପୂର୍ବରୁ ଦେଇଥିବା ନିର୍ଦ୍ଦେଶକୁ ସର୍ବୋଚ୍ଚ ଅଦାଲତ ବଳବତ୍ତର ରଖିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାଞ୍ଚା ଗାଚିବୋୱଲିରେ ଗୋଟିଏ ବି ଗଛ କଟାଯିବା ଉଚିତ ନୁହେଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୫ରେ ହେବ।

# ମହାମାରୀ ଚୁକ୍ତିରେ ସ୍ୱାକ୍ଷର କଲେ ଡବ୍ଲ୍ୟୁଏଚ୍‌ଓ ସଦସ୍ୟ ଦେଶ

ଜେନେଭା, ୧୬।୪

ଭବିଷ୍ୟତରେ ବିଭିନ୍ନ ମହାମାରୀର ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ସଦସ୍ୟ ଦେଶଗୁଡ଼ିକ ବୁଧବାର ଏକ ଐତିହାସିକ ମହାମାରୀ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। କୋଭିଡ-୧୯ ମହାମାରୀରୁ ଶିଖିବା ସହ ଭବିଷ୍ୟତର ମହାମାରୀ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ସେଦିଗରେ ବିଭିନ୍ନ ପଦକ୍ଷେପଗୁଡ଼ିକ ଏହି ଚୁକ୍ତିରେ ସ୍ଥାନ ପାଇଛି। ସେହିପରି ମହାମାରୀ ସମୟରେ ବିଭିନ୍ନ ଦେଶଗୁଡ଼ିକ କିପରି ନିରପେକ୍ଷ ଭାବରେ ପରସ୍ପର ସହ ଟିକା ବଣ୍ଟନ କରିବେ ତାହା ମଧ୍ୟ ଏହି ଚୁକ୍ତିରେ ଉଲ୍ଲେଖ ରହିଛି।

# ପୋଷାକକୁ ନେଇ ବିବାଦରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି

ୱାଶିଂଟନ, ୧୬।୪

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଯୁଦ୍ଧ ସୋସିଆଲ ମିଡିଆରେ ପହଞ୍ଚିଛି। ଏକ ଖବରଦାତା ସମ୍ମିଳନୀରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ ଲିଭିଟ୍ ପିନ୍ଧିଥିବା ପୋଷାକକୁ ନେଇ ସମାଲୋଚନାର ଶିକାର ହୋଇଛନ୍ତି। ଚାଇନାର କୂଟନୀତିଜ୍ଞ ଝାଙ୍ଗ ଝିଶେଙ୍ଗ ସର୍ବପ୍ରଥମେ କାରୋଲିନଙ୍କୁ ଟାର୍ଗେଟ କରି ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। କାରୋଲିନ କରିଥିବା ଏକ ଖବରଦାତା ସମ୍ମିଳନୀର ଫଟୋକୁ ଶେୟାର କରି ଝିଶେଙ୍ଗ ଲେଖିଥିଲେ, ହ୍ୱାଇଟ ହାଉସ ପ୍ରେସ୍ ସେକ୍ରେଟାରି ଚାଇନାରେ ତିଆରି (ମେଡ୍ ଇନ୍ ଚାଇନା) ପୋଷାକ ପିନ୍ଧିଛନ୍ତି। ଚାଇନା ସହ ବାଣିଜ୍ୟିକ ସମ୍ପର୍କକୁ ନେଇ ଟ୍ରମ୍ପ ପ୍ରଶାସନର ବୟାନବାଜି ଦୈନନ୍ଦିନ ବାସ୍ତବତାଠାରୁ ବହୁ ଦୂରରେ ଥିବା ସେ କହିଛନ୍ତି। କାରୋଲିନ ପିନ୍ଧିଥିବା ପୋଷାକରେ ଲାଗିଥିବା ଫିତା ଚାଇନାର ମାବୁରେ ଥିବା ଏକ କାରଖାନାରେ ନିର୍ମିତ ହୋଇଥିବା ନେଇ ଇଣ୍ଡୋନେସିଆର ଡେନ୍‌ପାସର ସହରରେ କନ୍‌ସୁଲ ଜେନେରାଲ ଅଫ୍ ଚାଇନା ଭାବେ କାର୍ଯ୍ୟରତ ଝିଶେଙ୍ଗ ନିଜ ପୋଷ୍ଟରେ ଦାବି କରିଛନ୍ତି। ଝିଶେଙ୍ଗଙ୍କ ପୋଷ୍ଟ ପରେ କାରୋଲିନଙ୍କ ପୋଷାକକୁ ନେଇ ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଚାଇନାର ୟୁଜର୍ସମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଉଛନ୍ତି।


କାରୋଲିନ ଲିଭିଟ୍

# ସିଦ୍ଧାରାମୈୟାଙ୍କୁ ହାଇକୋର୍ଟଙ୍କ ନୋଟିସ

### ଏମ୍‌ୟୁଡିଏ ଦୁର୍ନୀତି ମାମଲା

ବେଙ୍ଗାଲୁରୁ, ୧୬।୪

କର୍ନାଟକର ମହୀଶୂର ଅର୍ବାନ ଡେଭଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲାର ତଦନ୍ତଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ଥାନାନ୍ତର କରିବା ପାଇଁ ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀ ସ୍ନେହମୟୀ କୃଷ୍ଣାଙ୍କ ଆବେଦନ ଉପରେ ବୁଧବାର କର୍ନାଟକ ହାଇକୋର୍ଟ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଓ ତାଙ୍କ ସ୍ତ୍ରୀ ପାର୍ବତୀ ବି. ଏମ୍.ଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଦୁର୍ନୀତି ମାମଲାର ତଦନ୍ତଭାର ଲୋକାୟୁକ୍ତ ପୋଲିସଠାରୁ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ଆବେଦନକାରୀ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ଏମ୍‌ୟୁଡିଏ ଦ୍ୱାରା ପାର୍ବତୀଙ୍କୁ କରାଯାଇଥିବା ୧୪ଟି ପ୍ଲଟ୍ ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସିଦ୍ଧାରାମୈୟାଙ୍କ ବିରୋଧରେ ଅଭିଯୋଗ ରହିଛି।



# ‘ଡନ୍ ୩’: ରଣବୀରଙ୍କ ବିପକ୍ଷରେ ଶର୍ବରୀ

ମୁମ୍ବାଇ

ଫିଲ୍ମନିର୍ମାତା ତଥା ଅଭିନେତା ଫରାନ ଅଖତରଙ୍କ ‘ଡନ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ସିକ୍ୱେଲ ‘ଡନ୍ ୩’ ଗତ କିଛି ବର୍ଷ ଧରି ଚର୍ଚ୍ଚାରେ ରହି ଆସିଛି। ବୁଧବାର ଏହି ଫିଲ୍ମକୁ ନେଇ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଫିଲ୍ମର କାଷ୍ଟରେ ପରିବର୍ତ୍ତନ ହୋଇଛି। ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ବଦଳରେ ଅଭିନେତ୍ରୀ ଶର୍ବରୀ ୱାଘ୍‌ଙ୍କର ‘ଡନ୍ ୩’ ଫିଲ୍ମରେ ଏଣ୍ଟ୍ରି ହୋଇଛି। ଏହାସହ ଶର୍ବରୀ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିବେ ବୋଲି ସ୍ପଷ୍ଟ ହୋଇଛି।

ପୂର୍ବରୁ ‘ଡନ୍୩’ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ କିଆରା ନଜରକୁ ଆସିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଗତ ଫେବୃଆରୀରେ କିଆରା ଗର୍ଭବତୀ ଥିବା ନେଇ ସୂଚନା ଦେଇଥିଲେ। ଫଳରେ ଏହି ଫିଲ୍ମରେ କିଆରାଙ୍କ ବଦଳରେ ଶର୍ବରୀଙ୍କୁ ମୁଖ୍ୟ ଅଭିନେତ୍ରୀ ଭାବେ ଚୟନ କରାଯାଇଥିବା ନେଇ ଫିଲ୍ମନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

ପୂର୍ବରୁ ‘ଡନ୍’ ଫ୍ରାଞ୍ଚାଇଜ୍‌ର ୨ଟି ସିକ୍ୱେଲ ‘ଡନ୍’ ୨୦୦୬ରେ ଏବଂ ‘ଡନ୍ ୨’ ୨୦୧୧ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ଶାହାରୁଖ ଖାନ୍ ଓ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମୁଖ୍ୟ ଭୂମିକାରେ ନଜରକୁ ଆସିଥିଲେ। ‘ଡନ୍ ୩’ ଫିଲ୍ମରେ ଶାହାରୁଖଙ୍କ ବଦଳରେ ରଣବୀର ସିଂ ମୁଖ୍ୟ ଅଭିନେତା ଭାବେ ନଜରକୁ ଆସିବେ ବୋଲି ବହୁ ପୂର୍ବରୁ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଫରାନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ‘ଡନ୍ ୩’ ଫିଲ୍ମ କେବେ ରିଲିଜ୍ ହେବ ଏବଂ ଏହାର ଶୁଟିଂ କେବେ ଆରମ୍ଭ ହେବ ସେନେଇ ବର୍ତ୍ତମାନ ସୁଦ୍ଧା ସୂଚନା ମିଳିନାହିଁ।

DADLS - 14



ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
ତା.୧୭.୦୪.୨୦୨୫

ସକାଳ ୧୦ ଘଟିକା - ଓଡ଼ିଶା ବିଧାନସଭା ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ


ସନ୍ଧ୍ୟା ୬.୩୦ ମିନିଟ୍ – ଜୟଦେବ ଭବନ, ଭୁବନେଶ୍ୱର
ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ

ଭଜନ ସମାରୋହ
"କଳିଙ୍ଗ ଭାରତୀ ଲୋକନୃତ୍ୟ ଏବଂ ସଙ୍ଗୀତ ଗବେଷଣା କେନ୍ଦ୍ର" ତରଫରୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ, ଗୁରୁ ଶ୍ରୀ ବିଜୟ କୁମାର ଜେନା, ହରପ୍ରିୟା ସ୍ୱାଇଁ, ସୁଶାନ୍ତ ପଣ୍ଡା, ରଶ୍ମିତା ଦାଶ, ଅନିରୁଦ୍ଧ ପାଣି, ବସୁନ୍ଧରା ପରିଡ଼ା ଏବଂ ଦିବ୍ୟ ଶଙ୍କର ପାଲଙ୍କ ଭକ୍ତି ସଙ୍ଗୀତ ପରିବେଷଣ।

ସାନ୍ଧ୍ୟ ସମାରୋହରେ ଯୋଗଦେଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ନିବେଦନ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0544/2526




# ରାଜ୍ୟରେ ଆସିଛି ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

## ବାରିପଦାରେ ପିଏମ୍ ବିଶ୍ୱକର୍ମା ଓ ଜାତୀୟ ଏସ୍‌ସି,ଏସ୍‌ଟି ହବ୍ କନ୍‌କ୍ଲେଭ୍

ବାରିପଦା,୧୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ଶିଳ୍ପ ବିପ୍ଳବ ଆସିଛି। ଓଡ଼ିଶାକୁ ସମୃଦ୍ଧ ଓ ସଶକ୍ତ କରିବା ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। କୌଳିକ ବୃତ୍ତିକୁ ଆପଣାଇ ଜୀବନଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଉଦ୍ୟୋଗୀ କରିବା ପାଇଁ ପ୍ରୟାସ ଜାରି ରହିଛି। ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରାଯାଇ କାରିଗରଙ୍କ ବୃତ୍ତିକୁ ଉଦ୍ୟୋଗରେ ପରିଣତ କରିବାର କୌଶଳକୁ ତ୍ୱରାନ୍ୱିତ କରାଯାଇଛି । ଫଳରେ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କ ଆର୍ଥିକ ବିକାଶର ଅଭିବୃଦ୍ଧି ଘଟିବ ବୋଲି ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ପିଏମ୍ ବିଶ୍ୱକର୍ମା ଏବଂ ଜାତୀୟ ଏସ୍‌ସି-ଏସ୍‌ଟି ହବ୍' କନ୍‌କ୍ଲେଭ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନ୍‌ଭୋକେସନ ହଲ୍‌ରେ ବୁଧବାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଜାତୀୟ ଏସ୍‌ସି-ଏସଟି ହବ୍ ଏବଂ ଏମ୍‌ଏସ୍‌ଏମଇ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ଏମ୍‌ଏସ୍‌ଏମଇ ମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଯୋଗଦେଇ ଓଡ଼ିଶା ସମେତ ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁଥିରେ ଅନ୍ୟାନ୍ୟ ବିଷୟ ସହିତ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ, ଉଦ୍ୟୋଗ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କ୍ରୟ ଏବଂ ବିପଣନ ସହାୟତା ଯୋଜନା ଓ ଅନ୍ତର୍ଜାତୀୟ ସହଯୋଗ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜାଲୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ମିଳନୀରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଓ ଅନ୍ୟମାନେ।

# ପାରମିତା ଶତପଥୀ ତ୍ରିପାଠୀ ନୂଆ ପ୍ରଧାନ ମୁଖ୍ୟ ଆୟକର କମିଶନର



ଭୁବନେଶ୍ୱର,୧୬।୪
(ଅନୁରାଧା ମହାରଣା)

୧୯୮୯ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ପାରମିତା ଶତପଥୀ ତ୍ରିପାଠୀ ବୁଧବାର ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ଆୟକର ବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରିବା ସହ ୬ ବର୍ଷ ଧରି ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି)ର ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହ ସେ ମଧ୍ୟ ଜଣେ ସୁଲେଖିକା ଏବଂ ଔପନ୍ୟାସିକା ଭାବେ ସୁପରିଚିତା। ତାଙ୍କ ସାହିତ୍ୟକୃତି ପାଇଁ ପାରମିତା ୨୦୦୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୬ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୨୧ରେ ଶାରଳା ପୁରସ୍କାର ସମେତ ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ସେ ପ୍ରଧାନ ମୁଖ୍ୟ ଆୟକର କମିଶନର ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ କରଦାତାଙ୍କ ସୁବିଧାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ମୁକୁଳିଲେ ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର

## ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ, ୨ ପୁଅଙ୍କୁ ପୋଡ଼ି ଘଟଣା

କେନ୍ଦୁଝର/ଆନନ୍ଦପୁର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ/ ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ମନୋହରପୁରର ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ପୋଡ଼ି ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ(୫୦) ବୁଧବାର କେନ୍ଦୁଝର କାରାଗାରରୁ ମୁକୁଳିଛନ୍ତି। ମହେନ୍ଦ୍ରଙ୍କୁ ଜେଲ ଅବଧି ପୂର୍ବରୁ (ପ୍ରିମାଚ୍ୟୁର ରିଲିଜ) ଆଦେଶ ବଳରେ ମୁକ୍ତି ମିଳିଛି। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲର ମନସ୍ୱିନୀ ନାଏକ କହିଛନ୍ତି। ଏଥିସହ ପାରିଶ୍ରମିକ ବାବଦକୁ ମହେନ୍ଦ୍ର ହେମ୍ବ୍ରମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯାଇ ତାଙ୍କୁ ବ୍ୟାଙ୍କ ପାସ୍‌ବୁକ୍ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୨୨ ବିଳମ୍ବିତ ରାତିରେ ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟୁଆର୍ଟ ଷ୍ଟେନ୍ସ ଓ ତାଙ୍କର ୨ ଶିଶୁ ପୁତ୍ର ଫିଲିପ୍ ଓ ଟିମୋଥି ଏକ ଗାଡ଼ିରେ ଶୋଇଥିବା ସମୟରେ ଦାରା ସିଂହ ଓ ତାଙ୍କ ସହଯୋଗୀମାନେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରେ ଷ୍ଟେନ୍ସ ଓ ତାଙ୍କ ୨ ପୁତ୍ର ମୃତ୍ୟୁବରଣ କରିଥିଲେ। ଘଟଣାରେ ମନୋହରପୁର ଗ୍ରାମର ମହେନ୍ଦ୍ର ହେମ୍ବ୍ରମ ୧୯୯୯ରେ ଗିରଫ ହୋଇଥିବା ବେଳେ ଦାରା ସିଂ ୩୧ ଜାନୁଆରୀ ୨୦୦୦ରେ ଗିରଫ ହୋଇଥିଲେ। ଏମାନଙ୍କ ସହ ଆହୁରି ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ୧୧ ଜଣ ହାଇକୋର୍ଟରୁ ମୁକ୍ତି ପାଇଥିଲେ। ରବୀନ୍ଦ୍ର କୁମାର ପାଲ ଓରଫ ଦାରା ସିଂଙ୍କୁ ସେପ୍ଟେମ୍ବର ୨୦୦୩ରେ ଭୁବନେଶ୍ୱର ସିବିଆଇ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ୨୦୦୫ରେ ହାଇକୋର୍ଟ ମୃତ୍ୟୁ ଦଣ୍ଡାଦେଶକୁ କୋହଳକରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ସେବେଠାରୁ ଦାରା ସିଂ ବନ୍ଦୀ ଭାବେ କେନ୍ଦୁଝର ଜେଲରେ ଅଛନ୍ତି। ମହେନ୍ଦ୍ର ଭୁବନେଶ୍ୱର ଝାରପଡ଼ା ଜେଲରେ ବିଚାରାଧୀନ ଥିବାବେଳେ ଅଦାଲତ ୨୨ ସେପ୍ଟେମ୍ବର ୨୦୦୩ରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପ୍ରଥମେ ତାଙ୍କୁ ଝାରପଡ଼ା ପରେ ଜାମୁଝରୀ ମୁକ୍ତାକାଶ ଜେଲ, କଟକ, ବ୍ରହ୍ମପୁର, ବାରିପଦା, ଆନନ୍ଦପୁର ସବ୍‌ଜେଲରେ ରହିଥିଲେ। ୨୮ ସେପ୍ଟେମ୍ବର ୨୦୧୧ରୁ କେନ୍ଦୁଝର ଜେଲରେ ବନ୍ଦୀ ଭାବେ ଥିଲେ। ଜେଲରେ ଆଚରଣ ଏବଂ ଉଚ୍ଚାରଣ ତଥା ଜୀବନଶୈଳୀ ସୁଧାର ଆସିଥିବା ବନ୍ଦୀଙ୍କୁ ଖଲାସ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ସରକାରଙ୍କ ଗୃହ ଓ ଆଇନ ବିଭାଗର ପରାମର୍ଶକ୍ରମେ ସରକାରଙ୍କ ନିକଟକୁ ମହେନ୍ଦ୍ର ହେମ୍ବ୍ରମଙ୍କ ମୁକ୍ତି ପାଇଁ ପ୍ରସ୍ତାବ ପଠାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଗୃହୀତ ହେବା ପରେ ବୁଧବାର ଦୀର୍ଘ ୨୫ ବର୍ଷ ପରେ ସେକ୍ସନ୍ ୪୩୨ ଅଫ୍ କ୍ରିମିନାଲ ପ୍ରସିଡିୟୋର ୧୯୭୩(ଆକ୍ଟ ୨ ଅଫ୍ ୧୯୭୪)/ସେକ୍ସନ୍ ୪୭୩ ଅଫ୍ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍), ୨୦୨୩ (ଆକ୍ଟ ନଂ. ୪୫ ଅଫ୍ ୨୦୨୩) ଅନୁଯାୟୀ ମହେନ୍ଦ୍ର ଜେଲରୁ ମୁକୁଳିଥିବା ଜଣାପଡ଼ିଛି। ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦକ ଆଇନଜୀବୀ କେଦାର ଦାଶ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବହୁ ଆଗରୁ ତାଙ୍କୁ ଛଡ଼ାଯିବାର ଥିଲା। ଏବେ ସରକାର ଦାରା ସିଂଙ୍କୁ ଛାଡ଼ିବା ପାଇଁ ପଦକ୍ଷେପ ନେବେ ବୋଲି ଆଶା ରଖିଥିବା ସେ କହିଛନ୍ତି।


କେନ୍ଦୁଝର କାରାଗାର ସମ୍ମୁଖରେ ଜେଲ କର୍ତ୍ତୃପକ୍ଷଙ୍କ ସହ ମହେନ୍ଦ୍ର ହେମ୍ବ୍ରମ୍।

# ହାଇକୋର୍ଟରେ ୨୦୨୩ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲାର ଅନ୍ତ

## ଆବେଦନକାରୀଙ୍କୁ ୧୦ ହଜାର ଜରିମାନା

କଟକ,୧୬।୪ (କାର୍ତ୍ତିକ ସାହୁ)

୨୦୨୩ ମସିହାର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ ରୁଜୁ ମାମଲାରେ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି ହାଇକୋର୍ଟ। ତଥ୍ୟ ପ୍ରମାଣ ନ ଥାଇ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନକାରୀ ପୁରସ୍କାର ପାଇବା ପାଇଁ ସମ୍ପୃକ୍ତ ସରକାରୀ ମନ୍ତ୍ରଣାଳୟରୁ ଚିଠି ପାଇଥିବା ନେଇ କୌଣସି ତଥ୍ୟ କୋର୍ଟରେ ଉପସ୍ଥାପନ କରିପାରିଲେ ନାହିଁ। ଫଳରେ ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଏଥିସହ ଜରିମାନା ଅର୍ଥ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ମାମଲାର ବିବରଣୀ ଅନୁଯାୟୀ, ଅନ୍ତର୍ଯ୍ୟାମୀ ମିଶ୍ର ସମାନ ନାମ ଯୋଗୁ ଭୁଲ୍ ବ୍ୟକ୍ତି ପୁରସ୍କାର ପାଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାରେ ଦର୍ଶାଯାଇଥିଲା। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଆବେଦନକାରୀ ଉକ୍ତ ପଦ୍ମଶ୍ରୀ ପୁରସ୍କାରର ଦାବିଦାର ବୋଲି ଆବେଦନରେ ଦର୍ଶାଇଥିଲେ। ସେ ୨୦୨୩ ମାର୍ଚ୍ଚ ୨୯ରେ ଏନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସେ ଦର୍ଶାଇଛନ୍ତି ଯେ, ସେ ଜଣେ ଡାକ୍ତର ଓ ଓଡ଼ିଆ ଭାଷାର ସାହିତ୍ୟିକ। ସେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରାୟ ୨୯ଟି ପୁସ୍ତକ ରଚନା କରିଛନ୍ତି। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଏହି ଅବଦାନ ଯୋଗୁ ତାଙ୍କ ନାମ ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଅପରପକ୍ଷରେ ପ୍ରତିପକ୍ଷ ପଦ୍ମଶ୍ରୀ ପାଇଥିବା ଅନ୍ତର୍ଯ୍ୟାମୀ ମିଶ୍ର ପେସାରେ ଜଣେ ସାମ୍ବାଦିକ, ହେଲେ ସେ କୌଣସି ପୁସ୍ତକ ରଚନା କରିନାହାନ୍ତି। ତେଣୁ ସରକାର ଏ ଦିଗରେ ସ୍ପଷ୍ଟ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହି ମାମଲାରେ କେନ୍ଦ୍ର ସରକାର, ପ୍ରତିପକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ହାତୀ ଆକ୍ରମଣରେ ୨ ମହିଳା ମୃତ

ଗାଇସିଲେଟ୍,୧୬।୪ (ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ପଦ୍ମପୁର ବନାଞ୍ଚଳ ଅଧୀନ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଟୁର୍ଙ୍ଗା ଗ୍ରାମରେ ବୁଧବାର ସକାଳେ ହାତୀ ଆକ୍ରମଣରେ ୨ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର କେତକୀ ସାହୁ(୪୮) ଏବଂ କୁମୁଦିନୀ ସାହୁ (୪୫)। ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବା ବେଳେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ କୁମୁଦିନୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ବୁଧବାର ସକାଳେ କେତକୀ ଏବଂ କୁମୁଦିନୀ ସକାଳୁ ମହୁଲ ଗୋଟାଇବା ପାଇଁ ନିଜ କ୍ଷେତକୁ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବାବେଳେ କୁମୁଦିନୀ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏ ନେଇ ବନ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କେତକୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ସେହିପରି କୁମୁଦିନୀଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ବରଗଡ଼ ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ, ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର କୁମାର ଭୋଇ, ରେଞ୍ଜର ସୁଦାମ ଜଗଦଲା ଏବଂ ଗାଇସିଲେଟ ଥାନାଧିକାରୀ ହରିଶଙ୍କର ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରକାରଙ୍କ ତରଫରୁ ଉଭୟ ମୃତକଙ୍କ ପରିବାର ଲୋକଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୮ଟା ୩୦।
- ଉପ ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ଣ ୫ଟା ୩୦।
- ଇନର୍ ଇଞ୍ଜିନିୟରିଂ କାର୍ଯ୍ୟକ୍ରମର ନିଃଶୁଳ୍କ ପରିଚୟ ଅଧିବେଶନ, ସ୍ଥାନ: ଓଏଏସ୍‌ଏ ଭବନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪୩ନଂ ୱାର୍ଡର ସୁନ୍ଦରାପାଟଣା– ରୁଦ୍ରପୁର ଗ୍ରାମର ମା ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ, ସମୟ: ରାତି ୭ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ବାଳିବଧ' ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସୀତା ଠାବ ଓ ଲଙ୍କା ପୋଡ଼ି' ସ୍ଥାନ: ରାମଲୀଳା ପଡ଼ିଆ ବେଣୁପୁର, ସମୟ: ରାତି ୧୧ଟା ୩୦।

**ପୁରୀ**

- ବିଜୁ ସ୍ମୃତି କମିଟି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ, ସ୍ଥାନ: ସତ୍ୟବାଦୀ ବ୍ଲକ ଛକ ବାଟ ମହାବୀର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।

**ବାଲେଶ୍ୱର**

- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ପୋଷଣ ପକ୍ଷ–୨୦୨୫, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଫକୀର ମୋହନ ପ୍ରିମିୟର ଲିଗ୍ ସିଜନ–୩, ସ୍ଥାନ: କଲେଜ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ଣ ୩ଟା।

**ଭଦ୍ରକ**

- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ଣ ୩ଟା।
- ଆଙ୍ଗୁଡ଼େଶ୍ୱରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**

- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି–୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ସହିତ ରଘୁନାଥ ଏମ୍‌ଜିସି ଟିମର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ଅପରାହ୍ଣ ୪ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢାରାଉଳ ମଠ ସନ୍ନିକଟ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା
- ନାଟ୍ୟ ମହୋତ୍ସବର ନାଟକ 'କଏଦୀ ନମ୍ବର ୩୦୨', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**

- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ ସଭା,ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ଣ ୫ଟା।

**ଗଞ୍ଜାମ**

- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଆସିକା କଳିଙ୍ଗା ରୋଡସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।

**ଢେଙ୍କାନାଳ**

- ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ଣ ୧୧ଟା।

**ଜଗତ୍‌ସିଂହପୁର**

- ପାରାଦୀପ ନଗର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ବିଜୁ ପାର୍କ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ଟା୩୦।

**କେନ୍ଦ୍ରାପଡ଼ା**

- ଶ୍ରୀମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ମା' ନଉଳକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**

- ଅଷ୍ଟ ପ୍ରହର ଓ ନାମଯଜ୍ଞର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ହରିସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ପଣା ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ଣ ୫ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶେଷ ଦିବସରେ ପାଣିଖେଳ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**

- ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବୈଠକ, ସ୍ଥାନ: ବିଜେଡି କାର୍ଯ୍ୟାଳୟ ରାୟଗଡ଼ା, ସକାଳ: ୯ ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟୁରିଗୁଡା ଉଚ୍ଚ ବିଦ୍ୟାଳୟ, ବୋରିଖୋଲ ବିଦ୍ୟାଳୟ, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ଣ ୧୦ ଟା।

**ନବରଙ୍ଗପୁର**

- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟସ୍ଥିତ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ଣ ୫ଟା।

**କୋରାପୁଟ**

- ବିଧାୟକଙ୍କ ଦ୍ୱାରା ନୂତନ ଆମ୍ବୁଲାନ୍ସ ଉଦ୍‌ଘାଟନ, ସ୍ଥାନ: କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ଣ ୧୦ ଟା।
- ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନସିପ୍‌ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ସମ୍ବଲପୁର**

- ଜିଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୯ଟା ୩୦।
- ଶ୍ରୀଶ୍ରୀ ପଣ୍ଡିତ ମହାସଭାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ପୂର୍ବାହ୍ଣ ୧୦ଟା।
- ୩୪ତମ ୨୪ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳା କିର୍ତ୍ତନ ବୈଠକୀ, ସ୍ଥାନ : ଦୁର୍ଗାପାଲି କାନିୟୁରୀ, ସମୟ : ଅପରାହ୍ଣ ୫ଟା।

**ରାଉରକେଲା**

- ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି, ପଦ୍ମପୁର, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।

**ବୌଦ୍ଧ**

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିନ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

**ଦେବଗଡ଼**

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଦେବଗଡ଼ ଡିଭିଜନ ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

**ସୁବର୍ଣ୍ଣପୁର**

- ମାରୁତି ହନୁମାନଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପୂଜା ଓ ହୋମ, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୭ଟା।
- ତିରୋଧାନ ଦିବସରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୭ଟା୩୦।
- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାମ ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି, ସ୍ଥାନ: ତରଭା ହାଟପଦା ସ୍ଥିତ କ୍ଲବ ଘର, ସମୟ: ସନ୍ଧ୍ୟା ୭ଟା।

**ଝାରସୁଗୁଡ଼ା**

- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଲେଇ ନାମ ମଣ୍ଡପ, ସମୟ: ସକାଳ ୮ଟା। ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବଡ଼ମାଲ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ୧୬ ପ୍ରହର ନାମ ସଂକୀର୍ତ୍ତନ ସମାପନ, ସ୍ଥାନ: ପଞ୍ଚଗାଁ ନାମ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ପର୍କ ସେତୁ ଉଦ୍‌ଘାଟନ, ସ୍ଥାନ: ଭିକମପାଲି ସ୍କୁଲ ପଡ଼ିଆ, ସମୟ: ଅପରାହ୍ଣ ୩ଟା।

# ଇଣ୍ଡିଆ ମେଣ୍ଟ ସଂକଳ୍ପକୁ ଅଧିକ ସଶକ୍ତ କରିବା ଆବଶ୍ୟକ: ଅଖିଳେଶ

**ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)**

- **ସାମାଜିକ ନ୍ୟାୟର ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର**
- **ଭାଜପା ବିଷୟରେ କହିବାକୁ ଅଖିଳେଶଙ୍କ ନୈତିକ ଅଧିକାର ନାହିଁ: ମନମୋହନ**

ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଅଚାନକ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଏହି ଗସ୍ତ କାଳରେ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିବା ସହିତ ଏକ ଖବରଦାତା ସମ୍ମିଳନୀ ମଧ୍ୟ କରିଛନ୍ତି। ଏହି ଅବସରରେ ଅଖିଳେଶ ସାମାଜିକ ନ୍ୟାୟ ବିଷୟରେ କହିବା ସହିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଅଖିଳେଶଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପାଲଟା ଜବାବ ଦେଇଛନ୍ତି। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

ଅଖିଳେଶ ବୁଧବାର ଦ୍ୱିପହର ସମୟରେ ଭୁବନେଶ୍ୱରସ୍ଥିତ ଶ୍ରୀକାନ୍ତଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କିଛି ସମୟ ଶ୍ରୀକାନ୍ତଙ୍କ ଘର ଭିତରେ ଆଲୋଚନା ହେବା ପରେ ଅଖିଳେଶ ଖବରଦାତା ସମ୍ମିଳନୀ କରିଥିଲେ। ଏହି ଅବସରରେ ସେ କହିଛନ୍ତି, କିଛିଦିନ ତଳେ ତାଙ୍କର ଶ୍ରୀକାନ୍ତଙ୍କ ସହ ଭେଟ ହୋଇଥିଲା। ତାଙ୍କର ଯେଉଁ ଚିନ୍ତା ରହିଛି, ତାହା ଏସ୍‌ପି କରିବାକୁ ଚେଷ୍ଟା କରୁଛି। ଏଠାକୁ ଆସିବା ଆଗରୁ ସିପିଆଇ, ସିପିଏମ୍, ଆର୍‌ଜେଡି ଆଦି ଦଳର ନେତାମାନେ ତାଙ୍କୁ ଭେଟିଥିଲେ। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଛି। ସମୟ ଥିଲା ସେମାନେ ଜନଗଣନା ପ୍ରସଙ୍ଗରେ କଂଗ୍ରେସ ସହିତ ଲଢୁଥିଲେ। ଏବେ ଖୁସି ଲାଗୁଛି, କଂଗ୍ରେସ ସେହି କଥାକୁ ସ୍ୱୀକାର କରୁଛି ଜନଗଣନା ହେବା ଦରକାର। ସାମାଜିକ ନ୍ୟାୟ ବିନା ଜନଗଣନା ସମ୍ଭବ ନୁହେଁ। ସାମାଜିକ ନ୍ୟାୟ କଥା ଉଠାଇ ଶ୍ରୀକାନ୍ତ ଏଠାରେ ଲୋକତନ୍ତ୍ରକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ସାମାଜିକ ନ୍ୟାୟଭିତ୍ତିକ ରାଜ୍ୟ ସ୍ଥାପନ କରିବା ଲକ୍ଷ୍ୟ ରହିବା ଦରକାର। ଆଦିବାସୀ, ଦଳିତ, ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ନିକଟରେ ଏକ ଚିଠି ଲେଖିଥିଲେ। ଲଢ଼େଇ ବହୁତ ବଡ଼। ହେଲେ ଆମେ ଉତ୍ତରପ୍ରଦେଶ ଲୋକଙ୍କୁ ଜାଗ୍ରତ କରିବାରେ ସଫଳ ହେଲୁଣି। ଏଠି ଏତେଗୁଡିଏ ଦଳ, ସଙ୍ଗଠନକୁ ସାଙ୍ଗରେ ପାଇବା ପରେ ଲାଗୁଛି, ଏହି ଲଢ଼େଇ ଏକାଠି ଲଢ଼ିହେବ। ଓଡ଼ିଶାକୁ ଏହା ପ୍ରଥମ ଯାତ୍ରା ନୁହେଁ। ନନ୍ଦନକାନନରେ ଏକ ବାଘର ମୃତ୍ୟୁ ଘଟଣାରେ ସେ ଏଠାକୁ ଆସିଥିଲେ।


ଅଖିଳେଶ ଯାଦବ

ସାମାଜିକ ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର। ୟୁପିରେ ବହୁମାତ୍ରାରେ ଭେଦଭାବ ରହିଛି। ଓଡ଼ିଶାରେ ମଧ୍ୟ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଦଳିତଙ୍କୁ ସମାନ ଅଧିକାର ମିଳିବା ଦରକାର ବୋଲି ଅଖିଳେଶ କହିଛନ୍ତି। ସେ ଆହୁରି କହିଛନ୍ତି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବୁଛନ୍ତି, ପୋଷାକ ପିନ୍ଧିକି ଜଣେ ଯୋଗୀ ହୋଇଯିବେ। ହେଲେ ବହୁଥର ଆଗରୁ କହିଛି, ଆମର ସବୁଠାରୁ ବଡ଼ ଧାର୍ମିକ ଗ୍ରନ୍ଥ ଗୀତା। ଯିଏ ପରର ଦୁଃଖକୁ ନିଜର ବୋଲି ଭାବେ, ସେ ସବୁଠୁ ବଡ଼ ଯୋଗୀ। ଆମ ମୁଖ୍ୟମନ୍ତ୍ରୀ ଜଣେ ଅଣ୍ଡା ଅଟନ୍ତି। ତାଙ୍କଠାରୁ ଅଧିକ କ'ଣ ଆଶା କରାଯିବ। ଉତ୍ତରପ୍ରଦେଶ ଯୋଗୁ ନରେନ୍ଦ୍ର ମୋଦି ୩ ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ହେଲେ ବଜେଟ୍ ଆସିବା ବେଳକୁ ଉତ୍ତରପ୍ରଦେଶ ସହିତ ଭେଦଭାବ ହେଉଛି। ଓଡ଼ିଶାରେ ଇଞ୍ଜିନ କିପରି ଚାଲିଛି, ସେକଥା ଜଣାନାହିଁ। ୟୁପିରେ ଡବଲ ଇଞ୍ଜିନ ପରସ୍ପର ସହିତ ଧକ୍କା ଲାଗୁଛନ୍ତି। ଏବେ ଇଞ୍ଜିନ ସହିତ ଡବା ବି ଧକ୍କା ଲାଗୁଛି। ଇଡି ଏବେ ଯେଉଁ ଚଢ଼ାଉ କରୁଛି, ସେହି କଥା ପୂର୍ବରୁ ଆମେ କହିଛୁ। କଂଗ୍ରେସ ସରକାରରେ ଥିବାବେଳେ ଇଡି ଆଇନ ଆଣିଥିଲା। ସେତେବେଳେ ଆମେ କହିଥିଲୁ, ଏହାଦ୍ୱାରା ହଇରାଣ ହେବାକୁ ପଡ଼ିବ। ବହୁ ଦଳ ଏହାକୁ ବିରୋଧ କରି ସେତେବେଳେ କହିଥିଲେ, ଏହି ଆଇନ ଯୋଗୁ କଂଗ୍ରେସକୁ ମଧ୍ୟ ହଇରାଣ ହେବାକୁ ପଡ଼ିପାରେ। ମହାରାଷ୍ଟ୍ରରେ ଯେଉଁ ନେତାମାନେ ଭାଜପା ବିରୋଧରେ ଥିଲେ, ସମସ୍ତଙ୍କୁ ସିବିଆଇ, ଇଡି ଲଗାଇ ହଇରାଣ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସୀମା ପୁନଃନିର୍ଦ୍ଧାରଣ ନେଇ ଯେଉଁ ଆଭିମୁଖ୍ୟ ରଖିଛନ୍ତି, ସେଥିରେ ଆମେ ସହମତ। ଭାଜପା ସୀମା ପୁନଃନିର୍ଦ୍ଧାରଣ ନେଇ ଏପରି ଫର୍ମୁଲା ଆଣିବ, ଯାହା କାହାକୁ ଜଣା ନ ଥିବ। କିପରି ବିରୋଧୀଙ୍କ ନିର୍ବାଚନମଣ୍ଡଳୀରେ ସମସ୍ୟା ସୃଷ୍ଟି ହେବ ସେନେଇ ଭାଜପା ଚେଷ୍ଟା କରିବ।

ଅଖିଳେଶଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ଭାଜପା ରାଜ୍ୟ ସଭାପତି ମନମୋହନ କହିଛନ୍ତି, ଅଖିଳେଶ ବିରୋଧୀ ମେଣ୍ଟର ଜଣେ ଅଂଶୀଦାର। ଅଖିଳେଶଙ୍କ ଶାସନକୁ ଉତ୍ତରପ୍ରଦେଶ ଲୋକ ଦେଖିଛନ୍ତି। ଅଖିଳେଶ ଶାସନର ୫ ବର୍ଷ ଭିତରେ ସେଠାରେ ଅରାଜକତା ସୃଷ୍ଟି କଲେ, ଆଇନଶୃଙ୍ଖଳା ଖରାପ ସ୍ଥିତିକୁ ନେଲେ। ୟୁପିରେ ଆତଙ୍କରାଜ ଚାଲିଲା। ସେଠାରେ ପାତରଅନ୍ତର ନୀତି ଆରମ୍ଭ କରିବାରୁ ଲୋକେ ତାଙ୍କୁ ଶାସନରୁ କାଢ଼ିଲେ। ସେଥିଲାଗି ଭାଜପା ବିଷୟରେ କହିବାକୁ ତାଙ୍କର ନୈତିକ ଅଧିକାର ନାହିଁ ବୋଲି ମନମୋହନ କହିଛନ୍ତି।

# କିମ୍ସରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

କିମସ୍‌ରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ଜଟିଳ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି। ନିକଟରେ ହୃତ୍‌ପିଣ୍ଡର ବାମ ଭାଗରେ ଗମ୍ଭୀର ମିଟ୍ରାଲ ଭଲ୍‌ଭ ଷ୍ଟେନୋସିସ୍ ରୋଗରେ ପୀଡିତ ଜଣେ ୫୪ ବର୍ଷୀୟ ରୋଗୀଙ୍କଠାରେ ଏହି ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମିନିମାଲିଇନ୍‌ଭେସିଭ ମିଟ୍ରାଲ ଭାଲ୍‌ଭ ଲଗାଯାଇଛି। କିମସ୍‌ର ହୃଦରୋଗ ସର୍ଜନ ଡା. ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି। ସାଧାରଣତଃ ଏଭଳି ଅସ୍ତ୍ରୋପଚାର ପାଇଁ ଷ୍ଟର୍ନମ କାଟିବାକୁ ପଡ଼ିଥାଏ। ଏଥିଯୋଗୁ ପ୍ରାୟତଃ ଅସ୍ତ୍ରୋପଚାର ପରେ ଯନ୍ତ୍ରଣା ହେବା ସହ ଛାତିରେ ଦାଗ ରହିଯାଇଥାଏ। ଏହି ପଦ୍ଧତିରେ ପଞ୍ଜରାଗୁଡ଼ିକୁ ନ କାଟି ପଞ୍ଜରା ମଧ୍ୟରେ ଏକ ଛୋଟ ଛିଦ୍ର କରି ଅସ୍ତ୍ରୋପଚାର କରାଯାଇଥାଏ। ଫଳରେ ଖର୍ଚ୍ଚ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥାଏ। ଏହି କୌଶଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା ଯଥେଷ୍ଟ ହ୍ରାସ କରାଯିବା ସହ ରକ୍ତସ୍ରାବ ମଧ୍ୟ କମ୍ ହୋଇଥାଏ ବୋଲି ଡା. ଅଗ୍ରୱାଲ କହିଛନ୍ତି। ତେବେ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ସମ୍ପୂର୍ଣ୍ଣ ଅଭିଜ୍ଞ ଓ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ଉପକରଣ ଆବଶ୍ୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି।



# ଟନେଲ ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ସଫଳତା ସହ ସରିଲା

**ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)**

ଖୋର୍ଦ୍ଧା–ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ଟନେଲ ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ବୁଧବାର ସଫଳ ଭାବେ କରାଯାଇଛି। ୪,୧୮୫ ମିଟର ଲମ୍ବର ଏହି ରେଳ ସୁଡ଼ଙ୍ଗ ବୌଦ୍ଧ ଜିଲାର ଆଡେଣିଗଡ଼–ଚାରିଛକ ଷ୍ଟେଶନ ମଧ୍ୟରେ ଅବସ୍ଥିତ ଥିବାବେଳେ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା ବ୍ରେକ୍‌ଥ୍ରୁ କାର୍ଯ୍ୟ ଶେଷ ହୋଇଛି। ଓଡ଼ିଶାର ସୁଦୀର୍ଘ ରେଳ ସୁଡ଼ଙ୍ଗ ଭାବେ ଏହା ଇତିହାସ ରଚିଛି। ସୁଡ଼ଙ୍ଗ ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେଶିନ ନିୟୋଜିତ କରାଯାଇଥିଲା, ଯାହା ପୂର୍ବ ଘାଟର ଚ୍ୟାଲେଞ୍ଜିଂ ତଥା ଦୁର୍ଗମ ଭୂଖଣ୍ଡକୁ ନେଭିଗେଟ କରିବା ପାଇଁ ଡିଜାଇନ କରାଯାଇଥିଲା। ୩୦୧ କି.ମି. ଦୀର୍ଘ ଖୋର୍ଦ୍ଧା ରୋଡ୍– ବଲାଙ୍ଗୀର ରେଳ ଲାଇନ୍‌ର ପ୍ରକଳ୍ପରେ ୭୫ କି.ମି. ମଧ୍ୟରେ ୭ଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାକି ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ତେବେ ଟନେଲ ଟି–୪ର ନିର୍ମାଣ କ୍ଷେତ୍ରରେ ଅନେକ ଇଞ୍ଜିନିୟରିଂ ଏବଂ ଲଜିଷ୍ଟିକ ଚ୍ୟାଲେଞ୍ଜଗୁଡିକର ସାମ୍ନା କରିବାକୁ ପଡିଛି। ବିଶେଷକରି ପୂର୍ବଘାଟର କଷ୍ଟକର ଭୂଖଣ୍ଡ ଦେଇ ନିର୍ମାଣ କାର୍ଯ୍ୟ ପ୍ରକଳ୍ପର ସବୁଠାରୁ ଜଟିଳ ଦିଗ ମଧ୍ୟରୁ ଗୋଟିଏ। ଏହି ପ୍ରକଳ୍ପରେ ଗୋଟିଏପଟେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୨୬ କି.ମି. ଅଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ବଡ଼ ଉପଲବ୍ଧି**

ଅବଶିଷ୍ଟ ୭୫ କି.ମି. ମଧ୍ୟରେ ୭ଟି ଟନେଲ ନିର୍ମାଣ ଚାଲିଛି। ଟି–୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଗତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ। ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଅଞ୍ଚଳର ପରିବହନ ତଥା ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ ବୋଲି କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ହେତୁ ମନ ଅନୁଯାୟୀ କୌଣସି କାମ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ବକେୟା ଅର୍ଥପ୍ରାପ୍ତିକୁ କେନ୍ଦ୍ର କରି ବିବାଦର ଅବସାନ ଘଟିବାର ସୂଚନା ରହିଛି। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତ ସମ୍ପର୍କରେ ଟେନସନ୍ ବୃଦ୍ଧି ପାଇପାରେ।

**ବୃଷ** ପାରସ୍ପରିକ ଆପୋସ ଅଲୋଚନାଜନିତ ପାରିବାରିକ ସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଆରମ୍ଭକରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ, ବସ୍ତ୍ରାଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ** ଆଜି ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ସମସ୍ୟା ଭିତରକୁ ଟାଣି ହୋଇଯାଇପାରନ୍ତି। ବଳହୀନ ରାଶ୍ୟାଧିପତି ଅନ୍ୟମାନଙ୍କ ସାହାଯ୍ୟ ନେଇ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି ଗମ୍ଭୀର ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ।

**କର୍କଟ** ଧନାଧିପତି ଉଚ୍ଚସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମସାଧନ, ବିଶିଷ୍ଟବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ଯାନବାହନ କ୍ରୟ ସାଙ୍ଗକୁ କଳକାରଖାନା, ଫ୍ଲାଟ୍ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକଙ୍କ ବେପରୁଆ ମନୋଭାବରୁ କ୍ଷୁବ୍ଧ ହେବେ। ସ୍ୱାସ୍ଥ୍ୟସମସ୍ୟା ବିଗିଡିଯାଇପାରେ।

**ସିଂହ** ଶିକ୍ଷା, ସନ୍ତାନ, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ହାସଲ କରିବେ। ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। ଆତ୍ମୀୟଙ୍କ ସାନ୍ତ୍ୱନାମୂଳକ ସାହାଯ୍ୟର ପ୍ରତିଶ୍ରୁତି ମନ ହାଲୁକା କରିଦେବ। କର୍ମାରମ୍ଭ, ଗବେଷଣା, ଅଧ୍ୟୟନ, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା** ଆଜି ଘରକାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଢ଼ିଯିବ ଫଳରେ ମାନସିକ ଶାନ୍ତି ରହିବ ନାହିଁ। ପରିବାର ସଦସ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବାପନ୍ନରୁ ପ୍ରଶଂସିତ ହେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ଅନ୍ତର୍ନିହିତ ଅସନ୍ତୋଷ ମାନସିକ ଅଶାନ୍ତି ସୃଷ୍ଟି କରିବ। ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରଯତ୍ନ କରିବେ। ଦୀର୍ଘଦିନ ପରେ କଚେରି ମାମଲାର ଶୁଣାଣିରୁ ଆଶ୍ୱସ୍ତିଲାଭ କରିବେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ।

**ବିଛା** ନିଜଲୋକଙ୍କ ବେଖାତିର ମନୋଭାବ ଓ ଅଣଦେଖା ମନକୁ ବାଧିପାରେ। ଅତୀତର ପରିଚିତ ବ୍ୟକ୍ତିଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳ ବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ** ଆପଣଙ୍କ ଚେଷ୍ଟା, ଆଶା ଓ ଅଭିଳାଷ ପୂରଣ ହେବ। ସାମୟିକ ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଏବଂ ଶିଳ୍ପ, ବାଣିଜ୍ୟାରୁ ମଧ୍ୟ ଶୁଭଫଳ ପାଇବେ।

**ମକର** ଦୈହିକ ଓ ମାନସିକ ଅସୁସ୍ଥତାରୁ କାମ ଶୃଙ୍ଖଳିତ ହେବନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟ ସାଧନ, ବ୍ୟବସାୟ, ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଂଗଠନିକ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାରୁ ଖୁସି ହୋଇପାରନ୍ତି।

**କୁମ୍ଭ** ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ପରିସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟାଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ତଥାପି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଏପ୍ରିଲ ୧୭ ତାରିଖ,ଗୁରୁବାର ବିଶ୍ୱ ହେମୋଫୋଲିଆ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ। ରାଶି/ନକ୍ଷତ୍ର– ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୧ ଗତେ ଘ. ୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୦ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ।

ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ
ଭାରତ ସରକାର | ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (www.nhai.gov.in)

# ଓଡ଼ିଶାରେ ଯୋଗାଯୋଗର ନୂଆଯୁଗ




"ଏକବିଂଶ ଶତାବ୍ଦୀର ନବ ଭାରତ, ସୁନ୍ଦର ଏବଂ ଆଧୁନିକ ଭିତ୍ତିଭୂମିର ନିର୍ମାଣ କରୁଅଛି । ଉନ୍ନତ ସଡ଼କ, ରେଳ ନେଟ୍‌ୱର୍କ ଏହା କେବଳ ଭିତ୍ତିଭୂମି ପ୍ରକଳ୍ପ ନୁହନ୍ତି, ବରଂ ଏଗୁଡିକ ସମସ୍ତ କ୍ଷେତ୍ରର କାୟାକଳ୍ପ କରି ଦେଇଥାନ୍ତି ।"
-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

## ୪୦୦୦ କୋଟି ଟଙ୍କାରୁ ଅଧିକ ନିବେଶରେ ମୋଟ୍ ୧୫୪ କିମି ଦୀର୍ଘ ୧୯ ଟି ସଡ଼କ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଲୋକାର୍ପଣ

### ଶିଳାନ୍ୟାସ (ଭୂମିପୂଜନ)

- ବଅଁରପାଳ-ଗୋଡ଼ିବନ୍ଧ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୫୩, ଏବଂ ୧୪୯, ଦୈର୍ଘ୍ୟ-୧୭ କିମି, ନିବେଶ - ୯୭୩ କୋଟି ଟଙ୍କା)
- ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅନ୍ତର୍ଗତ ବାଙ୍ଗିରିପୋଷି ଘାଟୀ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୧୦ କିମି, ନିବେଶ -୧୩୫ କୋଟି ଟଙ୍କା)
- ୦୫ ଟି ଭେହିକୁଲର୍ ଅଣ୍ଡରପାସ୍ ଏବଂ ୦୧ ଟି ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ-୭ କିମି, ନିବେଶ -୧୧୫ କୋଟି ଟଙ୍କା)
- ନିର୍ଗୁଣ୍ଡିଠାରେ ଭେହିକୁଲର୍ ଅଣ୍ଡରପାସ୍ ଏବଂ ଛତିଆଠାରେ ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ-୨ କିମି, ନିବେଶ -୩୫ କୋଟି ଟଙ୍କା)
- ସିଂଘରା-ବିଞ୍ଜିବାହାଲ ଖଣ୍ଡର ହାତୀ ଗତିପଥରେ ୪ ଲେନ୍ ଭାୟାଡକ୍ଟ ନିର୍ମାଣ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୨ କିମି, ନିବେଶ -୪୮ କୋଟି ଟଙ୍କା)
- ୦୩ ଟି ଭେହିକୁଲର୍ ଅଣ୍ଡରପାସ୍ ଏବଂ ୦୧ ଟି ଫ୍ଲାଏଓଭରର ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୫ କିମି, ନିବେଶ -୮୦ କୋଟି ଟଙ୍କା)
- ପଳାଶୁଣୀଠାରେ ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ୨ ଲେନ୍ ସେତୁ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ-୧ କିମି, ନିବେଶ -୪୦ କୋଟି ଟଙ୍କା)
- ଟିଟିଲାଗଡ଼ ଟାଉନ୍ ବାଏପାସ୍ (ଏନ୍ ଏଚ୍ -୫୯, ଦୈର୍ଘ୍ୟ-୯ କିମି, ନିବେଶ -୧୪୫ କୋଟି ଟଙ୍କା)
- ଧର୍ମଗଡ଼ ଟାଉନ୍‌କୁ ବାଏପାସ୍ ସଡ଼କ ନିର୍ମାଣ (ଏନ୍ ଏଚ୍ -୧୩୦ ଠ, ଦୈର୍ଘ୍ୟ-୮ କିମି, ନିବେଶ - ୧୭୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ରେତ ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୨ କିମି, ନିବେଶ - ୪୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ସଗଡ଼ା ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୩ କିମି, ନିବେଶ - ୪୦ କୋଟି ଟଙ୍କା)
- ମଙ୍ଗଳପୁର-କର୍ଯ୍ୟାଁଗୋଲା-ଆରଡ଼ି ଖଣ୍ଡର ପ୍ରଶସ୍ତୀକରଣ (ଏନ୍ ଏଚ୍ -୨୦, ଦୈର୍ଘ୍ୟ-୧୭ କିମି, ନିବେଶ - ୩୭୫ କୋଟି ଟଙ୍କା)
- ଦାରିଙ୍ଗବାଡ଼ି ଘାଟି ପ୍ରଶସ୍ତୀକରଣ (ଏନ୍ ଏଚ୍ -୫୯, ଦୈର୍ଘ୍ୟ-୨୭ କିମି, ନିବେଶ - ୭୨୦ କୋଟି ଟଙ୍କା)
- ପୂଜାରିପାଲି ଘାଟି-ଜରିମୂଳିରେ ମହାନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୩ କିମି, ନିବେଶ - ୨୭୫ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ବୋରିଆ କୁଣ୍ଡବନ୍ଧ ଖଣ୍ଡରେ ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୭୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ପୌରକେଲଠାରୁ ଘୁଁସର ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୭୨ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ଖନୀଡ଼ଙ୍ଗୀରିଗୁଡ଼ା-ବାଙ୍କପାଳ ଖଣ୍ଡରେ ହାତୀ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୨୫ କୋଟି ଟଙ୍କା)




### ଲୋକାର୍ପଣ

- ତାଳଚେରଠାରୁ କାମାକ୍ଷାନଗର ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୧୪୯ ଏବଂ ୫୩, ଦୈର୍ଘ୍ୟ-୪୧ କିମି, ନିବେଶ - ୮୦୦ କୋଟି ଟଙ୍କା)
- ବାଲିକୁଦା, ଶିଖରପୁର ଏବଂ ବଡ଼ଚଣାଠାରେ ଭେହିକୁଲର ଅଣ୍ଡରପାସ୍ ନିର୍ମାଣ (ଏନ୍ ଏଚ୍ -୧୬ , ଦୈର୍ଘ୍ୟ-୩କିମି, ନିବେଶ - ୪୫ କୋଟି ଟଙ୍କା)




**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ
ଭାରତ ସରକାରଙ୍କ କରକମଳରେ

ଏବଂ

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
ଅଧ୍ୟକ୍ଷତାରେ

**ଗୁରୁବାର, ୧୭ ଅପ୍ରେଲ, ୨୦୨୫, ଅପରାହ୍ନ ୦୪.୦୦ ଘଟିକା | ସ୍ଥାନ : ବରମୁଣ୍ଡା ପଡିଆ, ଭୁବନେଶ୍ୱର**

### ପ୍ରକଳ୍ପସମୂହର ଲାଭ

- ବଅଁରପାଳ- ଗୋଡ଼ିବନ୍ଧ ଏବଂ ତାଳଚେର-କାମାକ୍ଷାନଗରର ଖଣ୍ଡର ୪ ଲେନ୍ ପ୍ରଶସ୍ତୀକରଣ ଦ୍ୱାରା ଅନୁଗୁଳ, ତାଳଚେର ଏବଂ ଡୁବୁରି ମଧ୍ୟରେ ଯୋଗାଯୋଗରେ ସୁଧାର
- ରେତ, ମହାନଦୀ, ତେଲ, ହାତୀ ଏବଂ ସଗଡ଼ା ନଦୀଗୁଡ଼ିକ ଉପରେ ୦୬ ଟି ସେତୁ ନିର୍ମାଣ
- ଏନ୍ ଏଚ୍-୪୯ ର ବାଙ୍ଗିରିପୋଷି ଘାଟୀ ଭାଗରେ ୦୫ EUP ଏବଂ ୧୪ AUP ନିର୍ମାଣ ଫଳରେ ଯାତ୍ରା ସୁଗମ ଏବଂ ସୁରକ୍ଷିତ ହେବ ତଥା ବନ୍ୟ ଜନ୍ତୁଙ୍କ ପାରିହେବାରେ ସୁବିଧା
- ଏନ୍ ଏଚ୍-୧୬ ର କଟକରୁ ଇଚ୍ଛାପୁରମ ସେକ୍ସନ୍ ମଧ୍ୟରେ ୧୫ ଟି ବ୍ଲାକ ସ୍ପଟ୍‌ର ସ୍ଥାୟୀ ସୁଧାର
- ଟିଟିଲାଗଡ଼ ଏବଂ ଧର୍ମଗଡ଼ ବାଏପାସ୍ ନିର୍ମାଣ ଦ୍ୱାରା ସହର ଭିତରେ ଭିଡ଼ ସମାସ୍ୟାରୁ ମୁକ୍ତି
- ପଳାଶୁଣୀ ରେ ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ୨ ଲେନ୍ ସେତୁ ଦ୍ୱାରା ଯୋଗାଯୋଗ ହେଉଛି ସହଜ
- ଦାରିଙ୍ଗବାଡ଼ି ପର୍ଯ୍ୟଟନ ସ୍ଥଳ ସହ ଯୋଗାଯୋଗରେ ସୁଧାର ରୋଜଗାରକୁ ପ୍ରୋତ୍ସାହନ

### ଗରିମାମୟ ଉପସ୍ଥିତି

**ଧର୍ମେନ୍ଦ୍ର ପ୍ରଧାନ** – ଶିକ୍ଷା ମନ୍ତ୍ରୀ, ଭାରତ ସରକାର | **ଅଶ୍ୱିନୀ ବୈଷ୍ଣବ** – ରେଳ ମନ୍ତ୍ରୀ, ଭାରତ ସରକାର | **ଜୁଏଲ ଓରାମ୍** – ଜନଜାତୀୟ ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**କନକ ବର୍ଦ୍ଧନ ସିଂହଦେଓ** – ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା | **ପ୍ରଭାତୀ ପରିଡ଼ା** – ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା | **ପୃଥ୍ୱୀରାଜ ହରିଚନ୍ଦନ** – ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାର | **ବିଭୂତି ଭୂଷଣ ଜେନା** – ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ , ଓଡ଼ିଶା ସରକାର | **ସୁରେଶ ପୂଜାରୀ** – ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା ସରକାର | **ଗଣେଶ ରାମ ସିଂହ ଖୁଣ୍ଟିଆ** – ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ , ଓଡ଼ିଶା ସରକାର

### ପ୍ରକଳ୍ପ ସହ ସମ୍ପୃକ୍ତ ସାଂସଦଗଣ

ରୁଦ୍ର ନାରାୟଣ ପାଣି | ଭର୍ତ୍ତୃହରି ମହତାବ | ନବ ଚରଣ ମାଝି | ମମତା ମହାନ୍ତ | ପ୍ରଦୀପ ପୁରୋହିତ | ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ | ବୈଜୟନ୍ତ ପଣ୍ଡା | ଅନନ୍ତ ନାୟକ
ଡ଼. ରବୀନ୍ଦ୍ର ନାରାୟଣ ବେହେରା | ମାଳବିକା ଦେବୀ | ସଙ୍ଗୀତା କୁମାରୀ ସିଂହଦେଓ | ନିରଞ୍ଜନ ବିଶି | ସୁଜୀତ କୁମାର | ଅପରାଜିତା ଷଡ଼ଙ୍ଗୀ
ସମ୍ବିତ ପାତ୍ର | ଅଭିମନ୍ୟୁ ସେଠୀ | ସୁକାନ୍ତ କୁମାର ପାଣିଗ୍ରାହୀ | ଅନିତା ଶୁଭଦର୍ଶିନୀ

### ପ୍ରକଳ୍ପ ସହ ସମ୍ପୃକ୍ତ ବିଧାୟକ ଗଣ

ବ୍ରଜ କିଶୋର ପ୍ରଧାନ | କୁଣ୍ଡଲା ଅନିଲ କୁମାର | ଲକ୍ଷ୍ମଣ କୁମାର ବାଗ୍ | ପ୍ରତାପ ଚନ୍ଦ୍ର ପ୍ରଧାନ | ଅଶୋକ ବେହାଲମ୍ | ସୁଶାନ୍ତ କୁମାର ରାଉତ | ଦିବ୍ୟ ଶଙ୍କର ମିଶ୍ର
ସଞ୍ଜଳି ମୁର୍ମୁ | ଡ଼. ଫକୀର ମୋହନ ନାୟକ | ବାବୁ ସିଂହ | ବ୍ୟୋମକେଶ ରାୟ | ଭାଦବ ହାଁସଦା | ପ୍ରସନ୍ନ ଆଚାର୍ଯ୍ୟ | ସାଗର ଚରଣ ଦାସ | ପ୍ରମିଳା ମଲ୍ଲିକ | ଟଙ୍କଧର ତ୍ରିପାଠୀ
ନିହାର ରଞ୍ଜନ ମହାନନ୍ଦ | ମନୋରମା ମହାନ୍ତି | ସୁଜାତା ସାହୁ | କୃଷ୍ଣ ଚନ୍ଦ୍ର ନାୟକ | ବିଭୂତି ଭୂଷଣ ପ୍ରଧାନ | ସୁଧୀର ରଞ୍ଜନ ପାଟ୍ଟଜୋଷି | ନୀଳମଣି ବିଷୋଇ
ମନୋରଞ୍ଜନ ଦ୍ୟାନ ସାମନ୍ତରା | ଶତ୍ରୁଘ୍ନ ଜେନା | ନବୀନ କୁମାର ଜୈନ୍ | ଚକ୍ରମଣି କହଁର

ସିଧାପ୍ରସାରଣ: www.facebook.com/nitingadkary | https://twitter.com/nitin_gadkari | www.youtube.com/c/NitinGadkariOfficial

ସଡ଼କ ହିଁ ନୁହେଁ, ରାଷ୍ଟ୍ର ନିର୍ମାଣ ମଧ୍ୟ

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସୁଗ୍ରୀବଙ୍କ ମାନଚିତ୍ରରେ ଭାରତ



ଦେବଦତ୍ତ ପଟ୍ଟନାୟକ

ବାଲ୍ମୀକି ରାମାୟଣରେ ଏକ କାହାଣୀ ଅଛି ଯାହା ୩୦୦୦ ବର୍ଷ ପୂର୍ବର ହୋଇପାରେ। କିନ୍ତୁ ୨୦୦୦ ବର୍ଷ ପୂର୍ବେ ବିଭିନ୍ନ ଲେଖକ ଏଥିରେ ଅନେକ କଥା ଯୋଡ଼ି ଲେଖିଥିଲେ। ଏହି କାହାଣୀରେ କୁହାଯାଇଛି, ବାନରରାଜା ସୁଗ୍ରୀବ ବାନରସେନା ଏବଂ ରାମଙ୍କୁ କହିଛନ୍ତି , କିଷ୍କିନ୍ଧ୍ୟାର ଉତ୍ତରରେ ଭାରତ ଥିଲା ଏବଂ ବିନ୍ଧ୍ୟ ଓ ନର୍ମଦା କିଷ୍କିନ୍ଧ୍ୟାର ଦକ୍ଷିଣରେ ରହିଥିଲା। ସେ ମଧ୍ୟ କିଷ୍କିନ୍ଧ୍ୟାର ପୂର୍ବ ଓ ପଶ୍ଚିମରେ ଥିବା ଅଞ୍ଚଳଗୁଡ଼ିକ ବିଶେଷକରି ଇଣ୍ଡୋନେସିଆ ଏବଂ କେନ୍ଦ୍ର ଏସିଆ ସମ୍ପର୍କରେ କହିଥିଲେ। ସୁଗ୍ରୀବ ଏସବୁ ବିଷୟରେ ଜାଣିଥିଲେ, କାରଣ ସେ ବିଶ୍ୱର ସବୁ ଆଡ଼କୁ ଯାଉଥିଲେ। ବଳି ତାଙ୍କୁ ହତ୍ୟା କରିବାକୁ ସବୁ ଆଡ଼େ ଖୋଜୁଥିବାରୁ ସେ ଲୁଚି ରହିବାକୁ ଏଭଳି ବୁଲୁଥିଲେ। ଏହି ତଥ୍ୟ ବାଲ୍ମୀକି ରାମାୟଣ କିଷ୍କିନ୍ଧ୍ୟା ଖଣ୍ଡ ଦୋହା ୪୦-୪୩ରୁ ଜଣାପଡ଼େ। ସମସ୍ତ ଦକ୍ଷିଣ ଏସିଆକୁ ସବୁବେଳେ ଭାରତ ଭାବେ ଦର୍ଶାଯାଉଥିବା ଏବଂ କର୍ନାଟକର ହାମ୍ପି ଅଞ୍ଚଳରେ କିଷ୍କିନ୍ଧ୍ୟା ଅବସ୍ଥିତି ବୋଲି ଯେଉଁ ବିଶ୍ୱାସ ରହିଛି ତାହାର ଏହା ବିରୋଧାଚରଣ କରେ। ଏହି ଦୋହା ସମ୍ଭବତଃ କେହି ଜଣେ ଖ୍ରୀଷ୍ଟାବ୍ଦ ୫୦୦ରେ ରଚନାକରି ପୁରାତନ ରାମାୟଣ ଗ୍ରନ୍ଥରେ ଯୋଡ଼ିଥିଲେ, ଯିଏ କି ସେସମୟର ବାଣିଜ୍ୟ ପଥ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ। ଯଦିଓ ସୀତାଙ୍କୁ ଦକ୍ଷିଣ ଦିଗକୁ ନିଆଯାଇଥିଲା, ତେବେ କାହିଁକି ସୁଗ୍ରୀବ ତାଙ୍କୁ ଖୋଜିବା ପାଇଁ ଚାରିଦିଗ ଏପରିକି ହିମାଳୟ ସେପାଖ ଅଞ୍ଚଳକୁ ସେନା ପଠାଇଥିଲେ। ଏଥିରୁ ଜଣାପଡୁଛି କଥାକାର ତାଙ୍କ ଭୌଗୋଳିକ ବିଚାରକୁ ପାଠକଙ୍କୁ ଜଣାଇବା ପାଇଁ ଏଭଳି କରିଥିଲେ, ଏହାର ରାମାୟଣ ସହ କୌଣସି ସମ୍ପର୍କ ନାହିଁ।

ସୁଗ୍ରୀବଙ୍କ ଆଟ୍‌ଲାସ ବା ମାନଚିତ୍ର ସ୍ପଷ୍ଟ ଭାବେ ଖ୍ରୀଷ୍ଟାବ୍ଦ ୫୦୦ରେ କାହାଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେତେବେଳେ ହିନ୍ଦୁକୁଶ ବାଟ ଦେଇ ଭାରତ ଦକ୍ଷିଣ ଏସୀୟ ଅଞ୍ଚଳଗୁଡ଼ିକ ସହ ବାଣିଜ୍ୟ କରୁଥିଲା। ଏହାସହ ସେତେବେଳେ ମୌସୁମୀ ପ୍ରବାହର ଅନୁକୂଳ ସ୍ଥିତିର ସୁଯୋଗ ନେଇ ସମୁଦ୍ର ପଥରେ ପଶ୍ଚିମ ଉପକୂଳରୁ ରୋମ୍ ସହ ଏବଂ ପୂର୍ବ ଉପକୂଳରୁ ଜାଭା ସହ ମଧ୍ୟ ବାଣିଜ୍ୟ ହେଉଥିଲା। ପ୍ରଥମେ ଆସନ୍ତୁ ଦେଖିବା କାହିଁକି ସୁଗ୍ରୀବ କହିଥିଲେ ଉତ୍ତର ଭାରତ ସମ୍ଭବତଃ ହରିୟାଣା ଅଞ୍ଚଳରେ ଥିଲା। ଏହି ଅଞ୍ଚଳର ସମ୍ପର୍କ ଭରତ ବଂଶର ରାଜାମାନଙ୍କ ସହ ରହିଥିଲା ବୋଲି ଋଗ୍‌ବେଦରେ ଉଲ୍ଲେଖ ରହିଛି। ଭରତ ବଂଶର ରାଜାମାନେ ସେତେବେଳେ ସେହି ଅଞ୍ଚଳର ଯୋଦ୍ଧା ଆର୍ଯ୍ୟ ଆଦିବାସୀଙ୍କୁ ଏକାଠି କରିଥିଲେ ଏବଂ ଏହାକୁ ଖ୍ରୀଷ୍ଟପୂର୍ବ ୧୦୦୦ରେ ଋଗ୍‌ବେଦ ସଙ୍କଳନରେ ସୂଚିତ କରିଥିଲେ। ସେଥିପାଇଁ ଋଗ୍‌ବେଦର ଶେଷ ସ୍ତୋତ୍ର ଏକତା ଏବଂ ସହଭାଗିତା ପାଇଁ ଆହ୍ୱାନ ଦେଇଥାଏ।

ଖ୍ରୀଷ୍ଟପୂର୍ବ ୧୦୦ରେ ଓଡ଼ିଶାର ଖାରବେଳ ଉଦୟଗିରି ଗୁମ୍ଫାର କାନ୍ଥରେ ଖୋଦିତ କରିଥିଲେ ଯେ ସେ ଉତ୍ତରରେ ଭାରତବର୍ଷକୁ ଯାଇଥିଲେ। ଏହା ସୂଚିତ କରେ ଯେ,



ତାଙ୍କ ସାମ୍ରାଜ୍ୟ କଳିଙ୍ଗକୁ ସେ ଭାରତର ଏକ ଅଂଶ ଭାବେ ଦେଖୁ ନ ଥିଲେ। କେବଳ ଖ୍ରୀଷ୍ଟାବ୍ଦ ୫୦୦ର ବିଷ୍ଣୁ ପୁରାଣରେ ଭାରତକୁ ସମୁଦ୍ରର ଉତ୍ତରରେ ଏବଂ ହିମାଳୟର ଦକ୍ଷିଣରେ ଥିବା ଭୂଭାଗ ଭାବେ ଦର୍ଶାଯାଇଛି। ସେହି ସମୟରେ ବ୍ରାହ୍ମଣମାନେ ଆର୍ଯ୍ୟାବର୍ତ୍ତ (ଗଙ୍ଗା-ଯମୁନା ତ୍ରିକୋଣଭୂମି ଅଞ୍ଚଳ)ରୁ ଯାତ୍ରାକରି ପଶ୍ଚିମ (ଗୁଜରାଟ), ପୂର୍ବ( ଓଡ଼ିଶା) ଏବଂ ସମ୍ଭବତଃ ଦକ୍ଷିଣ ସୀମାନ୍ତ ଅଞ୍ଚଳ (କେରଳ)କୁ ଯାଇଥିଲେ। ସମ୍ରାଟ ଅଶୋକଙ୍କ ଖ୍ରୀଷ୍ଟପୂର୍ବ ୨୫୦ର ବୌଦ୍ଧ ଶିଳାଲେଖରେ ଦକ୍ଷିଣ ଏସିଆକୁ ପ୍ରଥମେ ଜମ୍ବୁଦ୍ୱୀପକୁ ଏକକ ୟୁନିଟ୍ (ରୋଜ୍-ଆପଲ୍ ଉପମହାଦ୍ୱୀପ) ଭାବେ ସୂଚିତ କରାଯାଇଥିଲା।

ଏବେ ଆସନ୍ତୁ କିଷ୍କିନ୍ଧ୍ୟାର ଅବସ୍ଥିତି ବିଷୟକୁ ଦେଖିବା। ସୁଗ୍ରୀବଙ୍କ ଅନୁଯାୟୀ, ଏହା ବିନ୍ଧ୍ୟ ପର୍ବତ ଓ ନର୍ମଦା ନଦୀର ଉତ୍ତରରେ ଥିଲା। ରାମାୟଣରେ ରାମ ଅନ୍ୟ କୌଣସି ନଦୀ ନୁହେଁ ,ବରଂ ଗଙ୍ଗା ଓ ଯମୁନା ପାରହେବା ବିଷୟ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯାଇଛି। ଯେତେବେଳେ ସୀତା ହରଣ ହୋଇଥିଲେ ସେତେବେଳେ ରାମ ଗୋଦାବରୀ କୂଳରେ ଥିବା ପଞ୍ଚବଟୀରେ ରହୁଥିଲେ। ଗୋଦା ହେଉଛି ଏକ ମୁଣ୍ଡାରି ଶବ୍ଦ ଯାହା ମଧୁର ସ୍ୱଚ୍ଛ ଜଳକୁ ବୁଝାଏ ଏବଂ ଏହି ଶବ୍ଦ ଗୋଣ୍ଡ ଆଦିବାସୀ ଓ ଗୋଣ୍ଡୱାନା ଭୂମି ସହ ଜଡ଼ିତ। ଏଣୁ ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ ଗୋଦାବରୀ ରାମାୟଣରେ ବର୍ଣ୍ଣିତ ଗୋଦାବରୀ ନୁହେଁ। ନାସିକ ହେଉଛି ଏକ ପୁରାତନ ଜନବସତି ଏବଂ ଖ୍ରୀଷ୍ଟାବ୍ଦ ୧୦୦ ପରେ ବ୍ରାହ୍ମଣମାନେ ଦକ୍ଷିଣାଞ୍ଚଳକୁ ପ୍ରବାସନ ପରେ ପଞ୍ଚବଟୀ ଓ ସୀତା ହରଣ ସହ ଏହାକୁ ଜଡ଼ିତ କରାଯାଇଥିଲା। ଏହି ସମୟରେ ମଧ ଦାକ୍ଷିଣାତ୍ୟର ଅନେକ ନଦୀକୁ ଗଙ୍ଗା ସହିତ ଜଡ଼ିତ କରାଯିବା ସହ ଅନେକ ପର୍ବତକୁ କୈଳାସ ସଙ୍ଗେ ସମ୍ପର୍କିତ କରାଯାଇଥିଲା।

ଏହା ସହ କିଷ୍କିନ୍ଧ୍ୟାରେ ଗୋଟିଏ ଶରକୁ ରାମ ସାତଟି ଶାଳବୃକ୍ଷରେ ବିଦ୍ଧକରି ସୁଗ୍ରୀବଙ୍କୁ ତାଙ୍କ ଧନୁର୍ବିଦ୍ୟା କୌଶଳ ପ୍ରଦର୍ଶନ କରିଥିଲେ। ହେଲେ ଶାଳବୃକ୍ଷ କେବଳ ଛତିଶଗଡ଼ ଏବଂ ଓଡ଼ିଶାରେ ରହିଛି, ଦାକ୍ଷିଣାତ୍ୟ ରାଜ୍ୟ ବିଶେଷକରି କର୍ନାଟକରେ ନୁହେଁ। ବାଲ୍ମୀକି ରାମାୟଣ ଅନୁଯାୟୀ, ଲଙ୍କାରେ ଶାଳଗଛ ଭର୍ତ୍ତି ହୋଇ ରହିଥିଲା। ଏଥିରୁ ପ୍ରମାଣ ମିଳେ ଯେ, ରାବଣଙ୍କ ଲଙ୍କା ଓଡ଼ିଶାରେ ଥିଲା। ଓଡ଼ିଶାର ସୋମବଂଶୀ ରାଜମାନେ ଅଷ୍ଟମ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାକୁ ପଶ୍ଚିମ ଲଙ୍କା ଏବଂ ସ୍ୱର୍ଣ୍ଣପୁରୀ ବୋଲି କହୁଥିଲେ। ଏପରିକି ଏବେ ମଧ ସୋନପୁର ସହରରେ ଲଙ୍କେଶ୍ୱରୀଙ୍କୁ ପୂଜା କରାଯାଉଛି ଏବଂ ହନୁମାନ ଦ୍ୱାରା ଲଙ୍କା ପୋଡ଼ି ପାଳନ ହେଉଛି। ଷୋଡ଼ଶ ଶତାବ୍ଦୀରେ ଗୋଣ୍ଡ ରାଜାମାନେ ପୁଲସ୍ତ୍ୟ (ରାବଣ ବଂଶଜ) ନାମରେ ମୁଦ୍ରା ପ୍ରଚଳନ କରିଥିଲେ । ଚାଲୁକ୍ୟ ରାଜାମାନେ ଖ୍ରୀଷ୍ଟାବ୍ଦ ୭୦୦ ପାଖାପାଖିରେ ବଦାମି ଓ ପଟାଡାକଲରେ ଥିବା ମନ୍ଦିରଗୁଡ଼ିକର କାନ୍ଥରେ ରାମାୟଣ ଆଲୋଚକ ମଣ୍ଡଳୀର ଛବି ଖୋଦନ କରିଥିଲେ। କର୍ନାଟକ ଅଞ୍ଚଳକୁ ଯେତେବେଳେ କିଷ୍କିନ୍ଧ୍ୟା ସହ ଯୋଡ଼ାଗଲା ସେତେବେଳେ ସମ୍ଭବତଃ ଏହା ଘଟିଥିଲା।

ପାଖାପାଖି ୯୦୦ ଖ୍ରୀଷ୍ଟାବ୍ଦରେ ଶ୍ରୀଲଙ୍କା ରାବଣଙ୍କ ଲଙ୍କା ଭାବେ ଗଣାହେଲା। ଏହା ପୂର୍ବରୁ ଶ୍ରୀଲଙ୍କା ସିଂହଳ ଭାବେ ଜଣାଥିଲା ଏବଂ ଏହାର ରାବଣଙ୍କ ଲଙ୍କା ସହ କୌଣସି ସମ୍ପର୍କ ନ ଥିଲା। ଯେକୌଣସି ଦ୍ୱୀପକୁ ଲଙ୍କା ବୋଲି କୁହାଯାଉଥିଲା। ଚୋଳବଂଶର ଶାସନ ସମୟରେ ତାମିଲମାନେ ସେମାନଙ୍କ ପରମଶତ୍ରୁ ସିଂହଳୀଙ୍କୁ ଇଲାଙ୍କାଇ କହିବା ଆରମ୍ଭ କରିଦେଲେ। ସେମାନେ ରାମ ଓ ତାଙ୍କ ସେନାରେ ଥିଲେ ଏବଂ ସେମାନଙ୍କ ସାଙ୍ଗିଆ ସେତୁପଥ (ସେତୁ ଜଗୁଆଳି) ବୋଲି ସୂଚିତ କରିଥିଲେ। ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଓ ପୂର୍ବ ସମୁଦ୍ରକୁ ଯୋଡ଼ିବାରେ ସିଂହଳ ଥିଲା ପ୍ରମୁଖ କେନ୍ଦ୍ର। ଏହାର ପଶ୍ଚିମରେ ଥିଲା ରୋମ୍ , ଯେଉଁଠୁ ଖ୍ରୀଷ୍ଟପୂର୍ବ ୧୦୦ରୁ ରୋମ୍‌ର ବାଣିଜ୍ୟ ଶେଷ ହେବା ସମୟ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ରୋମ୍‌ରୁ ସୁରା ଏବଂ ସୁନା ଆମଦାନୀ ହେଉଥିଲା।

ପୂର୍ବ ସମୁଦ୍ରର ଜାଭା ଦ୍ୱୀପରେ ମଧ ଆମେ ରାମାୟଣ ସମ୍ପର୍କରେ ଆଲୋଚନ କରୁଥିବା ମଣ୍ଡଳୀର ଛବି ୮୦୦ ଶତାବ୍ଦୀର ପ୍ରମ୍ବାନନ୍ ମନ୍ଦିରର କାନ୍ଥରେ ଦେଖିବାକୁ ପାଉ। ଗୋଆ ସହ ସିଂହଳର ମଧ ବାଣିଜ୍ୟ କାରବାର ଚାଲିଥିଲା। ଏଣୁ କୋଙ୍କଣ ଓ ଗୋଆର ଶିଳାହାର ବଂଶ ରାଜାମାନଙ୍କୁ ୧୦୦୦ ଖ୍ରୀଷ୍ଟାବ୍ଦରେ ଲଙ୍କାର ରାଜା ବୋଲି କୁହାଯାଉଥିଲା। ଅବଶ୍ୟ ଶିଳାହାର ରାଜାଙ୍କୁ ପରାସ୍ତ କରିଥିବା ଜଣେ କଦମ୍ବା ରାଜା ଲେଖିଥିଲେ , କୌଣସି ସେତୁ ନିର୍ମାଣ (ଯେଭଳି ବାନରମାନେ କରିଥିଲେ)ନ କରି ସେ ଲଙ୍କା ଜୟ କରିଥିଲେ। ତେବେ ସନାତନୀ କଣ୍ଟେଣ୍ଟ କ୍ରିଏଟରମାନେ ରାମାୟଣର ଇତିହାସ ଖ୍ରୀଷ୍ଟପୂର୍ବ ୧୨୦୦୦ କିମ୍ବା ୧୦୦୦୦ ବା ୭୦୦୦ରେ କହି ପ୍ରଚାର କରୁଥିବାବେଳେ ସେମାନଙ୍କ ପାଖରେ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟଗତ ପ୍ରମାଣ ନାହିଁ। ତେବେ ଏ କ୍ଷେତ୍ରରେ ଆମେ ଭୂଗୋଳକୁ ଅଣଦେଖା କରିପାରିବା ନାହିଁ।

-devduttofficial@gmail.com

## କାମନାର ସୀମାଙ୍କନ



ଅନୀତା ପଟ୍ଟନାୟକ

ଶୀତଦିନେ ଥୁରୁଥୁରିଆ ବୁଢ଼ୀଟିଏ ବାଇଶ ପାହାଚ ଟପି ଶ୍ରୀମନ୍ଦିରରେ ଗରୁଡ଼ସ୍ତମ୍ଭ ନିକଟରେ ପହଞ୍ଚିଲା। ବୁଢ଼ୀଟି ଏକୁଟିଆ ଥିବାରୁ ଓ ତା'ର ଚର୍ମ କୁଞ୍ଚିତ ହୋଇଯାଇଥିବାରୁ ଦୟାପରବଶ ହୋଇ ମୁଁ ତା'ର ହାତକୁ ଧରି ବାଇଶ ପାହାଚ ପାଖକୁ ବାଟ କଢ଼ାଇ ନେଇଥିଲି। ମୁଁ ପଚାରିଲି ମାଉସୀ ଏ ପରିଣତ ବୟସରେ ମହାପ୍ରଭୁଙ୍କୁ କ'ଣ ମାଗିବାକୁ ଆସିଛ। ବୁଢ଼ୀଟି କହିଲା, ଝିଅ, ମୋର ଏ ଶରୀରରେ ଯୌବନ ସମୟଟିକୁ କାଟିଛି। ଶିଶୁ ବୟସରେ ମୋର ଯେଉଁ ଚାହିଦା ଥିଲା (ଯଥା ଖେଳଣା, ବହି) ତାହା ଯୌବନରେ କାମନା ବାସନରେ ପରିଣତ ହେଲା। କାଳିଆ ମୋର କାମନାକୁ ପୂରଣ କରିଛି। ହେଲେ କାମନା ଏପରି ଏକ ବିଷୟ ଯାହାକି ଯେତେ ପୂରଣ ହେଲେ ତାହା ଅଧିକରୁ ଅଧିକ ପାଇବାକୁ ଇଚ୍ଛାହୁଏ।

ମୁଁ କହିଲି, ମାଉସୀ କାମନା ବାସନା ଶୂନ୍ୟ ମଣିଷଙ୍କୁ ଭଗବାନ୍ କୁହାଯାଏ। ଆମ କାଳିଆର ନା ଅଛି କାମନା ନା ଅଛି ବାସନା। କିନ୍ତୁ ସେ ଆମର କାମନାକୁ ଦୂର କରେ। ସେଥିପାଇଁ ଗୌତମବୁଦ୍ଧ କହିଥିଲେ କାମନାର ବିନାଶରେ ଦୁଃଖର ବିନାଶ। ମୁଁ ପଚାରିଲି, ମାଉସୀ ତୁମେ କ'ଣ କରୁଥିଲ ? ସେ କହିଲେ, ମୁଁ ଜଣେ ଧନୀ ବ୍ୟକ୍ତିଙ୍କୁ ବିବାହ କରିଥିଲି ଓ ସେ ମୋର ବହୁତ ଯତ୍ନ ନେଉଥିଲେ ଓ ମୋର ସମସ୍ତ ଅଭିଳାଷ ପୂର୍ଣ୍ଣ କରୁଥିଲେ। ଥରେ ମୁଁ ଗୋଟିଏ ଗିର୍ଜାକୁ ଯାଇଥିଲି। ଜଣେ ପାଦ୍ରି ଭକ୍ତମାନଙ୍କୁ ବୁଝାଇ କହିଥିଲେ, ମଣିଷ କାମନା ବାସନା ଶୂନ୍ୟ ହେବା ଅତ୍ୟନ୍ତ କଷ୍ଟପ୍ରଦ। ଆମେ ଯିଶୁଙ୍କୁ ଯାହା ମାଗିଥାଉ ସେ ସବୁ ଦିଅନ୍ତି ନାହିଁ। କିଛିଟା ଦିଅନ୍ତି ଓ କିଛିଟା ଦିଅନ୍ତି ନାହିଁ। ତେଣୁ ଏପରି କାହିଁକି ? ମୁଁ ବହୁ ସାଧୁ ସନ୍ଥଙ୍କ ନିକଟକୁ ଗଲିଣି, ହେଲେ ଭଗବାନ୍ ଏପରି କାହିଁକି କରନ୍ତି ତା'ର ଉତ୍ତର ପାଉନାହିଁ। ଆଜି କାଳିଆକୁ ପଚାରିବି। ଧ୍ୟାନରେ ବସିବି ଓ ଏହାର ଉତ୍ତର ପାଇଲେ ଯାଇ ଉଠିବି। ବୁଢ଼ୀର ପାଗଳାମି ଦେଖି ମୋର କୌତୂହଳ ବଢ଼ିଗଲା। ମୁଁ କହିଲି, ମାଉସୀ ତୁମେ ଧ୍ୟାନ କରୁଥାଅ ମୁଁ ପାର୍ଶ୍ୱ ଦେବତାଙ୍କୁ ଦର୍ଶନ କରିଆସୁଛି। ବୁଢ଼ୀଟି କହିଲା ମୋତେ ଗରୁଡ଼ସ୍ତମ୍ଭର ବାମପାର୍ଶ୍ୱରେ ଥିବା ଖାଲି ଜାଗାରେ ବସାଇଦେ। ତୁ ଠାକୁର ଦର୍ଶନ ସାରି ମୋତେ ସତ୍ୟନାରାୟଣ ମନ୍ଦିର ନିକଟରେ ଛାଡ଼ି ଦେବୁ। ସେଇଠାରୁ ମୋର ପୁଅ ଆସି ମତେ ନେଇଯିବ।

ମୁଁ ଘଣ୍ଟାଏ ଖଣ୍ଡେ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କଲି। ବଟ ଗଣେଶ, ବିମଳା, ଲକ୍ଷ୍ମୀ ଠାକୁରାଣୀ ବଡ଼ ଜୀବନ୍ତ ଦେଖାଯାଉଥିଲେ। ମାଉସୀଙ୍କୁ ନେଇ ସତ୍ୟନାରାୟଣ ମନ୍ଦିରକୁ ଯିବାର ଥିବାରୁ ସେଠାକୁ ଯାଇ ନ ଥିଲି। ଆନନ୍ଦବଜାରରେ ପେଟେ ଖାଇସାରି ବୁଢ଼ୀ ମାଉସୀ କ'ଣ କରୁଛି ଜାଣିବା ପାଇଁ ତା' ନିକଟକୁ ଗଲି। ମୁଁ ଦେଖିଲି ମାଉସୀ ଆଖି ଖୋଲିଛନ୍ତି। ତାଙ୍କ ହାତ ଧରି ଉଠାଇଲି। ପଚାରିଲି, ମାଉସୀ କିଛି ଉତ୍ତର ପାଇଲ ? ଚାଲ ଏବେ ଯିବା। ମୁଁ ତୁମକୁ ସତ୍ୟନାରାୟଣ ମନ୍ଦିର ନିକଟରେ ଛାଡ଼ି ଦେବି। ବୁଢ଼ୀ ମାଉସୀ କହିଲେ, ମୁଁ ଆଖି ବନ୍ଦ କରିବା ପରେ ଜଗା ଆସିଲା ନାହିଁ। ସତିଆକୁ ପଠାଇଲେ। ମୁଁ କହିଲି, କ'ଣ ସତ୍ୟନାରାୟଣ ଦେବ ସେ କହିଲେ, ହଁ ମୁଁ କହିଲି, ଲୋକମାନେ ସେଠି ସନ୍ତାନ ସନ୍ତତି ପାଇଁ ପ୍ରାର୍ଥନା କରିଥାନ୍ତି। ସେ ତୁମକୁ କ'ଣ କହିଲେ ? ସେ ମତେ ଧ୍ୟାନରେ କହିଲେ, 'ମା କାମନା ଦୁଇ ପ୍ରକାର। ଯଥା ଗୋଟିଏ ଦରକାରୀ କାମନା ଓ ଅନ୍ୟଟି ଅଦରକାରୀ। ଭଗବାନ୍ କେବଳ ଦରକାରୀ କାମନାକୁ ପୂରଣ କରିଥାନ୍ତି ଓ କହିଲେ ମନୁଷ୍ୟମାନେ କାମନାର ସୀମାଙ୍କନ କରିବା ଉଚିତ। କାମନା ବାସନା ଶୂନ୍ୟ ମଣିଷଟିଏ ହେବା ଏ ସଂସାରରେ କଷ୍ଟକର। ଭଗବାନ୍ ଯେହେତୁ ଉଚିତ କାମନା ପୂର୍ଣ୍ଣ କରିଥାନ୍ତି ଓ ଯାହା ଆମେ ପାଇବାକୁ ଯୋଗ୍ୟ ତାହା ଦେଇଥାନ୍ତି ତେଣୁ ଆମେମାନେ କାମନାର ସୀମାଙ୍କନ କରିବା ଉଚିତ।

ଏମିତି ହାତଧରି ମାଉସୀଙ୍କୁ ଆଣି ସତ୍ୟନାରାୟଣ ମନ୍ଦିର ଟପି ବାଇଶ ପାହାଚ ଆଡ଼କୁ ଯିବାକୁ ଉଦ୍ୟତ ହେଉଥିବାବେଳେ ପ୍ରସାଦ ଧରି ଥିବା ସୁଆରମାନେ ମାଡ଼ି ଆସିଲେ। କର୍ମଚାରୀମାନେ ତଫାତ୍ ତଫାତ୍ କହୁଥାନ୍ତି। ସୁଆରଙ୍କ ମୁହଁରେ ତୁଣ୍ଡିବନ୍ଧା ହୋଇଥାଏ। ଭୋଗଲାଗି ହେବା ପାଇଁ ମହାପ୍ରସାଦ ନେଉଥାନ୍ତି। ବୁଢ଼ୀ ହାତଛଡ଼ା ହୋଇଗଲା। ପରେ ଯେତେ ଖୋଜିଲେ ବି ପାଇଲି ନାହିଁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ,**
**ମୋ: ୯୬୯୨୯୮୦୦୨୬**

## ଚିରନ୍ତନୀ

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା କନୁ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ପୁରୁଣା ଖେଳନାକୁ ବାହାରେ ଫିଙ୍ଗିଦେବା ପରିବେଶ ପାଇଁ କ୍ଷତିକାରକ। ଏଭଳି ସମସ୍ୟା ଦୂର କରିବାକୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି ମୁମ୍ବାଇର ପୁନମ୍ ଶାହା। ସେ ପୁରୁଣା ଖେଳନାରୁ ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି। ପୁନମ୍‌ଙ୍କ ବୟସ ଏବେ ୩୭। ସେ ମୁମ୍ବାଇରେ ବଢ଼ିଛନ୍ତି। ପରେ ଆମେରିକାରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କିଛିବର୍ଷ ଚାକିରି କରିଥିଲେ। ବିବାହ ପରେ ଫିଲାଡେଲଫିଆ ଚାଲିଯାଇଥିଲେ ଏବଂ ସେଠାରୁ ରେସିନ୍ ଆର୍ଟ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ସମ୍ପର୍କରେ ମଧ ସେଠାରୁ ସେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଫେରିବା ପରେ କୋଭିଡ୍-୧୯ ଆସିଲା। ସେହି ସମୟରେ ସେ ରେସିନ୍ ଆର୍ଟ ପାଇଁ ଅଧିକ ସମୟ ଦେଲେ। ପ୍ରଥମେ ତାଙ୍କ ଝିଅର ଅଦରକାରୀ ଖେଳନାଗୁଡ଼ିକରୁ ରେସିନ୍ ସ୍ଲାବ୍ ପ୍ରସ୍ତୁତ କଲେ। ପରେ ୨୦୨୩ରେ ସେ ଏଭଳି ସାମଗ୍ରୀକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ଏହି କାମରେ ସେ ୧୦ ଜଣଙ୍କୁ ନିଯୁକ୍ତ କରିଛନ୍ତି। ଏଥିପାଇଁ ସେ ପୁରୁଣା ଖେଳନା ଓ ଅନ୍ୟସବୁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୭ ଏପ୍ରିଲ ୧୯୭୬

- କାମାକ୍ଷାନଗର ସବ୍‌ଡିଭିଜନସ୍ଥ ଭୁବନ ବିଜ୍ଞାପିତ ଅଞ୍ଚଳରେ ହଠାତ୍ ନିଆଁ ଲାଗି ପ୍ରାୟ ୧ ହଜାର ପରିବାର ଗୃହଶୂନ୍ୟ।
- ପଶ୍ଚିମବଙ୍ଗର ଜନୈକ ପ୍ରଖ୍ୟାତ କବି ଓ ଗ୍ରନ୍ଥକାର ପୃଥ୍ୱୀସିଂହ ନାହାରଙ୍କ ୭୮ ବର୍ଷ ବୟସରେ ପରଲୋକ।
- ଭାରତ ଓ ରୁଷ ମଧ୍ୟରେ ଆଉ ଏକ ନୂଆ ପାଞ୍ଚବର୍ଷିଆ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| | | | | | 1 | 6 | | |
| | 5 | | | | 6 | | | 9 |
| | | | | | 2 | 7 | | |
| | | 8 | 7 | | | | 6 | |
| | 6 | 2 | | | 9 | | | 1 |
| | | 9 | | 3 | | 8 | 2 | |
| | | | | 1 | 5 | | | 3 |
| | | | | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 7 | 9 | 1 | 6 | 4 | 2 |
| 4 | 1 | 7 | 2 | 6 | 3 | 8 | 9 | 5 |
| 2 | 6 | 9 | 4 | 8 | 5 | 7 | 3 | 1 |
| 5 | 4 | 1 | 6 | 2 | 8 | 9 | 7 | 3 |
| 9 | 7 | 8 | 3 | 1 | 4 | 2 | 5 | 6 |
| 6 | 3 | 2 | 9 | 5 | 7 | 4 | 1 | 8 |
| 7 | 9 | 6 | 5 | 3 | 2 | 1 | 8 | 4 |
| 8 | 2 | 3 | 1 | 4 | 9 | 5 | 6 | 7 |
| 1 | 5 | 4 | 8 | 7 | 6 | 3 | 2 | 9 |

ଗତକାଲିର ଉତ୍ତର

# ବିଶ୍ୱ ଅର୍ଥନୀତି ଓ ଆମେରିକା



ରିତେଶ କୁମାର ଶିଶୁ

ଆମେରିକା ରାଷ୍ଟ୍ରପତିଙ୍କ ଘନ ଘନ ଟାରିଫ୍ ମାଡ଼ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଅନ୍ୟ ପକ୍ଷରେ ମଧ୍ୟ ପ୍ରାଚ୍ୟ ଓ ରୁଷ-ୟୁକ୍ରେନ ଯୁଦ୍ଧ ଏହି ସମସ୍ୟାକୁ ଆହୁରି ସଙ୍ଗିନ କରିଦେଇଛି। ଆଜିର ପରିସ୍ଥିତିରେ ବିଶ୍ୱ ଅର୍ଥନୀତିର ଆଧାର ହେଲା ଆମେରିକାର ଡଲାର, ଯାହାର ଉତ୍ଥାନ ପତନରେ ପ୍ରାୟ ବିଶ୍ୱର ସମସ୍ତ ଦେଶରେ ଅର୍ଥନୀତି ପ୍ରଭାବିତ ହୁଏ। ଯେହେତୁ ବିଶ୍ୱରେ ଅଧିକାଂଶ ବାଣିଜ୍ୟିକ କାରବାର ଡଲାରରେ ହୁଏ ତେଣୁ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଆମେରିକାର ଏକଚାଟିଆ ପ୍ରଭାବ ପରିଲକ୍ଷିତ ହୁଏ। ସେଥିପାଇଁ ବିଶ୍ୱର ପ୍ରାୟ ସମସ୍ତ ଦେଶ ଆମେରିକାରୁ ରପ୍ତାନି ଆମଦାନୀ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରନ୍ତି। ଏହି ରପ୍ତାନି ଓ ଆମଦାନୀ ପ୍ରକ୍ରିୟାରେ ଯେଉଁ ଦେଶ ଆମେରିକାକୁ ଅଧିକ ରପ୍ତାନି କରି କମ୍ ଆମଦାନୀ କରିବ ତାହାର ଡଲାରରେ ଲାଭ ଅଧିକ ହେବ। ଏହି ରପ୍ତାନି ଓ ଆମଦାନୀର ଅନ୍ତରକୁ ବାଣିଜ୍ୟିକ କ୍ଷତି ବା ଟ୍ରେଡ ଡେଫିସିଟ୍ କହନ୍ତି। ଏହି କ୍ରମରେ ବିଗତ କେତେ ବର୍ଷ ଧରି ଆମେରିକା ଅନେକ ବିକଶିତ ଓ ବିକାଶଶୀଳ ଦେଶଙ୍କଠାରୁ ଅନେକ ବାଣିଜ୍ୟିକ କ୍ଷତିରେ ଚାଲିଥିଲା। ଅନ୍ୟପକ୍ଷରେ ଆମେରିକାର ସମୁଦାୟ ଋଣଭାର ୨୦୨୫ ସୁଦ୍ଧା ପ୍ରାୟ ୩୬,୨୨୦୦୦ କୋଟି ଡଲାର ଯେଉଁଥିରୁ ବାହ୍ୟ ଋଣ ପାଖାପାଖି ୨୭,୦୦୦୦୦ କୋଟି ଡଲାର ରହିଛି। ଆମେରିକାର ମୋଟ ଘରୋଇ ଉତ୍ପାଦନ (ଜିଡିପି)ର ୯୬.୧୯% ଋଣ, ଯେଉଁଥିରୁ ବାହ୍ୟ ଋଣ ହେଉଛି ପାଖାପାଖି ୩୩%। ଏହି ବାହ୍ୟ ଋଣ ମଧ୍ୟରୁ ସର୍ବାଧିକ ଜାପାନ ପାଖରେ ପ୍ରାୟ ୧୧,୦୦୦୦ କୋଟି ଡଲାର ଓ ଦ୍ୱିତୀୟରେ ଚାଇନା ପାଖରେ ପ୍ରାୟ ୭,୪୯୦୦ କୋଟି ଡଲାର ମୂଲ୍ୟର ଋଣ ଆମେରିକା କରିଛି। ଏଥିରେ ଭାରତର ଭାଗ ପ୍ରାୟ ୨୧୬୦୦ କୋଟି ଡଲାର ରହିଛି।

ଏଭଳି ପରିସ୍ଥିତିରେ ମଧ୍ୟପ୍ରାଚ୍ୟ ଓ ରୁଷ-ୟୁକ୍ରେନ ଯୁଦ୍ଧ ଆମେରିକାର ଖର୍ଚ୍ଚ ବଢ଼ାଇ ଚାଲିଛି। ସେପଟେ ଆମେରିକାର ସହଯୋଗୀ ୟୁରୋପୀୟ ଦେଶଗୁଡ଼ିକ ଋଷିଆ ୟୁକ୍ରେନ ଯୁଦ୍ଧରେ ଆର୍ଥିକ ଭାବରେ ଅନେକ ପ୍ରଭାବିତ ହୋଇଛନ୍ତି ବିଶେଷକରି ରୁଷରୁ ଆମଦାନୀ ହେଉଥିବା ଗ୍ୟାସ ବନ୍ଦ ହୋଇଯିବାରୁ ସେମାନେ ଶକ୍ତି କ୍ଷେତ୍ରରେ ଅଧିକ ଖର୍ଚ୍ଚାନ୍ତ ହୋଇ ନକାରାତ୍ମକ ଆର୍ଥିକ ଅଭିବୃଦ୍ଧିର ସମ୍ମୁଖୀନ ହେଉଛନ୍ତି।

ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଏହି ଆର୍ଥିକ ସଙ୍କଟ ସମୟରେ ଏସୀୟ ମହାଦେଶର କେତେକ ଦେଶ ବିଶେଷକରି ଚାଇନା ନିଜର ଅର୍ଥନୀତିକୁ ସୁଦୃଢ଼ କରି ଡଲାରର ପ୍ରାଧାନ୍ୟ କମାଇବାକୁ ଚେଷ୍ଟା କଲେଣି। ଯେହେତୁ ଏକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମହଜୁଦ ରଖିଥିବା ସୁନାର ମୂଲ୍ୟ ଡଲାରର ମୂଲ୍ୟକୁ ପ୍ରଭାବିତ କରେ, ସେଥିପାଇଁ ଚାଇନା, ଭାରତ, ରୁଷ, ସିଙ୍ଗାପୁର ଭଳି ଏସୀୟ ଦେଶଗୁଡ଼ିକ ଅଧିକ ସୁନା କିଣି ମହଜୁଦ କରିବା ଆରମ୍ଭ କଲେଣି। ଚାଇନା ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୨୦୦ ଟନ ସୁନା କିଣିଥିବା ବେଳେ ଭାରତ ବର୍ଷ ୨୦୨୪ରେ ୭୨.୬ ଟନ୍ ସୁନା କିଣିଛି।

ଆମେରିକା ଓ ଏହାର ସହଯୋଗୀ ୟୁରୋପୀୟ ଦେଶଗୁଡ଼ିକ ପାଖରେ ବିଶ୍ୱ ଅର୍ଥନୀତିର ଚାବିକାଠି ଥିବାରୁ ସେମାନେ ଅନ୍ୟ ବିକାଶଶୀଳ ଏସୀୟ ଓ ଆଫ୍ରିକୀୟ ଦେଶଗୁଡ଼ିକୁ ଟିକେ ଟିକେ କଥାରେ ଅର୍ଥନୈତିକ କଟକଣା, ଅର୍ଥନୈତିକ ବାଛନ୍ଦ ଓ ଟାରିଫ୍ ବୃଦ୍ଧିର ଭୟ ଦେଖାଇ ସେମାନଙ୍କର ଫାଇଦା ହାସଲ କରିବାକୁ ଲାଗିଛନ୍ତି। ଉଦାହରଣ ସ୍ୱରୂପ ବେଲଜିୟମରେ ଥିବା ଏକ ସଂସ୍ଥା ସୋସାଇଟି ଫର ୱାର୍ଲ୍ଡ ୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ୍ସ (ସ୍ୱିଫ୍ଟ), ଯାହା ସାରା ବିଶ୍ୱରେ ଦେଶ ଦେଶମାନଙ୍କ ମଧ୍ୟରେ ହେଉଥିବା ଆର୍ଥିକ ଆଦାନ ପ୍ରଦାନ ପାଇଁ ଏକ ସୁବ୍ୟବସ୍ଥିତ ନେଟୱର୍କ ମାଧ୍ୟମରେ ସୂଚନାକୁ ପରିଚାଳନା କରିଥାଏ, ତାହାର ଚାବିକାଠି ଆମେରିକା ଓ ଏହାର ସହଯୋଗୀ ଗୋଷ୍ଠୀମାନଙ୍କ ପାଖରେ ଅଛି। ଏହି ବ୍ୟବସ୍ଥା ମାଧ୍ୟମରେ ୨୦୨୪ରେ ବିଶ୍ୱ ବଜାରରେ ପାଖାପାଖି ୪୯.୧% ଡଲାରର, ୨୧.୬% ୟୁରୋର, ୬.୫% ପାଉଣ୍ଡର ଏବଂ ୪.୭% ୟୁଆନର ବିପଣନ କରାଯାଇଛି । ତେଣୁ ଏହି ସ୍ୱିଫ୍ଟ ବ୍ୟବସ୍ଥାର କଟକଣା ଯେଉଁ ଦେଶ ଉପରେ ଲାଗେ ସେ ଦେଶ ଅନ୍ୟ ଦେଶ ସହିତ ଆର୍ଥିକ କାରବାର କରିବା କଷ୍ଟକର ହୋଇଯାଏ ଯାହା ଏବେ ରୁଷ ଉପରେ ଲାଗିଛି।

ଏହା ବ୍ୟତୀତ ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ୍ (ଆଇଏମ୍‌ଏଫ୍), ୱାର୍ଲ୍ଡ ବ୍ୟାଙ୍କ ଆଦି ବୈଶ୍ୱିକ ଆର୍ଥିକ ସଂସ୍ଥାଗୁଡ଼ିକ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକର ମାମଲତିରେ ଚାଲନ୍ତି। ବିକାଶଶୀଳ ଓ ଗରିବ ଦେଶଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆବଶ୍ୟକ ସଂସ୍ଥା ଓ ଭିତ୍ତିଭୂମିଗୁଡ଼ିକ ଆମେରିକା ଦ୍ୱାରା ପରିଚାଳିତ ହେଉଥିବାରୁ ସେମାନେ ଆମେରିକାର ସଖି କଣ୍ଢେଇ ହୋଇ ରହିଯାଇଛନ୍ତି। ଫଳରେ କେତେକ ଏସୀୟ ଓ ଆଫ୍ରିକୀୟ ଦେଶ ସମୂହ ଏହି ବ୍ୟବସ୍ଥାର ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରଚେଷ୍ଟା ଆରମ୍ଭ କଲେଣି। ବର୍ତ୍ତମାନ ଚାଇନା ସେସବୁ ପ୍ରତିବନ୍ଧକକୁ ଦୂର କରି ଆମେରିକାକୁ ଟପିଯିବାର ଆସ୍ପର୍ଦ୍ଧା କରୁଛି।

ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ଯେପର୍ଯ୍ୟନ୍ତ ସମୃଦ୍ଧ ଥିବ ସାରା ବିଶ୍ୱରେ ତାହାର ବଡ଼ଭାଇପଣିଆ ଓ ପତିଆରା ବଜାୟ ରହିବ। ଅପରପକ୍ଷରେ ଏବେ ଆମେରିକାର ବଜାର ଚାଇନା ଓ ଅନ୍ୟ କେତେକ ଦେଶ ଦ୍ୱାରା କବଳିତ। ବିଗତ କିଛି ଦଶନ୍ଧି ଧରି ଆମେରିକା ନିଜ ଦେଶରେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନକୁ କମ୍ କରି ସେବା ଓ ପ୍ରତିରକ୍ଷା ଉପକରଣ ରପ୍ତାନି କ୍ଷେତ୍ରକୁ ଅଗ୍ରାଧିକାର ଦେଉଥିଲା, ଯାହାର ଫଳ ସ୍ୱରୂପ ଚାଇନା ପରି ଦେଶମାନେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନକୁ ବୃଦ୍ଧି କରି ଆମେରିକାକୁ ରପ୍ତାନି କରି ମାଲାମାଲ ହେଲେ। ଆମେରିକାରେ ନିଯୁକ୍ତି ମଧ୍ୟ କମିଗଲା, ଫଳରେ ଆମେରିକାର ଅର୍ଥନୀତି ଏବେ ଦୋଦୁଲ୍ୟମାନ। ଏଥିରୁ ଏହା ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନ କ୍ଷେତ୍ରକୁ ବାଦ ଦେଇ ସେବା ଓ ପ୍ରତିରକ୍ଷା ଉପକରଣ ରପ୍ତାନି ମାଧ୍ୟମରେ ଯୁଦ୍ଧପୁଷ୍ଟ ଅର୍ଥନୀତିକୁ ନେଇ ଏକ ଦେଶ ସର୍ବଦା ଶିଖରରେ ରହି ପାରିବ ନାହିଁ।

ଅନ୍ୟପକ୍ଷରେ ଏସିଆ ଓ ଆଫ୍ରିକାର ବିକାଶଶୀଳ ଦେଶମାନେ ଆମେରିକାର ଡଲାରର ପ୍ରଭାବରୁ ମୁକ୍ତି ପାଇବାର ଅନ୍ୟ ଉପାୟ ଖୋଜିଲେଣି। ବ୍ରିକ୍ସ ପରି ଦେଶ ସମୂହ ଡଲାରର ବିକଳ୍ପ ମୁଦ୍ରା ଗ୍ରହଣ କରିବାକୁ ଚେଷ୍ଟା କଲେଣି ଯାହା ଆମେରିକାକୁ ଆଦୌ ପସନ୍ଦ ନୁହେଁ। ଯାହା ବି ହେଉ ଆମେରିକା ତା'ର ଆଧିପତ୍ୟ ବଜାୟ ରଖିବାକୁ ହେଲେ ୟୁରୋପୀୟ ଦେଶ ସହିତ ଅନ୍ୟ ଏସୀୟ ତଥା ଆଫ୍ରିକୀୟ ବିକାଶଶୀଳ ଓ ଗରିବ ଦେଶମାନଙ୍କୁ ନିଜର ସହଯୋଗୀ ଭାବରେ ବାଛିବାକୁ ଆଗେଇ ଆସିବା ଉଚିତ। ବ୍ୟବସାୟିକ ମନୋବୃତ୍ତି ରଖି ସାମାନ୍ୟ କଥାରେ ଅର୍ଥନୈତିକ କଟକଣା, ଅର୍ଥନୈତିକ ବାଛନ୍ଦ ଓ ଟାରିଫ୍ ବୃଦ୍ଧିର ଭୟ ଦେଖାଇବା ଛାଡ଼ି ବିଶ୍ୱର ଏକ ସାମଗ୍ରିକ ବିକାଶକୁ ପାଥେୟ କରି ସମସ୍ତ ଦେଶମାନଙ୍କର ଭାଗୀଦାରିରେ ଏକ ନୂତନ ଆର୍ଥିକ ପନ୍ଥା ବାଛିବା ଶ୍ରେୟସ୍କର ହେବ। ଏହା ସହିତ ସଂଯୁକ୍ତ ରାଷ୍ଟ୍ରକୁ ଅଧିକ ସଶକ୍ତ ଓ କ୍ରିୟାଶୀଳ କରି ଏହାକୁ ଏକ ବିଶ୍ୱସନୀୟ ନିର୍ଭରଯୋଗ୍ୟ ସଂସ୍ଥା ରୂପରେ ଗଢ଼ି ତୋଳିଲେ ସମଗ୍ର ବିଶ୍ୱ ପାଇଁ ଏହା ଲାଭଦାୟକ ହେବ। ଅନ୍ୟଥା ଦିନ ଆସିବ ବିକାଶ ଚକ୍ରର ନିୟମ ଅନୁଯାୟୀ ଆମେରିକାର ଆଧିପତ୍ୟ ଧୀରେ ଧୀରେ କମ୍ ହୋଇ ଅନ୍ୟ ଦେଶମାନଙ୍କର ଆଧିପତ୍ୟ ବଢ଼ିବ ଓ ଶେଷରେ ଆମେରିକାର ସ୍ଥାନ ଆଉ କିଏ ମାଡ଼ି ବସିବ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**



## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ଉଦ୍ଦେଶ୍ୟରେ ମିଶନ ଶକ୍ତି ପୁନର୍ଗଠନ ନ ହେଉ

ମହାଶୟ,
ରାଜ୍ୟରେ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ମହିଳାଙ୍କ ସହ ବିଶ୍ୱାସଘାତକତା। ବିଭାଗୀୟ ସଚିବ ପ୍ରତ୍ୟେକ ଜିଲାପାଳଙ୍କୁ ମିଶନ ଶକ୍ତିର ପୁନର୍ଗଠନ ପାଇଁ ପତ୍ର ଲେଖିଛନ୍ତି। ଯେକୌଣସି ସଙ୍ଗଠନର କାର୍ଯ୍ୟକାରୀ କମିଟି ପୁନର୍ଗଠନରେ ଉକ୍ତ ସଙ୍ଗଠନର ସାଧାରଣ ସଭ୍ୟମାନେ ସର୍ବେସର୍ବା। ହେଲେ ଏ କ୍ଷେତ୍ରରେ ଆଉ ପୁରୁଣା କର୍ମକର୍ତ୍ତା ରହିପାରିବେ ନାହିଁ ନିଷ୍ପତ୍ତିକୁ ସଙ୍ଗଠନର ସଭ୍ୟମାନଙ୍କ ଉପରେ ଲଦି ଦିଆଯାଉଛି। ଭୁବନେଶ୍ୱରରେ ଆନ୍ଦୋଳନରତ ମିଶନ ଶକ୍ତିର ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହାର କରିବା ପରଦିନ ଏଭଳି ଚିଠି ପ୍ରଦାନ କରାଯିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରରେ ମିଶନ ଶକ୍ତି କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏ କ୍ଷେତ୍ରରେ ପ୍ରଥମେ ଆକ୍ରମଣାତ୍ମକ ହେବା ଭବିଷ୍ୟତ ପାଇଁ ବିପଦ। ଏଥିନେଇ ସକାରାତ୍ମକ ଦିଗରେ କାର୍ଯ୍ୟକଲେ ସରକାର ଅଧିକ ଗ୍ରହଣୀୟ ହେବେ। ତେବେ ସରକାରଙ୍କ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ପ୍ରଚାର ପରେ ବିଭିନ୍ନ ଗାଁରେ କ୍ଷମତାସୀନ ଦଳର କର୍ମୀମାନେ ନୂଆ କର୍ମକର୍ତ୍ତାଙ୍କୁ ମାସିକ ଆକାରରେ ଏବେ ଅର୍ଥ ପ୍ରଦାନ କରାଯିବା ମିଛ ପ୍ରଚାର ଚଳାଇଛନ୍ତି।

**-ସତୀଶ୍ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଇଡି ଏବେ ମୋଦିଙ୍କ କମ୍ପାନୀ : ଭକ୍ତ


ରାଜ୍ୟ କଂଗ୍ରେସ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

## ଇଡି କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଭୁବନେଶ୍ୱର,୧୬ା୪(ରବିନାରାୟଣ ଜେନା)

ନ୍ୟାଶନାଲ ହେରାଲ୍ଡ ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଅଭିଯୋଗପତ୍ର ଦାଖଲକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏଆଇସିସିର ଆହ୍ୱାନକ୍ରମେ ବୁଧବାର ପୂର୍ବାହ୍ନ ୧୧ଟାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟ ଘେରାଉ କରାଯାଇଛି।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଇଡି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ଇଡି ଏବେ ମୋଦିଙ୍କ କମ୍ପାନୀ ହୋଇଯାଇଛି। ମିଥ୍ୟା ମାମଲାରେ କଂଗ୍ରେସ ନେତୃବୃନ୍ଦଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଛି। ହେଲେ ସେ ସଫଳ ହୋଇପାରିବନାହିଁ। ମୋଦି ଓ ଶାହାଙ୍କ ନିର୍ଦ୍ଦେଶରେ ଇଡି ଏକ ମିଛ ମାମଲାରେ ଅଭିଯୋଗପତ୍ର ଦାଖଲ କରିଛି। ଏହି ଘଟଣାରେ ଭାରତବର୍ଷର ସମସ୍ତ ଆଇନକାନୁନ୍ ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ନ୍ୟାଶନାଲ ହେରାଲ୍ଡ ସମ୍ପତ୍ତି ଓ ଅର୍ଥ ହେର୍‌ଫେର୍ କଥା କୁହାଯାଉଛି, ପ୍ରକୃତରେ ଏହି ଘଟଣାରେ ଏକ ଟଙ୍କାର କାରବାର ହୋଇନାହିଁ । ୟଙ୍ଗ୍ ଇଣ୍ଡିଆ କମ୍ପାନୀ ଏକ ବିନା ଲାଭକାରୀ କମ୍ପାନୀ। ଏହି କମ୍ପାନୀ ୨୫ ଧାରା ଅନୁସାରେ ପରିଚାଳିତ। ଏହି କମ୍ପାନୀର ନିର୍ଦ୍ଦେଶକମାନେ କୌଣସି ପ୍ରକାର ଦରମା ନିଅନ୍ତିନାହିଁ। ଏହି କମ୍ପାନୀ କୌଣସି ଲାଭ କରେନାହିଁ। ଯଦି ୧ ଟଙ୍କାର କାରବାର ହୋଇନାହିଁ ଏବଂ କୌଣସି ସମ୍ପତ୍ତି ହସ୍ତାନ୍ତର ହୋଇନାହିଁ, ତା'ହାଲେ ଅର୍ଥ ହେର୍‌ଫେର୍ କଥା ଆସିଲା କେଉଁଠୁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

ସେ କହିଥିଲେ ଯେ, ଏହି କମ୍ପାନୀ ଦ୍ୱାରା ନବଜୀବନ ପତ୍ରିକା ଓ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶିତ ହେଉଥିଲା। ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ଦେଶର ଜନସାଧାରଣ ଓ ବିଦେଶରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚାଇବା ହେଉଛି ଏହି ଖବରକାଗଜର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ପଣ୍ଡିତ ନେହେରୁ ନିଜର ପୈତୃକ ଜାଗାକୁ ଲକ୍ଷ୍ନୌଠାରେ ପତ୍ରିକା ପ୍ରକାଶନ ପାଇଁ ଦେଇଥିଲେ। ଭାଜପାକୁ ଏବେ ରାଜନୈତିକ ଭୟ ଘାରିଛି। ଏହାକୁ ନେଇ କେନ୍ଦ୍ର ସରକାର ଏହି ଷଡ଼ଯନ୍ତ୍ର ରଚିଛନ୍ତି। ଏହାକୁ କଂଗ୍ରେସ ସହ୍ୟ କରିବନାହିଁ। ଏହାର ପ୍ରତିବାଦରେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ। କେନ୍ଦ୍ରର ଜନବିରୋଧୀ ନୀତିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ରାଜ୍ୟ ତଥା ଦେଶରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଭାବେ ଉଭା ହୋଇଛି। ଏହାକୁ ଭାଜପା ସରକାର ସହ୍ୟ କରିପାରୁନାହିଁ। ତେଣୁ ନିଜ ଭାବମୂର୍ତ୍ତି ରକ୍ଷା କରିବା ଲାଗି ଏପରି ହୀନ ପ୍ରୟାସ ଚଳାଇଛି ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ୍, ସୁରେଶ କୁମାର ରାଉତରାୟ, ନକୁଳ ନାୟକ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ଭାଜପା ସରକାର କିଭଳି ଇଡିକୁ ହାତବାରିସି କରି କଂଗ୍ରେସ ବିରୋଧରେ ଅପପ୍ରଚାର ଚଳାଇଛି, ତାକୁ ନିନ୍ଦା କରିବା ସହ ମୋଦି ସରକାର ଉପରେ ବର୍ଷିଥିଲେ।

# ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଧାରଣା ଦେଉଛି କଂଗ୍ରେସ: ମନମୋହନ

ଭୁବନେଶ୍ୱର,୧୬ା୪(ସୁନିତ୍ ମିଶ୍ର)


ମନମୋହନ ସାମଲ

'ଧାରଣା ଦେବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ଅତ୍ୟନ୍ତ ନିର୍ଲଜ କାମ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ୫ ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶନ ଆରମ୍ଭ ହୋଇଥିଲା। ଏହା କେବଳ ନେହେରୁ ପରିବାରର ବ୍ୟକ୍ତିଗତ ଅଫିସ ନ ଥିଲା। ଦେଶର ସ୍ୱାଧୀନତା ସଂଗ୍ରାମ ସେନାନୀଙ୍କ ବାର୍ତ୍ତାକୁ ଦେଶବ୍ୟାପୀ ପହଞ୍ଚାଇବା ଏହି ଖବରକାଗଜର ମୂଳ ଉଦ୍ଦେଶ୍ୟ ଥିଲା। ଭାରତବର୍ଷର ବିଭିନ୍ନ ସ୍ଥାନରେ ପ୍ରକାଶକ ଏଜେଏଲ୍ କମ୍ପାନୀ ଜରିଆରେ ନ୍ୟାଶନାଲ ହେରାଲ୍ଡ ନିଜର ଶାଖା ପ୍ରଶାଖା ଖୋଲି ଦେଶର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିଲା। ପରବର୍ତ୍ତୀ ସମୟରେ ୯୦ କୋଟି ଟଙ୍କାର ଆର୍ଥିକ ଋଣ ଦେଖାଇ ୨୦୦୮ରେ ଏହାକୁ ବନ୍ଦ କରିଦିଆଗଲା। କଂଗ୍ରେସର ତତ୍କାଳୀନ କୋଷାଧ୍ୟକ୍ଷ ମୋତିଲାଲ ଭୋରା ସେତେବେଳେ ଏହାର ନିର୍ଦ୍ଦେଶକ ଥିଲେ। ଅନ୍ୟପଟେ ମାତ୍ର ୫୦ ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସମ୍ପତ୍ତି ୟଙ୍ଗ୍ ଇଣ୍ଡିଆ ସଂସ୍ଥାକୁ ଦିଆଗଲା। ଏହାର ୩୮% ଅଂଶ ସୋନିଆ ଗାନ୍ଧୀ ଏବଂ ୩୮% ଅଂଶ ରାହୁଲ ଗାନ୍ଧୀଙ୍କର ଥିଲା। ଅର୍ଥାତ୍ ମାତ୍ର ୫୦ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ଭୋପାଳ ଓ ପାଟନାଠାରେ ଥିବା ହଜାର ହଜାର କୋଟି ଟଙ୍କାର ସମ୍ପତ୍ତିକୁ ନିଜ ନାମରେ କରିଦିଆଗଲା ବୋଲି ସେ କହିଛନ୍ତି।

ଏଥିସହ ମନମୋହନ କହିଛନ୍ତି, ଗତ ୪ ବର୍ଷ ଧରି ନ୍ୟାଶନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟରେ ସନ୍ତୋଷଜନକ ତଥ୍ୟ ଉପସ୍ଥାପନ ପରିବର୍ତ୍ତେ କଂଗ୍ରେସ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରୁଛି। ଆସନ୍ତା ୨୧ରେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଥିବା କାରଣରୁ ବିଭ୍ରାନ୍ତ ଓ ବାଚାଳାମିକରି ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାର ପ୍ରଚେଷ୍ଟା କରାଯାଉଛି ବୋଲି ମନମୋହନ କହିଛନ୍ତି।

# 'ଶଙ୍ଖ ଭବନ' ପଛରେ ଥିଲା ନବୀନ ହଟାଅ ଷଡ଼ଯନ୍ତ୍ର : ଜଗଦେବ

ଖୋର୍ଦ୍ଧା,୧୬ା୪(ପ୍ରଭାତ ପାଣିଗ୍ରାହୀ)

ଶଙ୍ଖ ଭବନର ଗୁମର ଖୋଲିଛନ୍ତି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ନାମିତ ବିଜୁ ଜନତା ଦଳର କାର୍ଯ୍ୟାଳୟ କାହିଁକି 'ଶଙ୍ଖ ଭବନ' ଲେଖାଗଲା, ଏହା ପଛରେ ବଡ଼ ରହସ୍ୟ ରହିଛି ବୋଲି ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଗଦେବ କହିଛନ୍ତି। ପ୍ରଥମେ ବିଜୁ ପଟ୍ଟନାୟକ ଓ ପରେ ନବୀନ ପଟ୍ଟନାୟକଙ୍କୁ ହଟାଇ ଦଳର ନେତୃତ୍ୱକୁ ଜଣେ ବ୍ୟକ୍ତି ନିଜ ଅକ୍ତିଆରକୁ ନେବା ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଗଦେବ ଅଭିଯୋଗ ଆଣିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ବିଜୟଲାଭ କରିଥିଲେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। ନବୀନଙ୍କୁ ଆଗରେ ରଖି ଜଣେ ବ୍ୟକ୍ତି ଶାସନଭାର ନିଜ ହାତକୁ ନେବାକୁ ମସୁଧା କରୁଥିଲେ। ଯେଉଁଦିନ ଶଙ୍ଖ ଭବନର ଭିତ୍ତିପ୍ରସ୍ତର ପଡିଥିଲା, ସେଦିନ ତାଙ୍କୁ କୁହାଯାଇଥିଲା ୫୦ବର୍ଷ ପାଇଁ ଲକ୍ଷ୍ୟ ରହିଛି। ଏହାଶୁଣି ସେ ଚକିତ ହୋଇଯାଇଥିଲେ। ସରକାରୀ ଜାଗାକୁ ଦଖଲ କରି ସେଠାରେ ଶଙ୍ଖ ଭବନ ନିର୍ମାଣ କଲେ। ଭଗବାନ୍ ସହିଲେନି, ବିଜେଡି ନିର୍ବାଚନ ହାରିଲା। ଆଗାମୀ ଦିନରେ ବିଜୁ ଜନତା ଦଳ ଯଦୁ ବଂଶ ଭଳି ଧ୍ୱଂସ ହୋଇଯିବ। ବିଜେଡିରୁ ଓହରି ଯାଇଥିବାରୁ ରକ୍ଷା ପାଇଗଲେ ବୋଲି ଜଗଦେବ କହିଛନ୍ତି।

# ୱାକ୍‌ଫ ବିଲ୍: ୨୦ରୁ ୧୫ ଦିନ ରାଜ୍ୟବ୍ୟାପୀ ଜନଜାଗରଣ କରିବ ଭାଜପା



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬ା୪(ସୁନିତ୍ ମିଶ୍ର)

ଏପ୍ରିଲ ୨ରେ ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ପାରିତହୋଇଛି। ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଉକ୍ତ ବିଲ୍ ପାରିତହେବା ଫଳରେ ୱାକ୍‌ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତ୍ତିକୁ ରକ୍ଷା କରାଯାଇପାରିବ। ୱାକ୍‌ଫ ବିଲ୍ ପାରିତହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢ଼ିପାରିବେ। ଏ ସମ୍ପର୍କରେ ଓଡ଼ିଶାର ୩୩ଟି ଜନଜାତି ବହୁଳ ବିଧାନସଭା ମଣ୍ଡଳୀ ସମେତ ରାଜ୍ୟବ୍ୟାପୀ ଜନଜାଗରଣ ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମ ୨୦ ଏପ୍ରିଲରୁ ମେ ୫ ପର୍ଯ୍ୟନ୍ତ ଚାଲିବ ବୋଲି ଭାଜପା ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଏହି ବିଲ୍ ପାରିତ କରିଥିବାରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଧନ୍ୟବାଦ। ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ ଭଳି ଜନଜାତି ବହୁଳ ରାଜ୍ୟବାସୀମାନେ ବିଶେଷ ଲାଭାନ୍ୱିତ ହେବେ। ଏହି ସଂଶୋଧନ ବିଲ୍ ବିଷୟରେ ବୁଝାଇବାକୁ ଲୋକଙ୍କ ପାଖକୁ ଭାଜପା ଯିବ। ୱାକ୍‌ଫ ଅଧୀନରେ ପର୍ଯ୍ୟାପ୍ତ ପରିମାଣର ସମ୍ପତ୍ତି ଥାଇ ମଧ୍ୟ କଂଗ୍ରେସ କେବେହେଲେ ଗରିବ ଲୋକଙ୍କ ଉତ୍ଥାନ କଥା ଚିନ୍ତାକରି ନ ଥିଲା। ମୁସଲିମ୍ ସମୁଦାୟ ଲୋକଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବା ପାଇଁ ଚେଷ୍ଟା ନ କରି କେବଳ ଭୋଟବ୍ୟାଙ୍କ ଭଳି ସେମାନଙ୍କୁ ବ୍ୟବହାର କରୁଥିଲା। ମୁସଲିମ ସମ୍ପ୍ରଦାୟର ଗରିବ, ଖଟିଖିଆ ଓ ମହିଳାଙ୍କୁ କେବେ ଆଗକୁ ଯିବାକୁ ୱାକ୍‌ଫ ବୋର୍ଡ ଦେଉ ନ ଥିଲା। ଏହା ସତ୍ତ୍ୱେ ୱାକ୍‌ଫ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ କଂଗ୍ରେସ ଦେଇଥିଲା। କଂଗ୍ରେସର ଏହି ଲାଇସେନ୍ସକୁ ପ୍ରଧାନମନ୍ତ୍ରୀ ରଦ୍ଦ କରିଛନ୍ତି ବୋଲି ସମୀର କହିଛନ୍ତି।

# ଭଞ୍ଜନଗରର ବିଜେଡି, ଭାଜପା ନେତା, କର୍ମୀ ଧରିଲେ ହାତ

## କଂଗ୍ରେସର ମିଶ୍ରଣ ପର୍ବ

ଭୁବନେଶ୍ୱର,୧୬ା୪ (ରବିନାରାୟଣ ଜେନା)

ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିଜେଡି, ଭାଜପା ନେତା ଓ କର୍ମୀ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ ନବାଗତଙ୍କୁ ଟୋପି ଓ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

ଏହି ଅବସରରେ ଭକ୍ତ କହିଥିଲେ, କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ତ୍ୟାଗରେ ଅନୁପ୍ରାଣିତ ହୋଇ ଭଞ୍ଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁତୁଡାଇ, ହରିଗଡ଼ ଓ ଦଦରଲୁଣ୍ଡା ଗ୍ରାମପଞ୍ଚାୟତରୁ ବିଜେଡି ଓ ଭାଜପାର ଅନେକ ପଦାଧିକାରୀ କଂଗ୍ରେସରେ ଯୋଗଦେଇଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଯୁବନେତା ପ୍ରଶାନ୍ତ କୁମାର ବିଶୋୟୀ ସାଧାରଣ ଜନତା ବିଶେଷକରି ମହିଳା, ଯୁବକ, କୃଷକ, ଛାତ୍ର ଏବଂ ଆଦିବାସୀ ଓ ଦଳିତମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ନିଷ୍ପାପର ସଂଗ୍ରାମ କରିଆସୁଛନ୍ତି ସେଥିରେ ତାଙ୍କ ଜନାଦୃତି ବଢ଼ିଛି। ଦୁର୍ନୀତି, ନାରୀ ନିର୍ଯ୍ୟାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ପ୍ରତି ଉଦାସୀନତା ଓ ଉତ୍କଟ ବେକାରି ସମସ୍ୟା ପ୍ରସଙ୍ଗରେ ଲଢ଼େଇ କରିବା ପାଇଁ କଂଗ୍ରେସ ହିଁ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଆଗାମୀ ଦିନରେ ରାଜ୍ୟର ବିକଳ୍ପ କେବଳ କଂଗ୍ରେସ ହିଁ ହେବ ବୋଲି ଭକ୍ତ କହିଥିଲେ।

ଏହି ଅବସରରେ ଭଞ୍ଜନଗର କୁତୁଡାଇ ଗ୍ରାମପଞ୍ଚାୟତର ବିଜେଡି ସମିତିସଭ୍ୟ ପ୍ରତିନିଧି ରବୀନ୍ଦ୍ର କୁମାର ଦୋଷନ୍ଦି, ନାଏବ ସରପଞ୍ଚ ଦେବରାଜ ଗୌଡ଼, ଯୁବ ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ୱାର୍ଡସଭ୍ୟ ସାଗର ପାତ୍ର, ଦଦରଲୁଣ୍ଡା ଗ୍ରାମପଞ୍ଚାୟତରୁ ବଳଭଦ୍ର ଦିଗାଲ, କୃଷ୍ଣ ନାୟକ, ଶଙ୍କର ସାହୁ ପ୍ରମୁଖ ବିଜେଡି ଓ ଭାଜପା ଛାଡ଼ି ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି।


## ପୂର୍ବତଟ ରେଳପଥ

Tender Notice No.: 06/ET/SBP/ENGG/2025-26, ତା.08.04.2025 ରିଖ

କାର୍ଯ୍ୟର ନାମ: ସମ୍ବଲପୁର ଡିଭିଜନର ଝାରସୁଗୁଡା ଜଙ୍କସନ୍-ସମ୍ବଲପୁର ସେକ୍ସନରେ ରେଙ୍ଗାଲି-ଶାସନ ଷ୍ଟେସନ ଗୁଡିକରେ LC NO. JT-18ର ବନ୍ଦ ସହିତ LC NO. JT-19 ପରିବର୍ତ୍ତେ LC NO.JT-18 ର 547/12 କିମିରୁ LHS ଆଡକୁ 310 ମିଟର ଦୈର୍ଘ୍ୟ ଡାଇଭର୍ସନ ରୋଡ୍ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,01,67,161.25
ବିଡ୍ ସିକ୍ୟୁରିଟି: ଟ.2,00,900/-, କାର୍ଯ୍ୟସମାପ୍ତିର ଅବଧି: 6(ଛଅ)ମାସ

(2) Tender No.: 09-eT-DENE-SBP-25
କାର୍ଯ୍ୟର ନାମ: ସମ୍ବଲପୁର ଡିଭିଜନର ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-କେରେଜଙ୍ଗା ସେକ୍ସନରେ ଚଳାଚଳ ବନ୍ଦ କରିବା ପାଇଁ 527/6-7 B/W କିମି ବୃନ୍ଦାମାଳ-ଲପଙ୍ଗ, 552/12-14, B/W କିମି ସର୍ଲା-ଶାସନ ଏବଂ 111/7-8 B/W ହଣ୍ଡପା-ବୋଇଣ୍ଡା କିମି ସବୱେ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.16,27,47,625.23
ବିଡ୍ ସିକ୍ୟୁରିଟି: ଟ.9,63,800/-, କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 01.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ) ଖୋର୍ଦ୍ଧା ରୋଡ୍
PR-39/Q/25-26



## SHREE JAGANNATH TEMPLE OFFICE, PURI

RFP Identification No. 01/Gen./2025 Memo 5342 Dt.15.04.25 in Single stage two Cover System for "Comprehensive Facility Management Service (CFMS)" for 4 Nos. of Bhakta Niwas of SJTA, Puri.
Visit Website: **www.shreejagannatha.in**
**Last date: 15.05.2025 by 5.00 P.M.**

**Sd./- Administrator**
**Shri Jagannath Temple, Puri**



## OFFICE OF THE REGULATED MARKET COMMITTEE, NARASINGHPUR

No. 115 Dt.15.04.2025

**e-Procurement Notice**

Organization Chain-Odisha State Agricultural Marketing Board/RMC Narasinghpur

e-Procurement No. RMC/NARASINGHPUR-02/2024-25

1. The Sub-Collector, Athgarh-cum-Chairman, R.M.C., Narasinghpur invites percentage rate bids in double cover system (Technical Bid & Price Bid) in ONLINE MODE from eligible contractors for "Construction of Office building and 50MT Godowns at different PACS under Athgarh Sub-Divisional area under RMC Narasinghpur".
2. Nature of work : Civil Construction works as per DTCN.
3. No. of works : 04 (Four)
4. Tender Paper Cost : Rs.10,000/-
5. Class of Contractor : "A" & "B"
6. Availability of bid documents in the website : From 10.00 A.M. of 17.04.2025 to 5.00 P.M. of 06.05.2025
7. Date of Opening of Bid : Dt.07.05.2025 at 12.00 P.M.

The bidders have to participate in ONLINE bidding only. Further details can be seen from the website: **http://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman**
**RMC Narasinghpur**



## कार्यपालक अभियंता का कार्यालय,

पथ निर्माण विभाग, पथ प्रमण्डल, धनबाद।

ई–प्रोक्योरमेंट सूचना

ई–निविदा (1st Call) निविदा सूचना सं0–RCD /DHANBAD/606/2025-26
दिनांक : 16.04.2025

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत "IRQP work of Bus Stand to Polic e Line via Housing Colony Road (Length - 1.10 km), Housing Colony Road (Length - 2.80 km) and Dhanbad Link Road (Length -1.50 km) (कुल लम्बाई– 5.40 कि0मी0) कार्य" (वित्तीय वर्ष 2025–26)। |
| 2. | प्राक्कलित राशि (रू0) | रू0 4,31,73,569/– |
| 3. | कार्य पूर्ण करने की अवधि | 2 माह |
| 4. | ई–निविदा प्राप्त करने की अंतिम तिथि एवं समय | 23.05.2025 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 23.04.2025 के पूर्वाह्न 10.30 बजे से |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी **http://jharkhandtenders.gov.in** पर देखी जा सकती है।

PR 350512 Road (25-26)D

कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद।



## ODISHA PUBLIC SERVICE COMMISSION

### NOTICE

No. 2389/P.S.C. Dt.15.04.25
(1E-01-2025-26) (DR-II)

No. D-12: It is for information of all concerned that, the Commission have decided to conduct the Main Examination of **Assistant Executive Engineer (Civil)**, under the P.R. & D.W. Department pursuant to Advertisement No. 33 of 2023-24, in 03 zones of the State i.e. Bhubaneswar, Cuttack & Sambalpur.
The concerned candidates are advised to visit the website of the Commission (**www.opsc.gov.in**) regularly for further updates in this regard.

**PROGRAMME OF EXAMINATION**

| Date | Session | Paper | Time |
|---|---|---|---|
| 11.05.2025 (Sunday) | 1st Session | Paper - I (General Studies) | 9.30 A.M. to 12.00 Noon (9.30 A.M. to 12.50 P.M. for PWD Candidates) |
| | 2nd Session | Paper - II (Specialized Paper - Civil Engg.) | 2.00 P.M. to 4.30 P.M. (2.00 P.M. to 5.20 P.M. for PWD Candidates) |

OIPR-12002/11/0188/2526 **Sd./- Secretary**



## ପୂର୍ବ ତଟ ରେଳପଥ

(1)ଇ-ଟେଣ୍ଡର ବିଜ୍ଞପ୍ତି ନଂ.e-Tender-Elect-G-04-25
କାର୍ଯ୍ୟର ବିବରଣୀ: ପାଞ୍ଚ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକଠାରେ ଘରୋଇ ଦୋକାନ, ୟୁନିୟନ କାର୍ଯ୍ୟାଳୟ, କ୍ଲବ, ସଂସ୍ଥା ସମୂହ ଇତ୍ୟାଦିରେ ସଂସ୍ଥାପିତ ପ୍ରିପେଡ୍ ମିଟରିଂ ସିଷ୍ଟମ ନିମନ୍ତେ ପ୍ରତି ମିଟର ପ୍ରତ୍ୟେକ ବ୍ୟବହାରକାରୀ ବିକ୍ରୟ କାରବାର (Vending transaction) ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC)/ବାର୍ଷିକ ଶୁଳ୍କ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 14,66,832.50, EMD (ଟଙ୍କାରେ): 29,300/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ନଂ.e-Tender-Elect-G-05-25
କାର୍ଯ୍ୟର ବିବରଣୀ: ତାଳଚେର ରେଳ ଷ୍ଟେସନଠାରେ ରିଙ୍ଗ୍ ମେନ୍ ଆରେଞ୍ଜମେଣ୍ଟ୍ (Ring main arrangement) ର ବ୍ୟବସ୍ଥା ସହିତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,08,63,177.19, EMD (ଟଙ୍କାରେ): 2,54,300/-।

(3)ଇ-ଟେଣ୍ଡର ବିଜ୍ଞପ୍ତି ନଂ.e-Tender-Elect-G-06-25
କାର୍ଯ୍ୟର ବିବରଣୀ: ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ଦ୍ୱାରା ଟମକା, ନୟାଗଡ଼, ପର୍ଜନପୁର, ଗୋଆଇଡ଼ିହ ଏବଂ ଧାନମଣ୍ଡଳ ଗୁଡ୍‌ସ ସେଡ୍‌ର ଉନ୍ନୟନ ସମ୍ବନ୍ଧୀୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,71,11,654.39, EMD (ଟଙ୍କାରେ): 3,85,600/-।

(4)ଇ-ଟେଣ୍ଡର ବିଜ୍ଞପ୍ତି ନଂ.e-Tender-Elect-G-07-25
କାର୍ଯ୍ୟର ବିବରଣୀ: ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ଦ୍ୱାରା କପିଳାସ ରୋଡ୍, କଟକ, ନିର୍ଗୁଣ୍ଡି, ଜଗନ୍ନାଥପୁର ଗୁଡ୍‌ସ ସେଡ୍‌ର ଉନ୍ନୟନ ସମ୍ବନ୍ଧୀୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,28,14,561.37, EMD (ଟଙ୍କାରେ): 3,14,100।

ଶେଷ ହେବା ଅବଧି : 60 ମାସ (କ୍ରମ ସଂ.1 ନିମନ୍ତେ) ଏବଂ 06 ମାସ (କ୍ରମ ସଂ.2, 3 ଏବଂ 4 ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍
PR-36/Q/25-26



## STATE HIGHWAYS AUTHORITY OF JHARKHAND
Government of Jharkhand

**e-procurement Notice inviting RFP (3rd Call) for Engineering, Procurement & Construction (EPC)**

**Ref No: SHAJ/Tech/Patratu/Nalkari River Bridge/2024/378 Date:16.04.2025**

1. State Highways Authority of Jharkhand, Ranchi invites Request for Proposal for Engineering Procurement & Construction basis from eligible bidders for **"Construction of H. L. Bridge over Nalkari River under Patratu Block in Ramgarh District" in the State of Jharkhand.** The approximate cost of the work is Rs. **9.27** Crore.
2. The interested bidders who have experience in execution of similar works and required technical & financial strength may obtain Request for Proposal (RFP) document for Engineering, Procurement & Construction document from e-tendering portal www.jharkhandtenders.gov.in from **21.04.2025 (03:00 P.M.) to 06.05.2025 (upto 12:30 P.M.).**
The complete RFP Application shall be submitted online by **06.05.2025 (upto 12:30 PM)** on e-tendering portal www.jharkhandtenders.gov.in All the details regarding this RFP will be available on the above mentioned website. It will opened on **07.05.2025 (at 12:30 PM).**
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 9.27 Lakh (Rs. Nine Lakhs Twenty Seven Thousand) only. Tender fees and Earnest money Deposit(EMD) shall be deposited online as per Information technology & E-Governance Department order no 120 dated 03.10.2023.
4. **The cost of the work and Bid Security (EMD) may change.**

**Sd/-Member (Technical)**
**State Highways Authority of Jharkhand**
**Deen Dayal Nagar (Near Office of Executive Engineer, NH Division, Ranchi)**
**Booty Road, Ranchi-834008. Ph.: 0651-2361306,**
**E-mail: membertechnical.shaj3@gmail.com**

PR 350456 (State Highway Authority of Jharkhand)25-26*D



## GOVERNMENT OF ODISHA
No. A-40

## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER
## DEO IRRIGATION PROJECT, KARANJIA

At/P.O.: Karanjia, Dist.: Mayurbhanj - 757037
Tel.: 06796-296144, e-mail: cce.dip.dowr@gmail.com

**"e" Procurement Notice**

**Bid Identification No. 01/CCEDIP of 2025-26**

Name of Work : As per Detailed Tender Call Notice
Total No. of Packages : 01 (One) No. of Individual Work
Estimated Cost of Package : 253.81 Lakhs
Period of Completion : 9 (Nine) Calendar Months (Execution) and AMC for five years after completion of one year warranty period.
Class of Contractor : Registered & Licenced authorize dealer / agencies / eligible manufacturer having certificate carried out similar nature of work as per specification/ bidders registered with M/s. AIMIL Ltd. (Instrumentation and Technologies), India
Other Details :

| Procurement Officer | Bid Identification No. | Availability of tender Online for Bidding | | Date of Opening of Technical Bid |
|---|---|---|---|---|
| | | From | To | |
| Chief Construction Engineer, Deo Irrigation Project, Karanjia | 01/CCEDIP of 2025-26 | 19.04.2025 at 10.00 A.M. | 03.05.2025 upto 05.30 P.M. | 05.05.2025 at 10.00 A.M. |

N.B.: Further details can be seen from the Govt. website **www.tendersodisha.gov.in**. Any addendum/corrigednum/cancellation of tender can also be seen in the said website.

**Sd./- Chief Construction Engineer**
**Deo Irrigation Project, Karanjia**
OIPR-32337/11/0006/2526

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟାକଲେ ୟୁଟ୍ୟୁବର

## ତଣ୍ଟି ଚିପି ହତ୍ୟା ପରେ ଡ୍ରେନ୍‌ରେ ଫିଙ୍ଗି ଦେଇଥିଲେ



ୟୁଟ୍ୟୁବର ରବିନା ଓ ସୁରେଶ।

**ଭିୱାନି(ହରିୟାଣା),୧୬।୪**

ୟୁଟ୍ୟୁବ୍‌ରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହେବାର ନିଶା ତାଙ୍କୁ ଘାରି ଥିଲା। ଏପରି କି ସ୍ୱାମୀ ଏବଂ ପରିବାର ଲୋକଙ୍କ ବାରଣକୁ ମଧ୍ୟ ସେ ଶୁଣୁ ନ ଥିଲେ। ଇନ୍‌ଷ୍ଟାଗ୍ରାମରୁ ପରିଚିତ ହୋଇଥିବା ଅନ୍ୟ ଜଣେ ଯୁବ ୟୁଟ୍ୟୁବ୍‌ରଙ୍କ ସହ ମିଶି ଏକାଧିକ ଭିଡିଓ କରିଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦିନେ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖି ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ। ସ୍ୱାମୀଙ୍କୁ ଓଢ଼ଣିରେ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଣାକୁ ଲୁଚାଇବା ଉଦ୍ଦେଶ୍ୟରେ ପ୍ରେମିକଙ୍କ ସହ ମିଶି ମୃତଦେହ ନେଇ ଡ୍ରେନ୍‌ରେ ପକାଇଦେଲେ। ଏଭଳି ଏକ ଘଟଣା ହରିୟାଣା ଭିୱାନିରେ ଘଟିଥିବାବେଳେ ଏବେ ପୋଲିସ ଉଭୟ ୟୁଟ୍ୟୁବ୍‌ର ଏବଂ ତାଙ୍କ ପ୍ରେମିକଙ୍କୁ ଗିରଫ କରି ଜେଲ ପଠାଇଛି।

ମିଳିଥିବା ସୂଚନାନୁସାରେ, ୟୁଟ୍ୟୁବ୍‌ର ରବିନା ୨୦୧୭ରେ ପ୍ରବୀନଙ୍କୁ ବିବାହ କରିଥିଲେ। ଉଭୟଙ୍କ ଏକ ୬ବର୍ଷର ଶିଶୁ ପୁତ୍ର ରହିଛି। ରବିନା ଜଣେ ୟୁଟ୍ୟୁବର ଭାବେ ଜଣାଶୁଣା। ସେ ଇନ୍‌ଷ୍ଟାଗ୍ରାମ୍‌ରେ ସୁରେଶ ନାମକ ଅନ୍ୟ ଜଣେ ୟୁଟ୍ୟୁବରଙ୍କ ସହ ପରିଚିତ ହୋଇଥିଲେ। ପରେ ଉଭୟେ ମିଶି ଏକାଧିକ ଭିଡିଓ ଏବଂ ରିଲ୍‌ସ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ସେମାନଙ୍କ ବହୁ ଫଲୋଅର୍ସ ମଧ୍ୟ ଅଛନ୍ତି। ପ୍ରବୀନ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପ୍ରବୀନ ଏବଂ ତାଙ୍କ ପରିବାର ଲୋକ ରବିନାଙ୍କ ଏଭଳି କାର୍ଯ୍ୟକୁ ପ୍ରଥମରୁ ବିରୋଧ କରିଆସୁଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ରବିନା ଏବଂ ସୁରେଶଙ୍କ ମଧ୍ୟରେ ସମୟକ୍ରମେ ସମ୍ପର୍କରେ ଘନିଷ୍ଠତା ଦେଖାଦେଇଥିଲା। ଗତ ୨୫ତାରିଖରେ ରବିନା ଏବଂ ସୁରେଶଙ୍କୁ ଅସଂଯତ ଅବସ୍ଥାରେ ପ୍ରବୀନ ଦେଖିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ଉଭୟ ରବିନା ଏବଂ ସୁରେଶ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ପ୍ରବୀନଙ୍କ ତଣ୍ଟିକୁ ଓଢ଼ଣିରେ ଚାପି ହତ୍ୟା କରିଥିଲେ। ପରିବାର ଲୋକେ ପ୍ରବୀନଙ୍କ ସମ୍ପର୍କରେ ରବିନାଙ୍କୁ ପଚାରିବାରୁ ସେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ପରେ ମୃତଦେହକୁ ସୁରେଶଙ୍କ ସହ ମିଶି ରବିନା ଏକ ମୋଟର ସାଇକେଲରେ ଘରଠାରୁ ୬କିଲୋମିଟର ଦୂର ଏକ ସ୍ଥାନକୁ ନେଇ ସେଠାରେ ଥିବା ଏକ ଡ୍ରେନ୍‌ରେ ପକାଇ ଦେଇଥିଲେ। ପରେ ପ୍ରବୀନଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୨୮ ତାରିଖରେ ପୋଲିସ ପ୍ରବୀନଙ୍କ ଗଳିତ ମୃତଦେହ ଡ୍ରେନରୁ ଉଦ୍ଧାର କରିଥିଲା। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଘଟଣା ଦିନ ରାତି ପ୍ରାୟ ୨ଟା ୩୦ମିନିଟରେ ଏକ ମୋଟରସାଇକେଲରେ ୩ଜଣ ଯାଉଥିବା ଦେଖିବାକୁ ମିଳିଥିଲା। ଏପରି କି ଏହାର ୨ଘଣ୍ଟା ପରେ ସେହି ବାଟ ଦେଇ ଏକ ମୋଟରସାଇକେଲରେ ୨ଜଣ ଫେରୁଥିବାର ଦେଖାଯାଇଥିଲା। ପୋଲିସ ସନ୍ଦେହରେ ରବିନାଙ୍କୁ ଆଣି ପଚରାଉଚରା କରିବା ବେଳେ ସେ ତାଙ୍କ ପ୍ରେମିକ ସୁରେଶଙ୍କ ସହ ମିଶି ସ୍ୱାମୀ ପ୍ରବୀନଙ୍କୁ ହତ୍ୟା କରିବା ପରେ ଡ୍ରେନ୍‌ରେ ପକାଇ ଦେଇଥିବା ସ୍ୱୀକାର କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜେଲ ଗଲେ ଶରଣକୁଳ ଥାନା ଏସ୍‌ଆଇ

## ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ



ରାଜେଶ କୁମାର ଶ୍ରୀଚନ୍ଦନ

**ଭୁବନେଶ୍ୱର,୧୬।୪ (ସତ୍ୟଜିତ୍ ରାଉତ)**

ମାମଲାରେ ସହଯୋଗ କରିବା ପାଇଁ ବିଚାର ବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ଝିଅଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ରାଜେଶଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜେଶ ୨୦୧୭ ଜାନୁଆରୀ ୨ରେ ଏସ୍‌ଆଇ ଭାବେ ଚାକିରି ଆରମ୍ଭ କରିଥିଲେ। ନୟାଗଡ଼ର ବିଭିନ୍ନ ଥାନାରେ ସେ କାମ କରିବା ପରେ ୨୦୨୪ ଅକ୍ଟୋବରରେ ଶରଣକୁଳ ଥାନାକୁ ଆସିଥିଲେ। ଶରଣକୁଳ ଥାନାରେ ଗତ ୬ ତାରିଖରେ ରୁଜୁ ଏକ ହତ୍ୟା ଉଦ୍ୟମ ମାମଲାରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ରାଉତରାପୁର ଅଞ୍ଚଳର ନିରଞ୍ଜନ ଦାସଙ୍କୁ ଗିରଫ କରାଯିବା ପରେ ସେ ଜେଲ ଯାଇଥିଲେ। ଏହି ମାମଲାର ଆଇଓ ଥିଲେ ରାଜେଶ। ତେବେ ବୁଧବାର ନୟାଗଡ଼ କୋର୍ଟରେ ନିରଞ୍ଜନଙ୍କ ଜାମିନ ଶୁଣାଣି ଥିବାରୁ ଆଇଓ ରାଜେଶ କେସ୍ ଡାଏରୀ(ସିଡୀ) ଦାଖଲ କରିବାର ଥିଲା। ଏଥିରେ ରାଜେଶ ସାହାଯ୍ୟ କରିବାକୁ କହି ନିରଞ୍ଜନଙ୍କ ଝିଅ ମୋନାଲିସାଙ୍କଠାରୁ ଟଙ୍କା ଦାବି କରି ନେଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ।

# କୋଲ୍ ୱାସରି ସିଲ୍

## ୧୫୦୦ ଟନ୍‌ରୁ ଊର୍ଦ୍ଧ୍ୱ ବେଆଇନ ଗଚ୍ଛିତ କୋଇଲା ଜବତ



ଅଧିକାରୀମାନେ ଖଣି ସିଲ୍ କରୁଛନ୍ତି।

**ସୁନ୍ଦରଗଡ଼,୧୬।୪ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଧୀନରେ ଚାଲିଥିବା ଚୋରା କୋଇଲା ଖଣି ଠାବ ପରେ ଏବେ ଜିଲା ପ୍ରଶାସନ ଏବଂ ଖଣି ବିଭାଗ ପକ୍ଷରୁ ବିଭିନ୍ନ କୋଲ ୱାସରୀ ଓ ସାଇଡିଂଗୁଡିକରେ ଚଢ଼ାଉ କରାଯାଇ ତନାଘନା ଚାଲିଛି। ଏହି କ୍ରମରେ ହେମଗିର ବ୍ଲକର କନିକାଠାରେ ଥିବା ଆର୍ଯ୍ୟନ କୋଲ ୱାସରୀ ଉପରେ ଜିଲା ପ୍ରଶାସନ, ପୋଲିସ, ଖଣି ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବୁଧବାର ସନ୍ଧ୍ୟାରେ ଏହାକୁ ସିଲ୍ କରାଯାଇଛି। ଏହି ଚଢ଼ାଉବେଳେ କୋଲ ୱାସରୀ କ୍ୟାମ୍ପସ ବାହାରେ ଥିବା ଜଙ୍ଗଲ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ୧୫୦୦ଟନରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଥିବା ନେଇ ସଦର ଉପଜିଲାପାଳ ଦାଶରଥି ସରାବୁ ସୂଚନା ଦେଇଛନ୍ତି। ଏହି କୋଲ ୱାସରୀ ଉପରେ ମଙ୍ଗଳବାର ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ୱାସରୀ କ୍ୟାମ୍ପ ସ୍ ଭିତରେ ଥିବା କୋଇଲା କାଗଜପତ୍ର ଠିକ୍ ଥିବା ବେଳେ କ୍ୟାମ୍ପସ୍ ବାହାରେ ୱାସରୀର ଜମିରେ ଥିବା ଜଙ୍ଗଲ ଭିତରେ ଗଦା ହୋଇଥିବା କୋଇଲାର କାଗଜପତ୍ର ଠିକ ନଥିବାରୁ ଏହାକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ସଦର ଉପଜିଲାପାଳ ସରାବୁଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଖଣି ଉପ ନିର୍ଦ୍ଦେଶକ ବିମ୍ବାଧର ସେଠୀ, ହେମଗିର ତହସିଲଦାର ସାରିକାରାଣୀ ଢମେଲ, ସଦର ଏସ୍‌ଡିପିଓ ନିର୍ମଳଚନ୍ଦ୍ର ମହାପାତ୍ର ପ୍ରମୁଖ ଅଧିକାରୀମାନେ ସାମିଲ ଥିଲେ। ଆର୍ଯ୍ୟାନ କୋଲ ୱାସରୀର ଏଜିଏମ ବିବେକ ଶର୍ମା କହିଛନ୍ତି ଯେ, କୋଲ ୱାସରୀ ଭିତରେ ବିଭିନ୍ନ ସମୟରେ ଷ୍ଟକ ଗୁଡିକରେ ନିଆଁ ଲାଗିଯାଉଥିବାରୁ କ୍ୟାମ୍ପସ ବାହାରେ କୋଇଲା ଷ୍ଟକ କରି ରଖାଯାଉଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

**ବୈଶିଙ୍ଗା,୧୬।୪(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମସ୍ଥିତ ଅଙ୍ଗନୱାଡିକେନ୍ଦ୍ରରେ ବୁଧବାର ଅପରାହ୍ନ ୨ଟା ସମୟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପଦ୍ମନାଭପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଝିଅ ଅମ୍ରିତା ମାମୁ ଘର ବାଲେଶ୍ୱର ଜିଲା କାଠସିଙ୍ଗଡ଼ା ଗ୍ରାମରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିଲେ। ମହାବିଷୁବ ସଂକ୍ରାନ୍ତିରେ ସ୍କୁଲ ଛୁଟି ଥିବା ଯୋଗୁ ଘରକୁ ଆସିଥିଲେ। ତାଙ୍କ ଜେଜେମା' ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ପାଚିକା ସହାୟିକା ଭାବେ କାମ କରୁଥିବା ଯୋଗୁ ବୁଧବାର ସେ ତାଙ୍କ ପାଖକୁ ଯାଇଥିଲେ। ଅଙ୍ଗନୱାଡି ଛୁଟି ହେବା ପରେ ଜେଜେମା' ପିଲାଙ୍କୁ ସେମାନଙ୍କ ଘରେ ଛାଡ଼ିବା ପାଇଁ ଯାଇଥିଲେ। ହେଲେ ସେ କିଛି ସମୟ ପରେ ଫେରି ଦେଖିଲା ବେଳକୁ ନାତୁଣୀ ଅମ୍ରିତା ପିଲାମାନଙ୍କ ଓଜନ ମେସିନ ପାଇଁ ଟଙ୍ଗା ଯାଇଥିବା ଦଉଡ଼ିକୁ ବେକରେ ଗୁଡ଼ାଇ ଝୁଲନ୍ତା ଅବସ୍ଥାରେ ଥିଲେ। ସ୍ଥାନୀୟ ଲୋକେ ଅମ୍ରିତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୫) ରୁଜୁ ହୋଇଛି। ତେବେ ପାଠପଢ଼ାକୁ ନେଇ ପରିବାର ଲୋକେ ତାଗିଦ କରିବା ଯୋଗୁ ଛାତ୍ରୀ ଜଣକ ଏଭଳି ନିଷ୍ପତ୍ତିନେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଆଠମଲ୍ଲିକ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ





ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କୁ ଭିଜିଲାନ୍ସ ବିଭାଗ ଧରି ନେଉଛି ଏବଂ ଢେଙ୍କାନାଳ ଗାୟିତ୍ରୀ ନଗରସ୍ଥିତ ନିଜସ୍ୱ ବାସଭବନ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

- ଏକକାଳୀନ ୯ ସ୍ଥାନରେ ଚଢ଼ାଉ, ୧୭ ପ୍ଲଟ ଠାବ
- ୬୩.୬୯ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଜବତ
- ଶ୍ୱାଇଁଙ୍କ ଘରୁ ବାହାରିଲା ନଗଦ ୨୩.୯୫ ଲକ୍ଷ

**ଢେଙ୍କାନାଳ,୧୬।୪ (ରତନ ନାୟାର)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/ ଭବାନୀପାଟଣା,(ଉତ୍ତମ କୁମାର ଦାଶ)**

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ। ଢେଙ୍କାନାଳ ସହର ୧୫ନଂ ୱାର୍ଡ ଗାୟତ୍ରୀ ନଗରସ୍ଥିତ ବାସଭବନରୁ ସକାଳେ ସେ ଆଠମଲ୍ଲିକ ଅଭିମୁଖେ ବାହାରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହାପରେ ଗାୟତ୍ରୀ ନଗରସ୍ଥିତ ବାସଭବନ ସମେତ ସଦର ବ୍ଲକର ବଣସିଂହ ଓ ଗଁଦିଆ ବ୍ଲକ କରମୂଳ ଗ୍ରାମ ଏବଂ ଆଠମଲ୍ଲିକସ୍ଥିତ କାର୍ଯ୍ୟାଳୟ, ସରକାରୀ ବାସଭବନ, କଟକ ଓ କଳାହାଣ୍ଡି ଜିଲାରେ ଥିବା ସମ୍ପର୍କୀୟଙ୍କ ଘର ଆଦି ୯ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି।

କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ୭ଜଣ ଡିଏସ୍‌ପି, ୧୫ ଇନ୍ସପେକ୍ଟର ଓ ସହଯୋଗୀ କର୍ମଚାରୀଙ୍କ ଦ୍ୱାରା ଚଢ଼ାଉ କରାଯାଇଥିଲା। ଢେଙ୍କାନାଳରୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିବା ପରେ ତାଙ୍କୁ ଭିଜିଲାନ୍ସ ଟିମ୍ ସାଙ୍ଗରେ ଧରି ପୂର୍ବାହ୍ନ ୧୧ଟା ୩୦ରେ ଆଠମଲ୍ଲିକରେ ପହଞ୍ଚିଥିଲା। ଭିଜିଲାନ୍ସ ଟିମ୍ ଉପସ୍ଥିତିରେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ତାଲା ଖୋଲାଯାଇ ବିଭିନ୍ନ କାଗଜପତ୍ର ଜବତ କରିବା ସହ ତଦନ୍ତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଢେଙ୍କାନାଳ ଗାୟିତ୍ରୀ ନଗରଠାରେ ପ୍ରାୟ ୫ ହଜାର ବର୍ଗଫୁଟର ଏକ ୨ ମହଲା ଘର ରହିଛି। ଏଥିସହ କଟକ ବାରଙ୍ଗ ବଛିପୁରଠାରେ ଏକ ବହୁମୂଲ୍ୟ ଟଙ୍କାର ପ୍ଲଟ ଏବଂ ଢେଙ୍କାନାଳ ସହର ମହିଷାପାଟ, ବଡ଼ ଷାଠିଏବାଟିଆ, ଗଁଦିଆ ବ୍ଲକର ଚାଉଳିଆ, ଢେଙ୍କାନାଳ ସହରର ଶ୍ୟାମାଚରଣପୁର, କାଠଗଡ଼ା ଓ କଣ୍ଟେଇକୋଳିଆ ଆଦି ସ୍ଥାନକୁ ମିଶାଇ ମୋଟ ୧୭ଟି ପ୍ଲଟ ଠାବ ହୋଇଛି। ଚଢ଼ାଉ ସମୟରେ ୩୨୬ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି। ଢେଙ୍କାନାଳସ୍ଥିତ ଘରୁ ନଗଦ ୪୮ ହଜାର ୫୧୦ ଟଙ୍କା ସହ କିଛି ପୁରୁଣା ୨ ହଜାର ଟଙ୍କିଆ ନୋଟ୍ ଜବତ କରାଯାଇଛି। ସେହିପରି କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ତାଙ୍କ ଶ୍ୱାଇଁ ତଥା ମେଡିକାଲ ଅଫିସର ତପନ ତ୍ରିପାଠୀଙ୍କ ଗାୟତ୍ରୀ ନଗର ପଡ଼ାସ୍ଥିତ ଭଡ଼ାଘରେ ଚଢ଼ାଉ କରାଯାଇ ନଗଦ ୨୩.୯୫ଲକ୍ଷ ଟଙ୍କା ଜବତ କରାଯାଇଛି। ସେହିପରି ଆଉ ଜଣେ ଶ୍ୱାଇଁ ଭବାନୀପାଟଣାରେ ଥିବା ଡାକ୍ତରଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଥିବା ସୂଚନା ମିଳିଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମୋଟ ୬୩.୬୯ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ଅନ୍ୟାନ୍ୟ ଡିପୋଜିଟ୍ ଜବତ କରାଯାଇଛି। ରାମଚନ୍ଦ୍ରଙ୍କ ନାମରେ ଗୋଟିଏ କାର୍, ତାଙ୍କ ଶ୍ୱାଇଁଙ୍କ ନାମରେ ଗୋଟିଏ କାର୍ ଓ ୨ଟି ବାଇକ୍ ରହିଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି। ସମସ୍ତ ଜାଗାରେ ଚଢ଼ାଉ ସରିବା ପରେ ସମ୍ପତ୍ତିର ପୂର୍ଣ୍ଣ ଆକଳନ କରିହେବ ବୋଲି ଢେଙ୍କାନାଳ ଜିଲା ଭିଜିଲାନ୍ସ ଶାଖାର ଡିଏସ୍‌ପି ଅନୁସୟା ସେନାପତି କହିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିର୍ଲଜ୍ଜ ଗାଏ ସଲଜ୍ଜ ବାଏ,**
**ଅତି ଅଲାଜୁକ ନାଚି ଯାଏ।**

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପେଟେ ଭୋକ**
**ମୁହେଁ ଲାଜ।**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଂକୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଅପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ଏପରି ସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**କଟକ,୧୬।୪(କାର୍ତ୍ତିକ ସାହୁ)**

ବୃଦ୍ଧାଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ବୁଧବାର ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ବକ୍ସିବଜାର ପେନ୍‌ସନ୍ ଲେନ୍ ଅଞ୍ଚଳର ଛେଲା ସରକାର (୩୫)।

ମାମଲାର ବିବରଣୀ ଅନୁଯାୟୀ, ବକ୍ସିବଜାର ଅଞ୍ଚଳରେ ବୃଦ୍ଧା ଜଣଙ୍କ ଏକାକୀ ରହୁଥିଲେ। ୨୦୨୨ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ବୃଦ୍ଧା ଜଣଙ୍କ ତାଙ୍କ ଘର ବାରଣ୍ଡାରେ ବସିଥିବାବେଳେ ଛେଲା ତାଙ୍କୁ ଘର ଭିତରକୁ ନେଇ ବଳାତ୍କାର କରିଥିଲେ। ସ୍ଥାନୀୟ କର୍ପୋରେଟର ଏ. ଶ୍ରୀଦେବୀ ଏନେଇ ଖବର ପାଇବା ପରେ ମହିଳା ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟରେ ମାମଲାର ବିଚାର ହୋଇଥିଲା। ମାତ୍ର କୋର୍ଟରେ ବୟାନ ଦେବା ପୂର୍ବରୁ ପୀଡ଼ିତା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ୍.ଏମ୍. ବେଗ ମାମଲା ପରିଚାଳନା କରୁଥିଲେ।

# ଜେଲ ଗଲେ ଅଭିଯୁକ୍ତ, ସହଯୋଗୀ

## ମହିଳାଙ୍କୁ ଜମି ଦେବା ନାଁରେ ଠକେଇ, ବଳାତ୍କାର ଘଟଣା

**ରାଜନଗର, ୧୬।୪ (ଭାସ୍କର ରାଉତରାୟ)**

ବିଧବା ମହିଳାଙ୍କୁ ଜମି ଦେବାକୁ କହି ଜଣେ ବ୍ୟକ୍ତି ଟଙ୍କା ନେଇଥିଲେ। ହେଲେ କବଲା ନ କରିବାରୁ ମହିଳା ଜଣକ ଟଙ୍କା ମାଗିଥିଲେ। ହେଲେ ବ୍ୟକ୍ତି ଜଣକ ଟଙ୍କା ନ ଫେରାଇ ମହିଳାଙ୍କୁ ଘରେ ପଶି ବଳାତ୍କାର କରିବା ଓ ବଳାତ୍କାରର ନଗ୍ନଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ରାଜନଗର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ପୀଡ଼ିତା ମହିଳା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। ଅଭିଯୁକ୍ତ ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଦଫା ୩୩୨ (ବି), ୩୧୮ (୪), ୨୯୬, ୬୪ (୧), ୩୫୧ (୩), ୪୯ ବିଏନ୍‌ଏସ୍‌ରେ ନଂ. ୧୨୬/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ରାଜନଗର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ୫ବର୍ଷ ହେଲା ରହୁଛନ୍ତି। ୨ ବର୍ଷ ତଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ସଞ୍ଜୟ ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣ ମହିଳାଙ୍କ ଘରେ ପହଞ୍ଚି ଏକ ସଂଘର ନେତା ବୋଲି ପରିଚୟ ଦେଇ କମ୍ ମୂଲ୍ୟରେ ଜମି କରାଇଦେବେ ବୋଲି କହିଥିଲେ। ବାରମ୍ବାର ମିଥ୍ୟା ପ୍ରଲୋଭନ ଦେଖାଇ କମ୍ ମୂଲ୍ୟରେ ଜମି ବିକ୍ରି କରିବେ ବୋଲି କହି ୨୦୨୨ ମାର୍ଚ୍ଚରେ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଓ ଆଉ ୨୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଜମି କବଲା ନ କରି ବାରମ୍ବାର ସମୟ ଗଡାଇ ଚାଲିଥିଲେ। ଜମି କବଲା ନ କରି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ୨୦୨୪ ଡିସେମ୍ବରରେ ମହିଳା ଜଣକ ଘରେ ଏକା ଥିବା ବେଳେ ସଞ୍ଜୟ ଓ ଶିଶିର ଘରକୁ ଜବରଦସ୍ତି ପ୍ରବେଶ କରି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ମହିଳାଙ୍କ ଚୁଟି ଧରି ବେଡ ରୁମ୍ ଭିତରକୁ ଘୋଷାଡ଼ି ନେଇଗଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଶିଶିର ପାଟିକୁ ଜାବୁଡ଼ି ଧରିଥିଲେ। ସଞ୍ଜୟ ବଳାତ୍କାର କରିବା ବେଳେ ଶିଶିର ଏହାର ଭିଡିଓ ଉତ୍ତୋଳନ କରିଥିଲେ। ବଳାତ୍କାର ଓ ନଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ଏପରିକି ଆଉ ଟଙ୍କା ମାଗିଲେ ନଗ୍ନ ଭିଡିଓ ଭାଇରାଲ ସହ ପୁଅକୁ ହତ୍ୟା କରିଦେବୁ ବୋଲି ଧମକ ଦେଇଥିଲେ। ଏଥିସହ ସେ ଦେଇଥିବା ଚେକ୍‌କୁ ଜୋର ଜବରଦସ୍ତ ନେଇ ଯାଇଥିଲେ ବୋଲି ମହିଳା ଜଣକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତମାନେ ସମ୍ପୃକ୍ତ ମହିଳାଙ୍କୁ ସେହି ଭିଡିଓ ଚିତ୍ରର ଧମକ ଦେଇ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ବାରମ୍ବାର ବାଧ କରୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି।

# ପୋଲିସ ଗୁଳିରେ ୨ ହାର୍ଡକୋର ମାଓବାଦୀ ନିହତ



ଜବତ ଅସ୍ତ୍ରଶସ୍ତ୍ର।

**ମାଲକାନଗିରି, ୧୬।୪(ଦୁର୍ଯ୍ୟୋଧନପାତ୍ର)**

ଛତିଶଗଡ଼ କୋଣ୍ଡାଗାଁ ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ହାର୍ଡକୋର ମାଓବାଦୀ ବୁଧବାର ନିହତ ହୋଇଛନ୍ତି। ମୃତକ ଡିଭିସିଏମ୍ କ୍ୟାଡର ମାଓବାଦୀ ହଳଧର ଏବଂ ଏସିଏମ୍ କ୍ୟାଡର ରାମେ। କୋଣ୍ଡାଗାଁ ଜିଲା କିଲମ ଜଙ୍ଗଲରେ ଡିଆର୍‌ଜି ଯବାନମାନେ କୋମ୍ବିଂ କରୁଥିବା ସମୟରେ ମାଓବାଦୀଙ୍କ ବୈଠକ ଚାଲିଥିଲା। ଯବାନମାନେ ଆସୁଥିବା ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇବା ପରେ ସେମାନେ ଜଙ୍ଗଲରେ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ସମୟରେ ୨ଜଣ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଯବାନମାନେ ଜବତ କରିଥିଲେ। ଏହି ୨ଜଣଙ୍କ ନାମରେ ୧୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ସୂଚନା ମିଳିଛି। ଏଥିସହ ଘଟଣାସ୍ଥଳରୁ ଏକେ ୪୭, ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏନ୍‌କାଉଣ୍ଟରରେ ଅଧିକ ମାଓବାଦୀ ମୃତାହତ ହୋଇଥିବା ଆଶଙ୍କାକରି ସର୍ଚ୍ଚ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଶିଶୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଏକ ଶିଶୁ ବଳାତ୍କାର ମାମଲା (ନଂ. ୯୯/୨୦)ର ରାୟ ବୁଧବାର ପ୍ରକାଶ ପାଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି ଅଭିଯୁକ୍ତ ଚନ୍ଦ୍ରଶେଖର ମଲ୍ଲିକ ଓରଫ ଗଞ୍ଜାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୮ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ଗଞ୍ଜାଙ୍କ ବାପା ଜଗବନ୍ଧୁଙ୍କୁ ଖଲାସ କରାଯାଇଛି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ମନୋଜ ସାହୁ କହିଛନ୍ତି, ୨୦୨୦ ଫେବୃଆରୀ ୨୮ ସକାଳେ ଏହି ଘଟଣା ଘଟିଥିଲା। ପୀଡିତା ଶିଶୁ ଓ ମା' ଘରେ ଶୋଇଥିଲେ। ପୀଡିତାଙ୍କ ମା' ବାହାରକୁ ଶୌଚ ପାଇଁ ଯିବା ପରେ ଗଞ୍ଜା ୫ ବର୍ଷିଆ ଶିଶୁଙ୍କୁ ବଳାତ୍କାର କରିଥିଲେ। ଶିଶୁଙ୍କ କାନ୍ଦ ଶୁଣି ଖୁଡ଼ୀ ଗଞ୍ଜାଙ୍କୁ ବଳାତ୍କାର କରୁଥିବା ଅବସ୍ଥାରେ ଧରିଥିଲେ। ଏହି ଘଟଣା ପରେ ଗଞ୍ଜାଙ୍କ ବାପା ଜଗବନ୍ଧୁ ବିଭିନ୍ନ ଗାଳିଗୁଲଜ କରି ପୁଅକୁ ଛଡ଼ାଇ ନେଇଥିଲେ। ପରେ ବାପପୁଅ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# ଦୋକାନ ପକାଇଲେ କାର୍ଯ୍ୟାନୁଷ୍ଠାନ

## ନୋଟିସ୍ ଜାରିକଲା ପୌରପାଳିକା



ଅନୁଗୋଳ,୧୬।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରସ୍ଥିତ ଉପଜିଲାପାଳ ଆବାସିକ ଗୃହଠାରୁ ଅନୁଗୋଳ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର କୌଣସି ସ୍ଥାନରେ ଦୋକାନ ନ ପକାଇବାକୁ ବୁଧବାର ପୌରପାଳିକା ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ ସୂଚନା ଦିଆଯାଇଛି କି, ଉକ୍ତ ରାସ୍ତା ପାର୍ଶ୍ୱରେ କେହି ଦୋକାନ ପକାଇପାରିବେ ନାହିଁ। ସ୍ଥାୟୀ ଭାବେ କରିଥିବା ଦୋକାନଗୁଡ଼ିକୁ ଆସନ୍ତା ୨୪ଘଣ୍ଟା ଭିତରେ ଉଠାଇ ଦିଆଯିବା ଦରକାର। ଏଥିରେ ଖିଲାପ କଲେ ପୌରପାଳିକା ତରଫରୁ ଦୋକାନକୁ ଉଠାଯିବା ସହ ସମସ୍ତ ଜିନିଷ ଜବତ କରାଯିବ। ପ୍ରକାଶ ଯେ, ଅନୁଗୋଳ ସହରର ରାସ୍ତା ପାର୍ଶ୍ୱକୁ ଉଠା ଦୋକାନୀମାନେ କବ୍ଜା କରିବା ଯୋଗୁ ଅନେକ ସ୍ଥାନରେ ଏହା ସଂକୁଚିତ ହୋଇପଡୁଛି। ଏଥିସହ ସହର ପରିବେଶ ଅପରିଷ୍କାର ହେଉଛି। ତେଣୁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପୌରପାଳିକା ତରଫରୁ ଆଉ ଏକ ପଦକ୍ଷେପ ନିଆଯାଇଛି। କିଛି ଦିନ ତଳେ ସମସ୍ତ ଚା ଦୋକାନରେ ପ୍ଲାଷ୍ଟିକ ଓ ପେପର କପ୍ ବ୍ୟାନ କରିବା ପରେ ଏବେ ରାସ୍ତା ପାର୍ଶ୍ୱରୁ ବେଆଇନ ଭାବେ ହୋଇଥିବା ଦୋକାନ ଗୃହକୁ ଉଠାଇବାକୁ ପୌରପାଳିକା ପଦକ୍ଷେପ ନେଇଛି। ଉପଜିଲାପାଳଙ୍କ ଆବାସିକ ଗୃହ ସମ୍ମୁଖ ରାସ୍ତାରେ ବିଭିନ୍ନ ସରକାରୀ ମୁଖ୍ୟ କାର୍ଯ୍ୟାଳୟ ଥିବା ସହ ସରକାରୀ ମହାବିଦ୍ୟାଳୟ ରହିଛି। ଫଳରେ ଏହି ରାସ୍ତାରେ ସର୍ବଦା ଜନଗହଳି ଲାଗି ରହୁଛି। କିନ୍ତୁ ରାସ୍ତା ପାର୍ଶ୍ୱରେ ଫଳ, ଫାଷ୍ଟଫୁଡ, କପଡ଼ା ଦୋକାନ ସହ ଉଠା ଦୋକାନୀମାନେ ବସୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜିବା ସହ ଅପରିଷ୍କାର ହେଉଛି। ଗତ ସୋମବାର ପୌରପାଳିକା ପକ୍ଷରୁ ଉଠା ଦୋକାନୀମାନଙ୍କୁ ସେଠାରୁ ଉଠାଇବା ସହ ବସିବାକୁ ମନା କରାଯାଇଥିଲା। ଗୋଟିଏ ଦିନ ବ୍ୟବଧାନରେ ପୁଣି ସେହି ସ୍ଥାନରେ ଉଠା ଦୋକାନୀ ପସରା ମେଲେଇ ପୁଣି ବସିଥିଲେ। ଶୁକ୍ରବାର ଠାରୁ ଯଦି କୌଣସି ଦୋକାନୀ ସେଠାରେ ବସିବେ ତାହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସହର ଭିତରୁ ଯାଯାବରମାନଙ୍କୁ ହଟାଯିବା ଆରମ୍ଭ ହୋଇଛି। ବହୁ ଯାଯାବରଙ୍କୁ ଘଉଡ଼ାଇ ସହର ପାର କରାଯାଇଛି। କିଛି ଦିନ ହେବ ଏହି ଯାଯାବରମାନେ ହେଲଥ କରିଡର, ଅମଳପଡ଼ା, ଟାଉନ ହାଇସ୍କୁଲ ସମ୍ମୁଖରେ ଥିବା ଭେଣ୍ଡିଂଜୋନରେ ରହି ନିଶା ସେବନ, ଚୋରି ଓ ବିଭିନ୍ନ ଅସାମାଜିକ କାର୍ଯରେ ଲିପ୍ତ ରହୁଥିଲେ।

# ସାଗର ସାହିତ୍ୟ ସଂସଦର ଓଡ଼ିଆ ନବବର୍ଷ ପାଳନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଓଡ଼ାପଡ଼ା,୧୬।୪(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଯାତ୍ରା ପଡ଼ିଆସ୍ଥିତ ଶନି ମଣ୍ଡପରେ ସୋମବାର ସାଗର ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବ ବର୍ଷ ପାଳନ କରାଯାଇଛି। ସଂସଦ ସଭାପତି ଜ୍ୟୋର୍ତିବିଦ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଲଳିତା ସାହୁ, ମୁଖ୍ୟବକ୍ତା ଭାବେ ଇନ୍ଦିପୁର ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂହ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶେଷଦେବ ସାହୁ, ଅଜୟ କୁମାର ପୃଷ୍ଟି, ପୀତବାସ ପୃଷ୍ଟି, ଗୌରାଙ୍ଗ ସାହୁ, କୁଳମଣି ନାୟକ, ପଦ୍ମନାଭ ସାହୁ, କ୍ଷୀରୋଦ କୁମାର ସାହୁ, ଗୁଣନିଧି ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂସଦ ପକ୍ଷରୁ ଓଡ଼ିଆ ନବ ବର୍ଷ ବିଶେଷାଙ୍କ ମଧୁ-ବିକାଶ ଏବଂ କବି ଧନେଶ୍ୱର ସେନାପତିଙ୍କ ପୁସ୍ତକ 'ଦୁର୍ଗା ପୂଜା' ଉନ୍ମୋଚନ କରାଯାଇଥିଲା। ସଂସଦ ପକ୍ଷରୁ ଯାଜପୁର ଜିଲ୍ଲା ଅମିୟଝରିର ହୃଷୀକେଶ ବେହେରାଙ୍କୁ ସାହିତ୍ୟ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ଦିବାକର ସାହୁ ଓ ଉପ ସଭାପତି ହେମନ୍ତ କୁମାର ନାୟକ ମଞ୍ଚ ପରିଚାଳନା ସହ କବିତା ସଂଯୋଜନା କରିଥିଲେ। କବି ଦୀନବନ୍ଧୁ ପୋଇ, ଅରୁଣ କୁମାର ସାହୁ, ଦୁଃଶାସନ ସାହୁ, ତ୍ରିଲୋଚନ ମହାରଣା, ରବିନାରାୟଣ ନାୟକ ପ୍ରଶାନ୍ତ ସାହୁ, ଜଗବନ୍ଧୁ ସାହୁ କବିତା ପାଠ କରିଥିଲେ। ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷକ ସମାଜର ବାର୍ଷିକ ବୈଠକ

ବଡଲା,୧୬।୪(ସୁଜିତ ସାହୁ)



ବାର୍ଷିକ ବୈଠକରେ କୃଷକ ସମାଜର କର୍ମକର୍ତ୍ତାମାନେ।

ଅନୁଗୋଳ ବ୍ଲକ ବସଲା ପଞ୍ଚାୟତ ମୁଣ୍ଡାଡ଼ିପ ଗାଁରେ କୃଷକ ସମାଜର ବାର୍ଷିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୃଷକ ସମାଜ ସଭାପତି ଗଗନ ପ୍ରଧାନଙ୍କ ନେତୃତ୍ୱରେ ଭେଉକଣ୍ଡା ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ କୃଷକ ସମାଜରେ ଥିବା ଗରିବ ଓ ଅସହାୟ ପରିବାର ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ସହଯୋଗ ନିମନ୍ତେ ହୋଇଥିବା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏଥିପାଇଁ ଆବଶ୍ୟକ ଅର୍ଥ କୃଷକ ସମାଜ ପାଣ୍ଠିରୁ ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ରାମଚନ୍ଦ୍ର ସାହୁ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗୀରଥି ସାହୁ, ମେଘନାଦ ସାହୁ, ନିଶାମଣି ସାହୁ, ପ୍ରଶାନ୍ତ ସାହୁ, ସର୍ବେଶ୍ୱର ସାହୁ, ଅଶୋକ ସାହୁ, କୁଶ ସାହୁ, ମହେଶ୍ୱର ସାହୁ, ଅଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ହୋମଗାର୍ଡଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପରଜଙ୍ଗ,୧୬।୪(ନିଗମାନନ୍ଦ ଦଳବେହେରା)



ହୋମଗାର୍ଡଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନରେ ଦୀର୍ଘ ୩୫ ବର୍ଷଧରି ହୋମଗାର୍ଡ ଭାବେ କାର୍ଯ୍ୟ କରିଥିବା ବୈଷ୍ଣବ ଚରଣ ସାହୁଙ୍କୁ ଥାନାରେ ନିୟୋଜିତ ସମସ୍ତ ହୋମଗାର୍ଡ କର୍ମଚାରୀଙ୍କ ପକ୍ଷରୁ ସୋମବାର ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଥାନାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥାନାଧିକାରୀ ଧୀରେନ କୁମାର ବେହେରା ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏସ୍ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍ଆଇ ରମେଶ ଚନ୍ଦ୍ର ସ୍ୱାଇଁ, ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମକୁନ୍ଦ ମଲ୍ଲିକ, ସୁବ୍ରତ କୁମାର ଦଳବେହେରା, ସିଦ୍ଧାର୍ଥ ଶଙ୍କର ସାହୁ, ରମେଶ ବିଶ୍ୱାଳ, ନରେନ୍ଦ୍ର ସାହୁ, କାଳନ୍ଦୀ ଚରଣ ଭୂତିଆ, ବଟକୃଷ୍ଣ ସାହୁ, ମନୋରଞ୍ଜନ ସାହୁ, ନିମାଇଁ ଚରଣ ନାଏକ, ନିରଞ୍ଜନ ପରିଡ଼ା, ଝିଲି ନାୟକ, ଲିଙ୍ଗରାଜ ବର୍ମା, ଜିତେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ପବିତ୍ରନଗର,୧୬।୪(ନିରୋଜ ପ୍ରଧାନ): ବଢୁଥିବା ନାରୀ ନିର୍ଯାତନା ପ୍ରତିବାଦରେ କଣିହାଁ ବ୍ଲକ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳାବର କଣିହାଁ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ଶଶିକାନ୍ତ ସାମଲଙ୍କ ନେତୃତ୍ୱରେ ବରିଷ୍ଠ ନେତା ଫକୀର ମୋହନ ସାମଲ, ସତ୍ୟାନନ୍ଦ ସାହୁ, ଦେବଦତ୍ତ ପ୍ରସାଦ ପ୍ରଧାନ, ସୂର୍ଯ୍ୟମଣି ସାହୁ, ଏଲ ମାଣିକପ୍ରଭା, ନିରଞ୍ଜନ ସାମଲ, ସୋରେନ ଶତପଥୀ, ପ୍ରତାପ ରଞ୍ଜନ ଶତପଥୀ, ଶିବରାମ ଦାସ, ନରେନ୍ଦ୍ର ଗଡ଼ନାୟକ ପ୍ରମୁଖ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


## WATCO
### OFFICE OF THE MANAGING DIRECTOR, WATCO

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: mdwatcoodisha@gmail.com

No.C-87 **INVITATION FOR BID (IFB)**

Bid Identification No. WATCO (W)-2/2025-26, Dtd.11.04.2025
WATCO No.2675, Date:11.04.2025

1. Name of the Work : Provision for Laying of Water Supply pipe line to RITI Building alongwith improvement of water supply of ROTI campus including Laying of 250mm dia. Rising Main from Ghatikia MBR to Sampur Pumping Station under WATCO Section Ghatikia, Bhubaneswar.
2. Estimated Cost : Rs.566.09 lakh
3. Period of Completion : 09 (Nine) Months.
4. Date & Time of availability of bid document in the portal: From 11.00 AM of Dt.16.04.2025 to 5.00 PM of 30.04.2025.
5. Last date/time of receipt of bids in the portal: 5.00 PM of 30.04.2025.
6. Date & Time of opening of technical bids: 12.30 PM of 02.05.2025.
7. Name and address of the Officer Inviting Bid: MD, WATCO, Telefax:- 0674-2391444, E-Mail: mdwatcoodisha@gmail.com.
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd./- (Managing Director) WATCO
OIPR-13083/11/0006/2526

## GOVERNMENT OF ODISHA
### "e" PROCUREMENT NOTICE
Bid Identification No. 01 of 2025-26

No. O-49: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-Procurement in Double Cover System according to norm of e-Procurement system in online mode for the different work in different blocks under Balangir district.

01. Nature of Work : Execution of RPWS to Village: Padampur, Katapali under Belpada Block in Balangir District.
02. Total No. of Work : 02 Nos.
03. Estimated Cost : Rs.51.62 Lakh & 172.87 lakh
04. Eligible Class of Contractor : "B" & "A" Contractor
05. Period of Completion : 11 Months
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 01 of 2025-26 | Dt.17.04.2025 At 11.00 Hrs. | Dt.29.04.2025 Upto 17.00 Hrs. |

Further details can be had in the DTCN available in the website: www.tendersodisha.gov.in.

Sd./- Superintending Engineer
RWS&S Division, Balangir
OIPR-25033/11/0017/2526

## boyanika
### EXPRESSION OF INTEREST
No. CAD-137

No.1194 Dt.11.04.2025

**Name of the work:-**Expression of Interest for Engagement of professional agency for Product Photoshoots & Graphic Designing for Boyanika. **The last date & time for submission of offers 25.04.2025 at 5.00 P.M.** Refer website for details- www.boyanika.com. All the information on this EOI will be available in the above website from 12.04.2025.

Sd/- Managing Director BOYANIKA
OIPR-31004/11/0099/2526

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
### ଜଟଣୀ ପୌର ପରିଷଦ, ଜଟଣୀ
### OFFICE OF THE MUNICIPAL COUNCIL: JATANI

ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
No.2056/Jatani, Date:08.04.2025

**QUOTATION CALL NOTICE**

**No.C-107:**Sealed quotation in prescribed format is invited from the registered Firms/ Suppliers/ Agencies for supply of different items with execution of networking system (LAN Connection) in respect of all sections under Jatni Municipality for smooth implementation of "OSWAS" as per the detailed specification mentioned in "Annexure-A". The Bids can be submitted through tender box/Speed Post/ Registered post/Courier Post to the Executive Officer, Jatni Municipality from **11.30 A.M of dt. 08.04,2025** to on or before **11.30 A.M of dt. 17.04.2025**. The authority will not be held responsible for the postal delay, if any, in the delivery of the documents or non-receipt of the same and the same shall be **opened on dt. 17.04.2025 at 03.30 P.M.** in presence of the bidders or their authorized agents present in the Office chamber of the undersigned. The bid document can also be downloaded from the official website of Jatni Municipality i.e **www.jatnimunicipality.in.**

The authority reserves the right to reject any or all the tenders without assigning any reason thereof.

**Document to be submitted by the bidders with Prescribed proforma:-**
1. Submit the copies of valid GST Registration certificate of the agency
2. Submit the copies of valid PAN Card,
3. Submit refundable EMD of Rs.2,000/- (Two Thousand) only & Document cost/ paper cost of Rs. 500/- (Rupees Five Hundred) only in shape of BD/DD/MR from any Nationalized Bank in favour of Executive Officer, Jatni Municipality.
4. Submit undertaking for 01 year maintenance of networking system.

**Note:-**
1. The selected agency will completed the work within 07 days.
2. The selected agency will held responsible for maintainance & repairing of networking system for 01 year.

OIPR-13041/11/0030/2526 Sd./- Executive Officer, Jatni Municipality

## GOVERNMENT OF ODISHA
E-procurement notice
### OFFICE OF THE SUPERINTENDING ENGINEER : SONEPUR (R&B) DIVISION, SONEPUR
E-mail - eepwdsnpr@gmail.com, Phone -06654-221081

**CANCELLATION OF BID IDENTIFICATION No.SE/R&B/SNPR/07/2024-25**
**Letter No. 1340//Dt. 10.4.25**

No.B-29 : **The bids for the following works are here by cancelled for want of administrative approval.**
1. Construction of Peddy Procurement Center at Panchamahala, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_16)
2. Construction of Peddy Procurement Center at Bisipada, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_17)
3. Construction of Peddy Procurement Center at S.Patrapali, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_18)
4. Construction of Peddy Procurement Center at Mahada, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_19)
5. Construction of Peddy Procurement Center at Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_20)
6. Construction of Peddy Procurement Center at Village Uffula, Birmaharajpur Block in the District of Subarnapur (Tender ID: 2024_EICCL_106054_21)
7. Construction of Peddy Procurement Center at Village Mursundhi, Birmaharajpur Block in the District of Subarnapur (Tender ID: 2024_EICCL_106054_22)
8. Construction of Peddy Procurement Center at Village Khandahota, Birmaharajpur Block in the District of Subarnapur (Tender ID: 2024_EICCL_106054_23)
9. Construction of Peddy Procurement Center at Village Pitamahul, Birmaharajpur Block in the District of Subarnapur (Tender ID: 2024_EICCL_106054_24)

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0019/2526

## idco | ODISHA NEW OPPORTUNITIES
### ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820 | Fax:2542956/2541982
cgmpc@idco.in | Website:www.idco.in
File No.IDCO/H.O/FD/773/2024-25/10561 Date:11.04.2025

**BID IDENTIFICATION NO. P&C/EST/E-02/2025-26**
**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

**No.CAD-144:** Odisha Industrial infrastructure Development Corporation (IDCO) invites technical and financial proposals from CAG Empanelled Chartered Accountant Firms for **"Appointment as Statutory Auditor for Financial Year 2024-25".** The detailed Request for Proposal (RFP) document can be downloaded from e-procurement portal of Govt. of Odisha from **5 PM of 17.04.2025**. The last date of receipt of technical and financial bids through e-procurement portal of Govt. of Odisha is **24.04.2025** till **5 PM.**

The technical bids will be opened online on **25.04.2025** at **12.30 PM**. The cost of the bid document shall be Rs.472/- including GST. IDCO has the right to accept or reject the Notice/RFP without assigning any reasons thereof.

OIPR-14003/11/0133/2526 Sd./-Chief General Manager (P&C)

## GOVERNMENT OF ODISHA
E-procurement notice
### OFFICE OF THE SUPERINTENDING ENGINEER : SONEPUR (R&B) DIVISION, SONEPUR
E-mail - eepwdsnpr@gmail.com, Phone -06654-221081

**CANCELLATION OF BID IDENTIFICATION No.SE/R&B/SNPR/07/2024-25**
**Letter No. 1311//Dt. 09.4.25**

No.B-30 : **The bids for the following works are here by cancelled for want of administrative approval.**
1. Construction of Peddy Procurement Center at Village Bisimunda in Sonepur Block in the District of Subarnapur (Tender ID: 2024_EICCL_106054_4)
2. Construction of Peddy Procurement Center at Village Kalapathar in Sonepur Block in the District of Subarnapur (Tender ID: 2024_EICCL_106054_7)

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0018/2526

## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH
No.O-52
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

**No. Tender Online - RWCCESNG - 04 of 2025-26, Letter No. 997 / Dtd. 11.04.2025**
**e-Procurement NOTICE**

1. Type of the Work : Road and Bridge (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 04 of 2025-26 | 22.04.2025 11:00 A.M. | 07.05.2025 5:00 P.M. | 06.05.2025 5:00 P.M. | 08.05.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Sundargarh
OIPR-25133/11/0044/2526

## GOVERNMENT OF ODISHA
### OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT

No.C-98 **Invitation for REQUEST FOR PROPOSAL (RFP) DT.04.04.2025**

| SN | Name of the Project | Bid ID No. | Bid Security (in Rs.) | Cost of RFP Document (in Rs.) | Assignment Period |
|---|---|---|---|---|---|
| 1 | Request for Proposal (RFP) for "Selection of Consultant for Setting up PMU for Planning, Project Management, Policy Support, Implementation of Central and State Government Urban Water Supply Projects in Odisha, Coordination and Monitoring Support to PHEO, OWSSB & WRU Cell". | EICPH-01/ 2025-26 | 2,35,000.00 | 10,000.00 | 12 (Twelve Months) |

The complete RFP document can be viewed/downloaded from e-procurement portal of the State Government **https://tendersodisha.gov.in** from **16.04.2025 (11.00 Hrs. IST) to 08.05.2025 (17.00 Hrs. IST)**. RFP must be submitted online. RFP through any other mode shall not be entertained.

**Name & Address of the Officer Inviting RFP :**
**The Engineer-in-Chief (PH), 1st Floor, Unnati Bhawan, Satyanagar, Bhubaneswar-751 007, Dist. Khordha, Odisha.**
**Phone No.0674-2575309, email: eicphodisha@gmail.com**

Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.

**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-13068/11/0005/2526 Sd./- ENGINEER-IN-CHIEF (PH)

## OFFICE OF THE REGULATED MARKET COMMITTEE, KHARIAR ROAD
At - Khariar Road, PO - Khariar Road, Dist. : Nuapada (Odisha)
No.H-02 e-mail id : rmckariarroad@gmail.com

**Tender call notice no. 194 dated : 11.04.2025**
**Bid Identification No-01 e-Procurement Notice No.01 of 2025-2026**
**e-procurement notice IFB (Invitation for bids)**

| Sr. No. | Item | Details |
|---|---|---|
| 1 | The Collector, Nuapada-Cum-Chairman, RMC Khariar Road invites percentage rate bids in Double/Single cover system in ONLINE MODE only for work as detailed below : | |
| 2 | Nature of the work | Construction of 50 MT Godown and Office building works at different PACS in Nuapda district |
| 3 | No. of work | 16 No. |
| 4 | Bid Cost | Rs 6000.00 online transfer |
| 5 | Value of Tender | Rs 494.69 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt. 15.04.2025 to 01.05.2025 |
| 8 | Last date/time of Receipt of bids in the portal | Dt. 01.05.2025 up to 5.00 P.M. |
| 9 | Date of opening of bid | Dt. 02.05.2025 at 10.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any Addendum/Corrigendum/ Cancellation of the Tender etc can also be seen in the website : https://tendersodisha.gov.in | |

Sd./- Collector, Nuapada-cum-Chairman,
RMC, Khariar Road
OIPR-01511/11/0008/2526

## OFFICE OF THE BARIPADA MUNICIPAL COUNCIL, BARIPADA
Phone:-06792-252703, Fax:06792-252703, Email:baripadam.hud@nic.in
Website:www.baripadamunicipality.in
No.696, Date:11.04.2025

**Tender Reference No.BPDM 1 of 2025-26 and BPDM 2 of 2025-26**
**CORRIGENDUM DETAILS**

**No.C-113:**In partial to this Office "e" Procurement Tender Reference No. BPDM 1 of 2025/26 and No.BPDM 2 of 2025/26 the extension of last date and time submission of bids required due to unavoidable technical reason.

| Sl. No. | Description | Previously Critical Dates | Presently changed to Critical Dates |
|---|---|---|---|
| (i) | Period of availability of tenders online for bidding | From Dt.22.03.2025 (01.00 P.M.) to Dt.15.04.2025 (01.00 P.M.) & From Dt.24.03.2025 (01.00 PM) to Dt.15.04.2025 (01.00 P.M.) | From Dt.22.03.2025 (01.00 PM) to Dt.19.04.2025 (05.00 P.M.) |
| (ii) | Last Date and Time of bidding online (submission of Bids/ | Dt.15.04.2025 (01.00 P.M.) | Dt.19.04.2025 (05.00 P.M.) |
| (iii) | Date and Time of opening of the Bid Received online | Dt.16.04.2025 (10.30 A.M. onwards) | Dt.21.04.2025 (10.30 A.M. onwards) |

The Tender Call Notice vide e_procurement Tender Reference No.BPDM-01 of 2025-26 and Tender Reference No.BPDM-02 of 2025-26 are being amended to the above extent through this 2nd Corrigendum.

All other terms and conditions are remain unchanged. Further details may also be seen from the procurement portal i.e. www.tendersorissa.gov.in.

OIPR-13078/11/0036/2526 Sd./- Executive Officer, Baripada Municipality

## ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:11.04.2025

No.CAD-140: **NOTICE INVITATION FOR BIDS (NIFB)**
**E-Procurement Notice No.BP-I/02/2025-26 dt.11.04.2025**

1.Nature of Work: Balance work, Development work and Repair and Renovation works., 2. Total No. of Work: 04 Nos., 3. Value of Works: Rs.39.24 lakhs to 229.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 11 (Eleven) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/02/2025-26 Dt.11.04.2025 | From 19.04.2025 | To 28.04.2025 | 11.30 Hours of dt.29.04.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in

OIPR-37002/11/0056/2526 Sd./- Superintending Engineer, O.T.D.C. Ltd., BBSR

See Career Appointment on every Wednesday & Saturday

**ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଜାଳିବା ଘଟଣା**

# ଢେଙ୍କାନାଳରେ ବିଜେଡିର ପ୍ରତିବାଦ

ଢେଙ୍କାନାଳ,୧୬।୪(ରତନ ନାୟାର)


ବିଜେଡି କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ପ୍ରତିବାଦ କରୁଛନ୍ତି।

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତିକୁ ପୋଡାଯିବା ଘଟଣାରେ ବୁଧବାର ଅପରାହ୍ନ ସାଢେ ୫ଟା ସମୟରେ ସହରସ୍ଥିତ ରଥଗଡାଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ କରାଯାଇଥିଲା। ଭାଜପା ସରକାର ଆସିବା ଦିନଠାରୁ ରାଜ୍ୟରେ ବିଜୁ ବାବୁଙ୍କ ପ୍ରତି ଏଭଳି ଅସମ୍ମାନ ଚାଲୁ ରହିଛି ବୋଲି ନେତୃବୃନ୍ଦ କହିଥିଲେ । ମାହାଙ୍ଗାଠାରେ ଜଣେ ଦୁର୍ବୃତ୍ତ ପୂର୍ବରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମୁଣ୍ଡକାଟ କରାଯିବା, କଟକଠାରେ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଇବା, ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁବାବୁଙ୍କ ନାମରେ ଚାଲିଥିବା ସମସ୍ତ ଯୋଜନାକୁ ବନ୍ଦ କରିବା, ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତରାଜ ଦିବସ ଆଦିକୁ ବନ୍ଦ କରି ରାଜ୍ୟର ଭାଜପା ସରକାର ହିନମନ୍ୟତାର ପରିଚୟ ଦେଇଛନ୍ତି ବୋଲି ନେତୃବୃନ୍ଦ କହିଥିଲେ । ସମଗ୍ର ଓଡିଶା ଓ ଓଡିଶାବାସୀଙ୍କ ହୃଦୟରେ ଥିବା ମହାନ ଜନନାୟକ ବିଜୁ ବାବୁଙ୍କ ପ୍ରତି ଏଭଳି ଅପମାନ ଓଡିଶାବାସୀଙ୍କ ଅତ୍ୟନ୍ତ ଦୁଃଖ ଦେଇଛି । ଦଳମତ ନିର୍ବିଶେଷରେ ମହାପୁରୁଷମାନଙ୍କୁ ଏଭଳି ଅପମାନକୁ ଦୃଢ ଭାବରେ ସମସ୍ତ ନେତୃମଣ୍ଡଳୀ ନିନ୍ଦା କରିଛନ୍ତି । ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି । ନଚେତ୍ ଓଡିଶାବାସୀ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି । ଏହି ପ୍ରତିବାଦ ସଭାରରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ବିଜେଡି ଉପସଭାପତି ସୁକାନ୍ତ କୁମାର ମିଶ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, କାଉନସିଲର ମହମ୍ମଦ ସାଗିର, ଶୁଭଲକ୍ଷ୍ମୀ ସାହୁ ଓ ସନ୍ଦିପ ଷଡଙ୍ଗୀ, ମହିଳା ସଂଗଠନର ଉପସଭାପତି ଉର୍ବଶୀ ମହାପାତ୍ର, ଛାତ୍ର ବିଜେଡି ଉପସଭାପତି ଆଶୁତୋଷ କର, ଅଭିଜିତ ମହାପାତ୍ର, ଶକ୍ତି ପଟ୍ଟନାୟକ, ମହମ୍ମଦ ମିଶାଲ, ଓମ୍‌ପ୍ରକାଶ ନାୟକ, ସାଜା ଖାଁ, ଜ୍ୟୋସ୍ନାରାଣୀ ମଣ୍ଡଳ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ପାଦକ ଗଙ୍ଗାଧର ରାଉତ ଏଥିରେ ସହଯୋଗ କରିଥିଲେ ।

# ପଳାସପିଠିଆରେ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଉଦ୍‌ଘାଟିତ

ଭୁବନ, ୧୬।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଳାସପିଠିଆ ଗ୍ରାମରେ ମଙ୍ଗଳବାରଠାରୁ ଅନୁଷ୍ଠିତ ହୋଇଛି ଦେବରଞ୍ଜନ ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜନ କରାଯାଇଛି। ଟୁର୍ନାମେଣ୍ଟ ୩ ଦିନ ଧରି ଅନୁଷ୍ଠିତ ହେବ। ସେଥିରେ ଢେଙ୍କାନାଳ ଯାଜପୁର, କଟକ ଓ ଅନୁଗୁଳ ଜିଲ୍ଲାର ୧୬ଟି କ୍ରିକେଟ ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ଉତ୍ସବରେ ସମାଜିକ କର୍ମୀ ଭାଗିରଥୀ ଜେନା, ପ୍ରାକ୍ତନ ଶିକ୍ଷକ ପୁମାଳୀ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ପ୍ରକାଶ କଅଁର, ସାମାଜିକ କର୍ମୀ ଦୀପକ ଆଦବ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଖେଳକୁ ତନ୍ମୟ କଅଁର ଓ ଡୁଗୁଲ ଜେନା ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର କଅଁର ଓ ବିଜୟ କେତନ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।

# ମହୋତ୍ସବ ଏକାଠି ବାନ୍ଧି ରଖିବାର ସୁଯୋଗ ସୃଷ୍ଟି କରେ



**ରାଉସୋଳ ମହୋତ୍ସବର ତୃତୀୟ ସନ୍ଧ୍ୟା**

ରାଉସୋଳ,୧୬।୪(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାଉସୋଳ ଠାରେ ୨୦ତମ ରାଉସୋଳ ମହୋତ୍ସବ ତୃତୀୟ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ, ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିପ୍ଳାରଞ୍ଜନ ସେଠୀ, ପୂର୍ବତନ ବିଧାୟକ ତଥା ବିକାଶ ପରିଷଦ ସଭାପତି ମହେଶ୍ୱର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ବିକାଶ ପରିଷଦ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ । ମହୋତ୍ସବର ମହତ୍ୱ ଓ ଏହାର ପ୍ରଭାବ ଜନ ମାନସରେ ଏକାଠି ବାନ୍ଧି ରଖିବାର ସୁଯୋଗ ସୃଷ୍ଟି କରେ । କର୍ମ ବହୁଳ ଜୀବନରେ କିଛି ସମୟ ବାହାର କରି ମେଳା ମହୋତ୍ସବ ଆନନ୍ଦ ନେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ତୃତୀୟ ସନ୍ଧ୍ୟାରେ ପ୍ରାୟ ୨୦ହଜାର ଉର୍ଦ୍ଧ ଜନ ସମାଗମ ହୋଇଥିଲା । ମେଳାରେ ମୀନାବଜାର, ପଲ୍ଲିଶ୍ରୀ ମେଳା, ବୋଲିଙ୍କ ସମେତ ବିଭିନ୍ନ ଘରୋଇ ସାମଗ୍ରୀର ଦୋକାନ ଲାଗିଥିବା ଦେଖାଯାଇଥିଲା । ଏସ୍‌ଡିପିଓ ସତ୍ୟପ୍ରକାଶ ନନ୍ଦଙ୍କ ନିର୍ଦ୍ଦେଶରେ ରାଉସୋଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ପୋଲସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

# ବର୍ଷୀୟାନ ନେତ୍ରୀଙ୍କ ପରଲୋକ



କାମାକ୍ଷାନଗର, ୧୬।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରର ବର୍ଷିୟାନ ନେତ୍ରୀ ଶାନ୍ତାବାଳା ଜୀ (୭୮)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ଆଳତୁମା ସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଛି। ସେ ଛାତ୍ରୀ ଜୀବନରୁ ରାଜନୀତିରେ ଯୋଗଦେଇଥିଲେ। ତାଙ୍କର ତେଜସ୍ୱିନୀ ଅଭିଭାଷଣରେ ଉପସ୍ଥିତ ଶ୍ରୋତାଙ୍କୁ ଆଭିଭୂତ କରୁଥିଲେ। ସେ ଜଣେ ଟାଣୁଆ ଓ ସ୍ୱାଭିମାନୀ ନେତ୍ରୀ ଭାବେ ନିଜର ପରିଚୟ ସୃଷ୍ଟି କରି ମରିବି ପଛେ ନଇଁବି ନାହିଁ ନ୍ୟାୟରେ ପଦ ପଦବୀ ପାଇଁ କାହାକୁ ସାଲିସ କରିନଥିଲେ। ସେ ଅବିଭକ୍ତ ଢେଙ୍କାନାଳ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ, ରାଜ୍ୟ ମହିଳା କମିଶନର ସଦସ୍ୟା ପଦବୀରେ ରହି ନିଜର କାର୍ଯ୍ୟ ସଫଳତାର ସହ ନିର୍ବାହ କରିଥିଲେ। କଂଗ୍ରେସ ଦଳରୁ ଟିକେଟ ପାଇ ପରାଜୟ ହୋଇ ମଧ୍ୟ ସେ ସାଧାରଣ ଲୋକଙ୍କ ପାଇଁ ସେବା କାର୍ଯ୍ୟ ଜାରି ରଖିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବହୁ ବ୍ୟକ୍ତି ତାଙ୍କ ଘରକୁ ଆସି ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକକୁ ଏକ ପଟୁଆରରେ ସହର ପରିକ୍ରମା କରାଯିବା ସହ କାମାକ୍ଷାନଗର ସିଭିଲ କୋର୍ଟ ପରିସରକୁ ନିଆଯାଇଥିଲା। ସେଠାରେ ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ସମ୍ପାଦକ ଅଜିତ ତ୍ରିପାଠୀଙ୍କ ସମେତ ବିଭିନ୍ନ ଅଦାଲତର ବିଚାରପତି, ଆଇନଜୀବୀମାନେ ଶେଷ ଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ, ଢେଙ୍କାନାଳ ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ,ଏନଏସି ନଗରପାଳ ଧର୍ମାନନ୍ଦ ପରିଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ରାମିଆଳ ନଦୀ କୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ବଡ ପୁତ୍ର ଆଇନଜୀବୀ ସର୍ବଜିତ ଜୀ ମୁଖାଗ୍ନୀ ଦେଇଥିଲେ।

# ବିଶ୍ୱ ଜ୍ଞାନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ଢେଙ୍କାନାଳ,୧୬।୪(ରତନ ନାୟାର)

ଢେଙ୍କାନାଳସ୍ଥିତ ଡ. ଆମ୍ବେଦକର ମେମୋରିଆଲ ସୋସାଇଟି ପକ୍ଷରୁ ଆମ୍ବେଡକରଙ୍କ ୧୩୫ତମ ଜନ୍ମ ଦିବସ ଅବସରରେ ବିଶ୍ୱ ଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୋସାଇଟି ଅଧକ୍ଷ କୈଳାସଚନ୍ଦ୍ର ବେହେରାଙ୍କ ସମେତ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ପୌରାଧକ୍ଷ ଜୟନ୍ତୀ ପାତ୍ର, ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶ, ଜିଲା ଦଳିତ ସଂଘ ସଭାପତି ପ୍ରହଲ୍ଲାଦ କୁମାର ନାଏକ, ଶିକ୍ଷାବିତ୍ ଡ. ସମୀର ସାହୁ, ସାମାଜିକ କର୍ମୀ କୈଳାସଚନ୍ଦ୍ର ସେଠୀ, ନବକିଶୋର ଗୁରୁ, ଟଙ୍କଧର ବେହେରା, ପ୍ରଦ୍ୟୁମ୍ନ ନାୟକ ଓ ଜନସଂଖ୍ୟା ଫାଉଣ୍ଡେଶନ ସଭାପତି କଲ୍ୟାଣ କାନୁନ୍‌ଗୋ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ୟାଙ୍କ ପରିଚାଳକ ପ୍ରମୋଦ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଉତ୍କଳ ଆଜବେଷ୍ଟସ ଇଲେକ୍ଟ୍ରିକାଲ ବିଭାଗର ପରିଚାଳକ ବିଜୟ କୁମାର ବିଶ୍ୱାଳ, ଉତ୍କଳ ସମ୍ମିଳନୀ କାର୍ଯ୍ୟକାରୀ ସଭାପତି ଡ. ମନୋଜ କୁମାର ନାୟକ, ଜିଲା ପରିଷଦ ସଦସ୍ୟ ମମତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଲଳିତ ମୋହନ ବେହେରା, ତୁଲାରାମ ନାଗ, ଦୀପ୍ତିଶ ପଟ୍ଟନାୟକ, ସଦାନନ୍ଦ ସେଠୀ, ତ୍ରିନାଥ ବେହେରା, ବାଇଧର ନାୟକ, ରତିକାନ୍ତ ଗଡ଼ନାୟକ, ଜିତେନ୍ଦ୍ର ବେହେରା, ପଙ୍କଜ ନାୟକ, ଭରତ ଦାସ, ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସୋସାଇଟି ସମ୍ପାଦକ ବନମାଳ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଓଡ଼ାପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଢେଙ୍କାନାଳ,୧୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ମେଡିକାଲ ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଓଡିଶାରେ ନାରୀ ନିର୍ଯ୍ୟାତନା, ମହିଳା ଓ ଶିଶୁ ଅପହରଣ ଓ ବଳାତ୍କାର, ପେଟ୍ରୋଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଏହି ପ୍ରତିବାଦ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ବ୍ଲକର ବରିଷ୍ଠ କଂଗ୍ରେସ ନେତା ଅଭିମନ୍ୟୁ ନାୟକଙ୍କ ପୌରହିତ୍ୟରେ ଅଶୋକ କୁମାର ମହାପାତ୍ର, ପ୍ରମୋଦ ମହାପାତ୍ର, ସଂଗ୍ରାମ ସାମଲ, ଅକ୍ଷୟ ରଥ, ଅମ୍ବିକା ପ୍ରସାଦ ଜେନା, ଭଗବାନ ସାମଲ, ନିଗମାନନ୍ଦ ପାତ୍ର, ରୋହିତ ରାଉତ, ଫକିରୁଦ୍ଦିନ ମହମ୍ମଦ, କୁଞ୍ଜବିହାରୀ ପୃଷ୍ଟି, କୈଳାସଚନ୍ଦ୍ର ରାଉତ, ଦିଲୀପ ଜେନା, ପ୍ରଶାନ୍ତ ବିଶ୍ୱାଳ, ସୁଶାନ୍ତ ପାତ୍ର, ପ୍ରକାଶ ପାତ୍ର, ସମୀର କୁମାର ପାତ୍ର, କାର୍ତ୍ତିକେଶ୍ୱର ବିଶ୍ୱାଳ, ଚିନ୍ତାମଣୀ ସେଠି, ଶ୍ରୀବତ୍ସ ନାୟକ, ଚନ୍ଦ୍ରଶେଖର ମାଝୀ, ବିଜୟ କୁମାର ମାଝୀ ଓ ଟିପୁ ସେଠି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଭାଜପା ସରକାରର ତିବ୍ର ସମାଲୋଚନା କରିଥିଲେ। ସଂଗ୍ରାମ କୁମାର ସାମଲ ଧନ୍ୟବାଦ ଦେଇଥିଲେ । ଏହାପରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ବନ ନିଗମ କ୍ଷେତ୍ର କର୍ମଚାରୀଙ୍କୁ ତାଲିମ



ଢେଙ୍କାନାଳ,୧୬।୪(ରତନ ନାୟାର)

ଢେଙ୍କାନାଳ ମହିଷାପାଟ କାଠ ଡିପୋଠାରେ ବୁଧବାର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଓଡିଶା ବନ ଉନ୍ନୟନ ନିଗମର କ୍ଷେତ୍ର କର୍ମଚାରୀମାନଙ୍କୁ ଦକ୍ଷତା ବିକାଶ ଏବଂ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟବହାର କରାଯାଉଥିବା ସମସ୍ତ ଉପକରଣକୁ ସଫଳତାର ସହ ବ୍ୟବହାର କରିବା ଉପରେ ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା । ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବନ ଉନ୍ନୟନ ନିଗମ କର୍ମଚାରୀଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଥାଏ । ଏସ୍‌ଆରସିଙ୍କ ପରାମର୍ଶ କ୍ରମେ ଅଗ୍ନିଶମ ବିଭାଗ ସହାୟତାରେ ଏଭଳି ତାଲିମ ପ୍ରଦାନ କରାଯାଇଛି ବୋଲି ଓଡିଶା ବନ ଉନ୍ନୟନ ନିଗମ ଢେଙ୍କାନାଳର ପରିଚାଳକ ଗୁରୁଦତ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି । ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଏହି ତାଲିମ ପ୍ରଦାନ କରିଥିଲେ ।

# ବାର୍ଷିକ କ୍ରୀଡ଼ା ପୁରସ୍କାର ବଣ୍ଟନ ଉତ୍ସବ



ପରଜଙ୍ଗ, ୧୬।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ସ୍ଥିତ ପିଏମ୍‌ଶ୍ରୀ ମହେଶଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ବୁଧବାର ବାର୍ଷିକ କ୍ରୀଡ଼ା ପୁରସ୍କାର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ଶିକ୍ଷକ ଶିଖର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ , ସ୍କୁଲ ଶିକ୍ଷା କମିଟି ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ନାୟକ, ପରଜଙ୍ଗ ଜୋନ ୨ର ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସରପଞ୍ଚ ଗାୟତ୍ରୀ ମହାପାତ୍ର, ସମିତିସଭ୍ୟା ଶୈଳେନ୍ଦ୍ରି ସେଠୀ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ବର୍ମା, ଦିଲ୍ଲୀପ କୁମାର ମହାପାତ୍ର, ବିନ୍ଦୁବାଳା ଭଞ୍ଜ, ସବିତା ବରାଳ, ରଶ୍ମିତା ସାହୁ, ସ୍ନିଗ୍ଧାରାଣୀ ପାଣି,ସଞ୍ଜିତା ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ସମାଜସେବାର ନିଆରା ନିଶା, ଯୁବକ ସମ୍ବର୍ଦ୍ଧିତ

ପରଜଙ୍ଗ୧୬।୪(ନିଗମାନନ୍ଦ ଦଳବେହେରା)



ଆଜିର ଯୁବପିଢ଼ି ଅଧିକାଂଶ ସମୟରେ ନିଜର ମନୋରଞ୍ଜନ ନିମନ୍ତେ ସୋସିଆଲ ମିଡ଼ିଆକୁ ବ୍ୟବହାର କରୁଥିବାବେଳେ ଜଣେ ଯୁବ ସମାଜସେବୀ ଏହାକୁ ସମାଜ ସେବା ପାଇଁ ଉପଯୋଗ କରି ଚର୍ଚ୍ଚାରେ ରହିଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତର ସତ୍ୟଜିତ ବିଶ୍ୱାଳ । ସୋସିଆଲ ମିଡ଼ିଆ ଏକ୍ସ ମାଧ୍ୟମରେ ନିଜ ଅଞ୍ଚଳର ସମସ୍ୟା ତଥା ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ପାଇ ତୁରନ୍ତ ଖବର ସଂଗ୍ରହ କରି ମୁଖ୍ୟମନ୍ତ୍ରୀ ଓ ମୁଖ୍ୟସଚିବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଟୁଇଟ୍ କରି ସମସ୍ୟା ବିଷୟରେ ଅବଗତ କରାଇବା ସହ ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥାନ୍ତି। ଏହାଛଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥାନ୍ତି । ଏଭିଳି ଭାବେ ୨ ବର୍ଷ ମଧ୍ୟରେ ନିଜ ଅଞ୍ଚଳର ବିକାଶ ତଥା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ଜିଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ୨ ହଜାରରୁ ଅଧିକ ଟୁଇଟ୍ କରିସାରିଛନ୍ତି। ଏହାଛଡ଼ା ବିଭିନ୍ନ ସମୟରେ ରୋଗୀଙ୍କୁ ରକ୍ତ ଯୋଗାଇବା ଓ ବିଭିନ୍ନ ସଂଗଠନ ମାଧ୍ୟମରେ ଅଞ୍ଚଳର ଉନ୍ନତି ନିମନ୍ତେ ଦ୍ୱାରା କାର୍ଯ୍ୟ କରିବା ଛଡ଼ା ଟୁଇଟ୍ ଦ୍ୱାରା ସମସ୍ୟାର ସମାଧାନ କରୁଥିବାରୁ ସେ ଟୁଇଟ୍ ବୟ ଭାବେ ପରିଚିତ। ଟୁଇଟ୍ ଦ୍ୱାରା ଅନେକ ଅସହାୟ, ଗରିବ, ବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟାଇ ପାରଥିବାରୁ ପୁରୀଠାରେ ହେଉଥିବା ରାଜ୍ୟସ୍ତରୀୟ ଟୁଇଟ୍ ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ଫେରାର୍ ଅଭିଯୁକ୍ତ ଗିରଫ

ପବିତ୍ରନଗର,୧୬।୪(ନିରୋଜ ପ୍ରଧାନ): କଣିହାଁ ପୋଲିସ ଜଣେ ଫେରାର ଥିବା ଅପହରଣକାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିକ୍ରମପୁର ଥାନା ଅନ୍ତର୍ଗତ ସାଉଥବଲଣ୍ଡା ଗୁରୁଦ୍ୱାରର ତୁଷାର କିରଣ ବାରିକ(୨୬)। ଗତ ୨୦୨୨ ମସିହାରେ ତୁଷାର ଏକ ନାବାଳିକାଙ୍କୁ ଅପହରଣ କରି ଫେରାର୍ ଥିଲେ। ପୋଲିସ କେସ୍ ନମ୍ବର ୨୧୩/୨୦୨୨ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ପିଏମ୍‌ଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନ, ୧୬।୪ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲ୍ଲା ଭୁବନ ପିଏମଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଗଣଶିକ୍ଷା, ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଶିକ୍ଷା ବିକାଶର ଚାବିକାଠି। ଶିକ୍ଷା ଜୀବନରେ ବିକାଶର ମନ୍ତ୍ର ଦେଇଥାଏ । ବିଦ୍ୟାଳୟ ହେଉଛି ମଣିଷ ଗଠନର ମାଧ୍ୟମ। ଯେପରି ମଞ୍ଜିଟିଏ ଗଛ ହୋଇ ବିରାଟ ଦ୍ରୁମ ହୋଇଥାଏ ସେହିପରି ଶିଶୁଟିଏ ବିଦ୍ୟାଳୟରୁ ଅଧ୍ୟୟନ କରି ଶ୍ରେଷ୍ଠତ୍ୱ ଲାଭ କରିଥାଏ ବୋଲି ମାର୍ଗଦର୍ଶନ ଦେଇଥିଲେ। ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନରେ ୧୯୪୮ରେ ଏହି ଉଚ୍ଚ ବିଦ୍ୟାଳୟଟି ସ୍ଥାପନ ହୋଇଛି। ଉତ୍ସବରେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଣି ବିନିତା ସେନାପତି ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରାଧାପକ ତଥା ପୁରାତନ ଛାତ୍ର ଡ. ଧରଣୀଧର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ସେଥିରେ କାମକ୍ଷାନଗର ବିଧାୟକ ତଥା ପୁରାତନ ଛାତ୍ର ଶତ୍ରୁଘ୍ନ ଜେନା, କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣୀ ନାଏକ, ପୁରୀ ଗୋବର୍ଦ୍ଧନ ପୀଠର ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର କୁମାର ଦାଶ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ଇ. ଦେବେନ୍ଦ୍ର କୁମାର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶାରିରୀକ ଶିକ୍ଷକ ସାଗର ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋନିଆ, ରାହୁଲଙ୍କ ବିରୋଧରେ ଆକ୍ରୋଶମୂଳକ ଚାର୍ଜଶିଟ୍‌କୁ ନେଇ ପ୍ରତିବାଦ

**ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ**

ଢେଙ୍କାନାଳ,୧୬।୪(ରତନ ନାୟାର)


କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କଂଗ୍ରେସର ବରିଷ୍ଠ ନେତ୍ରୀ ରାଜ୍ୟସଭା ଏମ୍‌ପି ସୋନିଆ ଗାନ୍ଧୀ ଓ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଆକ୍ରୋଶମୂଳକ ଚାର୍ଜସିଟ୍ ପ୍ରତିବାଦରେ ବୁଧବାର ଗଣେଶ ବଜାରଠାରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ଏପରି ଆକ୍ରୋଶମୂଳକ କାର୍ଯ୍ୟକୁ କଂଗ୍ରେସ ପକ୍ଷରୁ ଦେଶସାରା ପ୍ରତିବାଦ କରାଯିବା ସହିତ ମୋଦି ସରକାରଙ୍କୁ ଭର୍ତ୍ସନା କରାଯାଇଛି ବୋଲି ନେତୃବୃନ୍ଦ କହିଥିଲେ। ନ୍ୟାସନାଲ ହେରାଲ୍ଡ ଖବରକାଗଜ ୧୯୩୮ରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତି ସମୟରେ ଏହା ଆସୋସିଏଟେଡ ଜର୍ନାଲ ଲିମିଟେଡ୍ ଦ୍ୱାରା ପ୍ରକାଶିତ ହେଉଥିଲା। ଯାହା ଋଣଗ୍ରସ୍ତ ହୋଇ ପରିଚାଳନା କରିନପାରିବାରୁ ଏହାକୁ ୟଙ୍ଗ୍ ଇଣ୍ଡିଆ ଲିମିଟେଡ୍‌କୁ ବିକ୍ରି କରାଯାଇ ଋଣମୁକ୍ତ ହୋଇଥିଲେ । ଏହାକୁ ଅନିୟମିତତା ଦର୍ଶାଇ ଭାଜପା ନେତା ସୁବ୍ରମଣିୟମ୍ ସ୍ୱାମୀ, ସୋନିଆ ଓ ରାହୁଲଙ୍କ ବିରୁଦ୍ଧରେ ମାମଲା ଦାଏର କରିଥିଲେ । ପରେ ମୋଦି ଓ ସାହା ପ୍ରତ୍ୟେକ୍ଷ ଭାବରେ ଏହାକୁ ଆର୍ଥିକ ଅନିୟମିତତା ଦର୍ଶାଇ ଇଡି ଦ୍ୱାରା ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ଇଡିପକ୍ଷରୁ କଂଗ୍ରେସର ବରିଷ୍ଠ ନେତାମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଛି। ଏପରି ଚାପ ସୃଷ୍ଟି କରି ହଠାତ୍ ଜେଲ ଯିବାର ଭୟ ଦେଖାଇ ମୋଦି ସରକାର କଂଗ୍ରେସକୁ ଦବାଇ ପାରିବେ ନାହିଁ ବୋଲି ନେତୃବୃନ୍ଦ କହିଥିଲେ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଜିଲା ସଭାପତି ସୁନିଲ ଦାଶଙ୍କ ନେତୃତ୍ୱରେ ଗଣେଶ ବଜାର ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ମୋଦି ସରକାର ଓ ଇଡି ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଆକ୍ରୋଶମୂଳକ ରାଜନୀତିରୁ ନିବୃତ ରହିବା ନିମନ୍ତେ ଚେତାବନି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ରବି ନାରାୟଣ ମହାନ୍ତି, ଡା. ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ବେଣୁଧର ସାହୁ, ସମସିଦା ତାଏବ, ସୁଶାନ୍ତ କୁମାର ଧଳ, ଅକ୍ଷୟ କୁମାର ରଥ, ଅଖିଳ ମହାପାତ୍ର, ବିନୟ କୁମାର ସାହୁ, ଶିଳ୍ପୀଶ୍ରୀ ହରିଚନ୍ଦନ, ଉର୍ମିଳା ଦାସ, ସ୍ମିତାରାଣୀ ସାମଲ, ସରୋଜ ଶତପଥୀ, ଜିତେନ୍ଦ୍ର ସାହୁ, ମାନସ ତ୍ରିପାଠୀ, ମହମ୍ମଦ ଏର୍ସାଦ୍, ଗୋବର୍ଦ୍ଧନ ସିଂହ, ସର୍ବେଶ୍ୱର ବ୍ରହ୍ମ, ରୁବେନା ବେଗମ ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

‘ହେରାଫେରି-୩’ରେ ଅକ୍ଷୟ-ପରେଶ-ସୁନୀଲ



# ହେରା ଫେରି-୩


**ବି**ଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏବଂ ଏ.ଜି. ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ ‘ହେରା ଫେରି’ ୨୦୦୦ ମସିହାରେ ପରଦା ଉପରକୁ ଆସିଥିଲା। ମାତ୍ର ୭କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ୨୧ କୋଟିର ବିଜନେସ୍ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ଏହାର ପାର୍ଟ ୩ ‘ହେରା ଫେରି ୩’ର ଶୁଟିଂ ଆରମ୍ଭ ହୋଇଯାଇଛି। ଆରମ୍ଭରୁ ଏହା ସହ ଜଡିତ ଅଛନ୍ତି ତ୍ରିମୂର୍ତ୍ତି-ଅକ୍ଷୟ କୁମାର, ସୁନୀଲ ସେଟ୍ଟୀଏବଂ ପରେଶ ରାଓ୍ୱଲ। ଏମାନଙ୍କର ନିଖୁଣ ଅଭିନୟକୁ ଏ ପର୍ଯ୍ୟନ୍ତ ଦର୍ଶକ ମନେ ରଖିଛନ୍ତି। ତେଣୁ ଏହାର ପାର୍ଟ ଥ୍ରୀରେ ମଧ୍ୟ ଏହି ଯୋଡିକୁ ରିପିଟ୍ କରାଯାଇଛି। ଏଥର ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ପ୍ରିୟଦର୍ଶନ-ଫରହାଦ ସାମ୍‌ଜି ଯୋଡି। ଏ ନେଇ ପ୍ରିୟଦର୍ଶନ କହନ୍ତି, ‘‘ସତ କଥା କହିବାକୁ ଗଲେ, ଯେତେବେଳେ ଏକ ହାସ୍ୟରସ ଏବଂ ଅନେକ ଶିକ୍ଷଣୀୟ କଥାକୁ ନେଇ ନିର୍ମିତ ‘ହେରା ଫେରି’ର ନିର୍ଦ୍ଦେଶନା ଦେଲି, ସେତେବେଳେ ମୋ ପାଇଁ ଏହା ଏକ ଚ୍ୟାଲେଞ୍ଜ ଥିଲା। ଯାହାହେଉ ସେତେବେଳେ ଏହାକୁ ଦର୍ଶକ ଯେମିତି ଗ୍ରହଣ କଲେ ସେଥିପାଇଁ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।’’ ଅକ୍ଷୟ କୁମାର, ସୁନୀଲ ସେଟ୍ଟୀ, ପରେଶ ରାଓ୍ୱଲଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଜାଭେଦ ଜାଫ୍ରି ଏବଂ ଶକ୍ତି କପୁର ପ୍ରମୁଖ ଅଭିନୟ କରୁଛନ୍ତି।



ସାରା

# ଯାହା ଚାହୁଁଥିଲେ ପ୍ରଶାନ୍ତ..

**ଥ**ରେ ମନେ ପକାନ୍ତୁ ନା ସୁପରହିଟ୍ ଫିଲ୍ମ ‘କେଜିଏଫ’କୁ। ଏହା ତାଙ୍କୁ ରାତାରାତି ଜଣେ ନାମୀ ନିର୍ଦ୍ଦେଶକର ମାନ୍ୟତା ଦେଇଥିଲା। ହଁ, ସେ ହେଲେ ବିଶିଷ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ବାଙ୍ଗାଲୋରରେ ଜନ୍ମିତ ପ୍ରଶାନ୍ତଙ୍କ ପ୍ରଥମ ନିର୍ଦ୍ଦେଶିତ ସିନେମା ଥିଲା ଆକ୍ସନ ଥ୍ରୀଲର ‘ଉଗ୍ରମ’ (୨୦୧୪)। ଏକ ମଧ୍ୟବିତ୍ତ ପରିବାରେ ଜନ୍ମଗ୍ରହଣ କରିଥିଲେ ସେ। ପରିବାର ଚଳାଇବା ପାଇଁ ପ୍ରଶାନ୍ତ ଚଳଚ୍ଚିତ୍ର ଦୁନିଆରେ ପାଦ ରଖିଥିଲେ। ତାଙ୍କର ମନରେ ଗୋଟିଏ ଆଶା ଥିଲା ଦିନେ ନା ଦିନେ ମୁଁ ଜଣେ ଭଲ ନିର୍ଦ୍ଦେଶକ ହେବି। ଯାହାହେଉ ତାଙ୍କର ଆଶା ପୂରଣ ମଧ୍ୟ ହୋଇଛି। ପାଠ ପଢୁଥିବା ସମୟରେ ସେ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରୁଥିଲେ। ପ୍ରଶାନ୍ତଙ୍କ ବାପାଙ୍କ ଜନ୍ମସ୍ଥାନ ହେଉଛି ଆନ୍ଧ୍ରପ୍ରଦେଶର ନୀଲାକଣ୍ଠପୁରମ। ସେ ନିୟମିତ ସମୟ ବ୍ୟବଧାନରେ ସେଠାକୁ ଯାଇଥାଆନ୍ତି। ତାଙ୍କର ପ୍ରକୃତ ନାମ ହେଉଛି ପ୍ରଶାନ୍ତ ନୀଲାକଣ୍ଠପୁରମ। ହେଲେ ସେ ଏହାକୁ ସଂକ୍ଷିପ୍ତ କରି ପ୍ରଶାନ୍ତ ନୀଲ୍ ରଖିଛନ୍ତି।



## ଅ|ତୀ|ତ|ରୁ

- ଅଜିତ ଦାସ, ଉତ୍ତମ ମହାନ୍ତି, ଶୁଭ୍ରା ପତିଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ଝିଅଟି ସୀତା ପରି’। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଧୂ ଭୂଷଣ ନନ୍ଦ। ଗୀତଗୁଡିକୁ ସ୍ୱର ଦେଇଥିଲେ ସରୋଜ ପଟ୍ଟନାୟକ।
- ଓଡ଼ିଆ ସିନେମା ‘ସୁବର୍ଣ୍ଣ ସୀତା’ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା। ଏଥିରେ ତାଙ୍କର ନାୟିକା ସାଜିଥିଲେ ତ୍ରିପୁରା ମିଶ୍ର। ଶ୍ରୀଦୁର୍ଗା ଫିଲ୍ମସ, କଟକ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ପ୍ରଭାତ ମିଶ୍ର। ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଶିଶିର ମିଶ୍ର।
- ସୁବୋଧ ଚନ୍ଦ୍ର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ତଅପୋଇ’। ଏହାର ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), କ୍ଷଣପ୍ରଭା, ଅନୀତା ଦାସ ଏବଂ ଧୀର ବିଶ୍ୱାଳ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।
- ଓଡ଼ିଆ ଚିତ୍ର ‘ପ୍ରିୟତମା’ର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ ଦାସ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରାୟିତ କରିଥିଲେ ଶାନ୍ତନୁ ମହାପାତ୍ର। ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।
- ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ ‘କନକଲତା’ରେ ହରିଶ ମହାପାତ୍ର, ସୁଜାତା ଆନନ୍ଦ, ଶାନ୍ତିଲତା ଏବଂ କାଶୀନାଥ ପ୍ରମୁଖ ଅଭିନୟ କରିଥିଲେ। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ବାଳକୃଷ୍ଣ ଦାଶ।

# ସବୁ ଗୁଜବ

**ଏ**ଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା ସାରା ଅଲ୍ଲୀ ଖାଁ ବାଦ୍ ପଡନ୍ତେ କିପରି ? କଥା କ’ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସାରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ତେଣୁ ସେଥିପାଇଁ ସେ ପରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, ‘ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୁଁ ଯେ ମୋର ପାରିଶ୍ରମିକକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ।’’

## ଅନୁତାପ କରୁଛନ୍ତି ଜାହ୍ନବୀ

**ଆ**ଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ସିନେମା ‘ଶିମ୍ବା’ ପାଇଁ ତାଙ୍କର ପ୍ରଥମ ପସନ୍ଦ ଥିଲେ ଜାହ୍ନବୀ କପୁର। ହେଲେ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଶେଷରେ ଏହି ରୋଲ୍ ପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା। ଏ ବିଷୟରେ ସେ କହନ୍ତି, ‘‘ କେତେକ କାରଣରୁ ମୁଁ ଅଫରଟିକୁ ହାତଛଡା କରିଥିଲି। ଏବେ ସେ କଥା ମନେ ପଡିଲେ ଦୁଃଖ ଲାଗେ।’’ ଜାହ୍ନବୀଙ୍କ ମା’ ତଥା ବଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ଶ୍ରୀଦେବୀ କଦାପି ଚାହୁଁ ନ ଥିଲେ ଯେ ତାଙ୍କର ଝିଅ ଅଭିନୟ ଦୁନିଆରେ ପାଦ ଦେଉ। କିନ୍ତୁ ଜାହ୍ନବୀ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା’ପରେ ସେ ତାଙ୍କ ପଛରେ ଛାଇ ଭଳି ରହିଥିଲେ।



ଜାହ୍ନବୀ

# ଫୁଲ ଗଜରା

**ଫୁ**ଲ ଗଜରା ଦେଖିବାକୁ ବେଶ୍ ସୁନ୍ଦର। ବିଶେଷଭାବରେ ମହିଳାଙ୍କ କେଶ ବିନ୍ୟାସକୁ ଏହା ଆହୁରି ଆକର୍ଷଣୀୟ କରିଥାଏ। ସେହି ଫୁଲ ଗଜରାରେ ରହିଛି ଅନେକ କଥା। କେତେବେଳେ ସେ ପ୍ରେମର ସାକ୍ଷୀ ସାଜୁଛି ତ କେତେବେଳେ ପ୍ରେମୀ ଯୁଗଳଙ୍କ ମନର କଥାକୁ ବଖାଣି ବସୁଛି। ହଁ, ଏଭଳି ବିଷୟବସ୍ତୁ ନେଇ ପ୍ରସ୍ତୁତ ହୋଇଛି ଏକ ରୋମାଣ୍ଟିକ ଆଧୁନିକ ସମ୍ବଲପୁରୀ ଆଲବମ୍ ଯାହାର ଟାଇଟଲ ରହିଛି ‘ଫୁଲ ଗଜରା’। କେବଳ ସେତିକି ନୁହେଁ, ଏହି ଶୀର୍ଷକକୁ ନେଇ ଆଲବମ୍‌ର ଟାଇଟଲ ଗୀତ ମଧ୍ୟ ରଚନା କରାଯାଇଛି। ତା’ସହ ଏହାର ଦୃଶ୍ୟାୟନ ସମୟରେ ଗୀତଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ମିଳିବ ସେ ନେଇ ଚେଷ୍ଟା କରିଛନ୍ତି ଏହାର ନିର୍ଦ୍ଦେଶକ ଡେଭିଲ୍ ରାଜ୍। ମ୍ୟୁଜିକ୍ ମନ୍ତ୍ର ପ୍ରା.ଲି. ଏହାର ପ୍ରଯୋଜନା କରିଛନ୍ତି। ଅଜୟ ନାଗ ଏହି ରୋମାଣ୍ଟିକ ଗୀତଟିକୁ ରଚନା କରିଥିବା ବେଳେ ତାହାକୁ ସ୍ୱରରେ ସଜାଇଛନ୍ତି ଦିବ୍ୟଲୋଚନ ଦୀପ୍। କଣ୍ଠଦାନ କରିଛନ୍ତି ଅଜୟ ନାଗ ଏବଂ ସୁଶ୍ରୀ ଜିପି। ସ୍ନେହାଶିଷ ରାଉତ ଏବଂ ମେଘା ଶାହା ଗୀତଟିରେ ଅଭିନୟ କରିଛନ୍ତି। ଏହାର ମିଡିଆ ପ୍ଲାନର ଅଛନ୍ତି ଅମରେଶ ବେଉରା।



ସ୍ନେହାଶିଷ-ମେଘା

# ଆଖି କହିବ ମନ କଥା

**ଆ**ଖିର ଚାହାଣିରେ ଅନେକ କଥା କହି ହୁଏ। ତେବେ ଜଣକ ମନର କଥାକୁ କିପରି ଆଖି ବୟାନ କରୁଛି ତାହା ‘ରାକେଟ୍’ ଫିଲ୍ମରେ ଦେଖିବାକୁ ମିଳିବ। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। ହେମନ୍ତ ପାତ୍ରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ବିଜୟ ମଲ୍ଲ। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫି କରିଛନ୍ତି ଏସ. କେ ମୁରଲୀଧରନ। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ, ସ୍ମୃତି ରଞ୍ଜନ ମହାନ୍ତି ( ନଟିଆ ), ପିଙ୍କୁ, ଶୀତୁଲ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ରାଜ୍ୟର ଅଗ୍ରଣୀ ବିତରଣକାରୀ ସଂସ୍ଥା ପ୍ରକାଶ ଫିଲ୍ମସ ଏହାର ବିତରଣ ଦାୟିତ୍ୱରେ ଅଛନ୍ତି।



‘ରାକେଟ୍’ ଫିଲ୍ମରେ ଶୀତୁଲ

# ସିନେମା-ଯାତ୍ରା ଯନ୍ତ୍ରଣା

**ଗ**ତ କିଛିବର୍ଷ ହେଲା ଓଡ଼ିଆ ସିନେମାକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି। ଚଳିତ ବର୍ଷ ଓଡ଼ିଆ ଅପେରା ଜଗତ ଆଲୋଚନାର ପରିସରଭୁକ୍ତ ହୋଇଛି। କେଉଁ କଳାକାର କେଉଁ ଯାତ୍ରା ପାର୍ଟିରେ ଅଭିନୟ କରିବେ ସେ ନେଇ ଯାତ୍ରା ଋତୁ ଶେଷରେ ପରିବେଶ ବେଶ୍ ଉଷ୍ମ ରହିଥାଏ। କଳାକାରମାନେ ଏପଟସେପଟ ହେବା କିଛି ନୂଆ କଥା ନୁହେଁ। ଅନେକ ବର୍ଷ ଧରି ଏହି ଧାରା ଚାଲିଆସିଛି। ହେଲେ ଏବର୍ଷ ଅପେରା ଜଗତରେ ଯେଉଁ କେତୋଟି ଘଟଣା ଘଟିଛି ତାହାକୁ ନେଇ ଆଲୋଚନା ଶେଷ ହେବାର ନାଁ ଧରୁନାହିଁ। ଏ ବିଷୟରେ ତ ଆଲୋଚନା କରିବା ହେଲେ ଆମ ସିନେମା ଜଗତର ଅବସ୍ଥା ମଧ୍ୟ କିଛି କମ୍ ନୁହେଁ। ମାଳ ମାଳ ସିନେମା ରିଲିଜ ହେଉଛି, ହେଲେ ସଫଳ ଚିତ୍ର ସଂଖ୍ୟା କେତେ ତାହା କହିବା ବାହୁଲ୍ୟ। ସ୍ୱପ୍ନ ଦେଖିବା ମନା ନାହିଁ। ଉତ୍ତାରୁ ସିନେମା କରି ବାହା ବା ନେବାକୁ ପ୍ରୟାସ କରିବା ଅପେକ୍ଷା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ ହେବା ଦରକାର। ୧୯୯୯ ମହାବାତ୍ୟା ବେଳଠାରୁ ପ୍ରେକ୍ଷାଳୟ ସଂଖ୍ୟା କମିବାକୁ ଲାଗିଛି। ଆମ ରାଜ୍ୟରେ ଏବେ ପ୍ରାୟ ୬୦ଟି ପ୍ରେକ୍ଷାଳୟ ଅଛି। ଅନେକ ପ୍ରେକ୍ଷାଳୟଗୁଡିକର ପୁନରୁଦ୍ଧାର ହେବା ଦରକାର। ସିନେମାଟିଏ ପ୍ରଯୋଜନା କରିବା ପୂର୍ବରୁ ସେ ସମ୍ପର୍କରେ ନିଜର କିଛି ଜ୍ଞାନ ରହିବା ନିହାତି ଆବଶ୍ୟକ। ଜଣଙ୍କୁ ମାୟାଜାଲରେ ଫସାଇ ସିନେମା ନିର୍ମାଣ କରିବାକୁ କେତେକ ବ୍ୟକ୍ତିବିଶେଷ ପୂରାଦମ୍‌ରେ ଲାଗିପଡନ୍ତି। ଆଉ ତା’ପରେ ଫଳ କ’ଣ ହୁଏ ତାହାର ଉଦାହରଣ ଅନେକ ରହିଛି। କେତେକ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ’ରେ ସୀମିତ ରହିଯାଉଛି। ଅବଶ୍ୟ ୟା ଭିତରେ ‘ଦମନ’ ଏବଂ ‘କର୍ମ’ ଭଳି ଓଡ଼ିଆ ଚଳଚ୍ଚିତ୍ର ଦର୍ଶକାଦୃତ ହୋଇପାରିଛି। ତେଣୁ ଏଭଳି ପ୍ରୟାସ ଜାରି ରହିଲେ ଆମେ ଓଡ଼ିଆ ସିନେମାକୁ ନେଇ ନୂଆ ସ୍ୱପ୍ନ ଦେଖିପାରିବା।



ଏବେ ଯାତ୍ରା କଥାକୁ ଆସିବା। ମଞ୍ଚ ଉପରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ବିଳମ୍ବିତ ରାତ୍ରିରେ ଟେଣ୍ଟ ଭିତରେ ପାଖାପାଖି ପାଞ୍ଚ ଘଣ୍ଟା ବାନ୍ଧି ରଖିବା ଛୋଟିଆ କଥା ନୁହେଁ। ଯାତ୍ରା ସହ ଜଡିତ କଳାକାରଟିଏ ନିଜ ଦକ୍ଷତା ଷ୍ଟେଜ ଉପରେ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରେ। କେବଳ କଳାକାର ନୁହନ୍ତି, ନାଟ୍ୟକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଏବଂ ମଞ୍ଚ ପଛରେ ରହି ସାଜସଜା, ଇଲେକ୍ଟ୍ରି, ଶବ୍ଦ ପରିଚାଳନା ଏବଂ ବ୍ୟବସ୍ଥାପନା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ରୋଜଗାର ଏକମାତ୍ର ମାଧ୍ୟମ ହେଲା ଯାତ୍ରା। ଅପେରା ପାର୍ଟିର ମାଲିକ ଟଙ୍କା ଖଟାଇ ଯାତ୍ରା ପାର୍ଟିଟିଏ ଗଢ଼େ। ତା’ପରେ କଳାକାର ଚୟନ, ନାଟକ ଆଦି କାମ ତୁଲାଇବାକୁ ପଡେ। ତେଣୁ ଯାତ୍ରା ହେଉଛି ଏକ ଟିମ୍ ଇଫୋର୍ଟ। ଗୋଟିଏ ଯାତ୍ରା ସିଜନ ପରେ କଳାକାର ଏପଟ ସେପଟ ହୁଅନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରିବେଶ କେତେ ଉଷ୍ମ ହୋଇଛି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏକାଥରେ ଦୁଇଟି ପାର୍ଟିରୁ ଅଗ୍ରିମ ଟଙ୍କା ନେବା ଏବଂ ପରବର୍ତ୍ତୀ ସମୟରେ ସେ ନେଇ ହାଇଭୋଲଟେଜ ଡ୍ରାମା ହେବା ଓ ଶେଷରେ ଦୁଇ ପାର୍ଟିକୁ ଅଗ୍ରିମ ଟଙ୍କା ଫେରସ୍ତ ଦେଇ ଆସନ୍ତା ଯାତ୍ରା ସିଜନରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛନ୍ତି ଅନ୍ୟତମ ଚର୍ଚ୍ଚିତ କଳାକାର ପୀୟୂଷ ତ୍ରିପାଠୀ। କେବଳ ସେତିକି ନୁହେଁ ହାସ୍ୟାଭିନେତା ନରି ପଣ୍ଡା ଜଣେ ଯାତ୍ରା ମାଲିକ ତାଙ୍କୁ ମାଡ ମାରିବା ଅଭିଯୋଗ ଆଣିଛନ୍ତି। ଏବେ ଏମିତି ଆରୋପ ପ୍ରତ୍ୟାରୋପ ଯାତ୍ରା ଜଗତରେ ଲାଗି ରହିଛି। ତେବେ ଏହାକୁ ସମାଧାନ କରିବାକୁ କଳାକାର ସଂଘ, ମାଲିକ ସଂଘ ଆଗେଇ ଆସିବା ଉଚିତ। ଯାତ୍ରାରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେଲେ ଯାତ୍ରା ପ୍ରତି ଲୋକଙ୍କର ଆସ୍ଥା ରହିବ। କଳା ଈଶ୍ୱର ପ୍ରଦତ୍ତ। ଏହାକୁ ଟଙ୍କାର ନିକିତିରେ ମାପିବା ଏବଂ ତାହାକୁ ମୂଳଚାଲ କରି ସମାଲୋଚିତ ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ। କଳା ପରିବେଷଣ କରି ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇବାକୁ ପ୍ରତିଟି କଳାକାର ହକଦାର। ହେଲେ ଏହାକୁ ନେଇ ଯଦି ବେପାର ଚାଲେ ତେବେ ସେତେବେଳେ ନା କଳାର ମୂଲ୍ୟ ରହିବ ନା କଳାକାରର। ତେଣୁ ଯାତ୍ରା ଜଗତ ସୁସ୍ଥ ପରିବେଶକୁ ଆସି ତାହାର ପୂର୍ବ ଗରିମା ବଜାୟ ରଖୁ-ଏତିକି ଆଶା ରଖୁଛି।

**-ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଜନସଚେତନତାମୂଳକ ନାଟକକୁ ଗୁରୁତ୍ୱ ଦିଏ

### ରୋହିତ ନାଗେଶ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗୀତିକାର ଏବଂ ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ ଯାହା କହନ୍ତି..

**କେ**ବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱକୁ ବେଶ୍ ସୁଚାରୁ ଭାବରେ ତୁଲାଇ ପାରନ୍ତି । ଏ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ରୋହିତ ନାଗେଶ। ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଅନକାପୁର ଗ୍ରାମର ତାଙ୍କର ଜନ୍ମ। ପ୍ରଥମେ ତାଙ୍କୁ ଗୀତିନାଟ୍ୟରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ନିଜ ଅଭିନୟ ତଥା ନିର୍ଦ୍ଦେଶନା କ୍ୟାରିୟର ବିଷୟରେ ସେ କହନ୍ତି, ‘‘ଅଭିନୟରୁ ମୋତେ ଯେତେବେଳେ ଆତ୍ମତୃପ୍ତି ମିଳିଲା ପରେ ମାତ୍ର ୧୬ ବର୍ଷରୁ ମୁଁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲି। ଅଭିନୟ ଏବଂ ନିର୍ଦ୍ଦେଶନା ବ୍ୟତୀତ ମୁଁ ନାଟକ ଓ ଗୀତ ରଚନା ମଧ୍ୟ କରିଛି। ମୋ ନାଟକଗୁଡ଼ିକରେ ଜନସଚେନତାମୂଳକ ବାର୍ତ୍ତା ଭରି ରହିଥାଏ। ନାଟକଟିଏ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ମଧ୍ୟ ପ୍ରାଥମିକତା ଦେଇଥାଏ।’’ ପିତା ଭାସ୍କର ନାଗେଶ ଓ ମାତା ଜୟମନି ନାଗେଶଙ୍କ ଏହି ଜ୍ୟେଷ୍ଠ ପୁତ୍ରଙ୍କ ରଚିତ ପ୍ରମୁଖ ନାଟକଗୁଡିକ ହେଉଛି- ସାଗର ଝୁରୁଛି ଝରଣା ପାଇଁ , ସଧବା ନାରୀର ବିଧବା ବେଶ, ଘର ଭାଙ୍ଗିଲା ପର କଥାରେ ଏବଂ ସାଥୀକୁ ସବାରି ସାତ ସପନ।

-ମକାରୁ ବେମାଲ, ନୂଆପଡ଼ା



ରୋହିତ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ବିଦ୍ୟମାନ ଏବଂ ପ୍ରତ୍ୟାଶିତ ଉତ୍ପାଦନ ଉପସ୍ଥିତି ଏବଂ ଦୀର୍ଘ ସ୍ଥାୟିତ୍ୱ ପଦକ୍ଷେପ ସୁନିଶ୍ଚିତ କରିବାକୁ ଯାଉଛି। କମ୍ପାନୀ ଭାରତର ନୂତନ ସବୁଜ ଇସ୍ପାତ ବର୍ଗୀକରଣର ଅନୁରୂପ ସବୁଜ ଇସ୍ପାତର ଏକ ମହତ୍ତ୍ୱପୂର୍ଣ୍ଣ ଅନୁପାତ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ଏହାକୁ ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ ବୋଲି ଆଶା କରାଯାଉଛି। କମ୍ପାନୀର ଏହି ପ୍ରୟାସ ସହ ଏହା ପ୍ରଥମ ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ୩ ଷ୍ଟାର ରେଟିଂ ହାସଲ କରିବାକୁ ପ୍ରସ୍ତୁତ ରହିଛି।

AM/NS INDIA
ArcelorMittal Nippon Steel India

ଭାରତ ଇସ୍ପାତ ଶିଳ୍ପର ଡିକାର୍ବନାଇଜେଶନକୁ ଆଗେଇନେବା ଏବଂ ଭାରତ ପାଇଁ ଓ ଭାରତରୁ ସବୁଜ ଇସ୍ପାତର ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ କାର୍ବନ ଇସ୍ପାତର ସରଞ୍ଜନା ଉପରେ ଏକ ସାଧାରଣ ପରିଭାଷା ଏବଂ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଡିସେମ୍ବରରେ ଭାରତ ପାଇଁ ସବୁଜ ଇସ୍ପାତ ବର୍ଗୀକରଣର ପ୍ରକାଶନ କରାଯାଇଥିଲା। ବର୍ଗୀକରଣରେ ପରିଭାଷିତ ସବୁଜ ଇସ୍ପାତକୁ ଉତ୍ପାଦନ ହେଉଥିବା ଇସ୍ପାତ କାରଖାନାର ନିର୍ଗମନ ତୀବ୍ରତା ଆଧାରରେ ବର୍ଗୀକୃତ କରାଯାଇଥାଏ। ଏପରିକି ଯୋଗ୍ୟତା ଅର୍ଜନ କରିବା ପାଇଁ କାର୍ବନ ଡାଇଅକ୍ସାଇଡ୍ ସମକକ୍ଷ (କାର୍ବନ ଡାଇଅକ୍ସାଇଡ୍) ନିର୍ଗମନ ତୀବ୍ରତା ପ୍ରତି ଟନ ପିଛା ପ୍ରସ୍ତୁତ ବୃତ୍ତାନ୍ତ ଇସ୍ପାତରେ ୨.୨ ଟନ କାର୍ବନ ଡାଇଅକ୍ସାଇଡ୍‌ରୁ କମ୍ ହେବା ଆବଶ୍ୟକ ବୋଲି କୁହାଯାଉଛି। ଏହି ସୀମାଠାରୁ ଅଧିକ ନିର୍ଗମନ ତୀବ୍ରତା ଥିବା ଇସ୍ପାତ ସବୁଜ ରେଟିଂ ପାଇଁ ଯୋଗ୍ୟ ହେବ ନାହିଁ ଏବଂ ଏହା ତଳେ ଉତ୍ପାଦିତ ଇସ୍ପାତକୁ ତ୍ରିସ୍ତରୀୟ ବ୍ୟବସ୍ଥା ଯଥା ୩ ଷ୍ଟାର, ୪ ଷ୍ଟାର କିମ୍ବା ୫ ଷ୍ଟାର ସବୁଜ ଇସ୍ପାତରେ ମୂଲ୍ୟାଙ୍କନ କରାଯିବ। ଏ ସମ୍ପର୍କରେ ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍ ଏହାର ବାଧ୍ୟତାମୂଳକ ସ୍ଥିତି ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସବୁଜ ଇସ୍ପାତର ବର୍ଗୀକରଣକୁ ଗ୍ରହଣ କରିବା ବିକଳ୍ପ ନୁହେଁ; ଏହା ନିତ୍ୟାନ୍ତ ଜରୁରୀ। ଏହା ୨୦୩୦ ସୁଦ୍ଧା ଇସ୍ପାତ ପ୍ରସ୍ତୁତିରେ ଟନ୍ ପିଛା କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ତୀବ୍ରତା ୨.୨ ଟନ୍‌କୁ ହ୍ରାସ କରିବାରେ ସହାୟତା କରିବ ଓ ଏହା ଦ୍ୱାରା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରାଯାଇପାରିବ। ସେହିଭଳି ଏଏମ୍‌ଏନ୍‌ଏସ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତ ୨୦୭୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପାଇଁ ନିଜର ଡିକାର୍ବନାଇଜେଶନ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବାବେଳେ ଏହା ବିଶ୍ୱର ପ୍ରଥମ ସବୁଜ ଇସ୍ପାତ ବର୍ଗୀକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏହି ଐତିହାସିକ ପଦକ୍ଷେପ ଇସ୍ପାତ ଶିଳ୍ପକୁ ଦୀର୍ଘସ୍ଥାୟୀ ହେବା ପାଇଁ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରଦାନ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏହି ଦୃଷ୍ଟିକୋଣ ସହ ଦୃଢ଼ଭାବେ ଯୋଡ଼ିହୋଇଛି ଏବଂ ଆମେ ଯେଉଁ ପଦକ୍ଷେପ ନେଇଛୁ ତାହା ଆମକୁ ବର୍ଗୀକରଣ କାର୍ଯ୍ୟକାରୀ ହେବା ସମୟରେ ଏଥି ପାଇଁ ପ୍ରସ୍ତୁତ ରଖିବ ବୋଲି ଆମର ଆତ୍ମବିଶ୍ୱାସ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସବୁଜ ଏବଂ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦ ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ଦକ୍ଷତାର ସହ ରପ୍ତାନିକରିବା ଏବଂ ଏକ ସବୁଜ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସହାୟତା କରୁଛି। ଏହି କମ୍ପାନୀ ଭାରତର ସର୍ବନିମ୍ନ କାର୍ବନଭିତ୍ତିକ ଇସ୍ପାତ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା ଭାରତକୁ ସବୁଜ ଇସ୍ପାତ ବର୍ଗୀକରଣ ପ୍ରଣାଳୀ କାର୍ଯ୍ୟକାରୀ କରାଇବା ଦିଗରେ ଅଗ୍ରଗାମୀ କରାଉଛି।

# ସ୍ମାର୍ଟଚଏସ୍ ପ୍ରୋଗ୍ରାମର ସମ୍ପ୍ରସାରଣ



**ନୂଆଦିଲ୍ଲୀ,୧୬।୪**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ମାର୍ଟଚଏସ୍ ପ୍ରୋଗ୍ରାମ'ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାବ୍‌ଲେଟ ବର୍ଗରେ ଏହାର ସ୍ମାର୍ଟଚଏସ୍ ପ୍ରୋଗ୍ରାମର ବିସ୍ତାର କରାଯାଉଛି। ଏହି ପ୍ରୋଗ୍ରାମ ସ୍ୱତନ୍ତ୍ର ଗ୍ରାହକ ଆବଶ୍ୟକତା ଓ ଉପଯୋଗିତା ଉପରେ ଆଧାରକରି ବିଶେଷଜ୍ଞଙ୍କ ପରାମର୍ଶ ମାଧ୍ୟମରେ ଡିଭାଇସ୍ ଚୟନକୁ ସରଳ କରୁଛି। ସେହିପରି ଲାପଟପ ବର୍ଗରେ ସଫଳତା ପରେ ଆମାଜନ ଟାବଲେଟ ବର୍ଗରେ ଏହି ପ୍ରୋଗ୍ରାମକୁ ସମ୍ପ୍ରସାରଣ କରିଛି। ୨୦୨୪ ରେ ୨୬%ର ବାର୍ଷିକ ଅଭିବୃଦ୍ଧି ସହିତ ଟାବ୍‌ଲେଟଗୁଡିକ ଆମାଜନ ଇଣ୍ଡିଆ ପାଇଁ ଉଚ୍ଚ ଅଭିବୃଦ୍ଧି ବର୍ଗର ଅନ୍ତର୍ଗତ ରହିଛି। ସ୍ମାର୍ଟଚଏସ୍ ପ୍ରୋଗ୍ରାମର ପ୍ରମୁଖ ଲାଭଗୁଡିକ ମଧ୍ୟରେ ପ୍ରତ୍ୟେକ ବ୍ୟବହାର ପାଇଁ କ୍ୟୁରେଟେଡ୍ ସିଲେକ୍ସନ, ଟପ୍-ରେଟେଡ୍ ପର୍‌ଫର୍ମାନ୍ସ, ବିଶେଷଜ୍ଞଙ୍କ ପରାମର୍ଶ, ଚମତ୍କାର ମୂଲ୍ୟ ସାମିଲ ରହିଛି। ସେହିଭଳି ଏହି ପ୍ରୋଗ୍ରାମ ପ୍ରତିଦିନ ବ୍ୟବହାରଠାରୁ ଆରମ୍ଭକରି ଶିକ୍ଷା, ମନୋରଞ୍ଜନ, ବୃତ୍ତିଗତ ପ୍ରୟୋଗ ଓ ଗେମିଂ ଆଦି ବିଭିନ୍ନ ଉପଭୋକ୍ତା ଆବଶ୍ୟକତା ଉପରେ ଆଧାରକରି ଡିଭାଇସ୍‌ଗୁଡିକର ବର୍ଗୀକରଣ କରିଛି। ପ୍ରତ୍ୟେକ ବର୍ଗ ପାଇଁ ଏକ ସ୍ୱାଧୀନ ଟେକ୍ନିକାଲ ଏଜେନ୍ସି ଉତ୍ପାଦଗୁଡିକ ନିଶ୍ଚିତ ରୂପେ ପୂରଣ କରୁଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥାପନ କରୁଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ କହିଛନ୍ତି,ସ୍ମାର୍ଟଚଏସ୍ ପ୍ରୋଗ୍ରାମ କ୍ରୟ ଅନୁଭୂତିକୁ ବହୁମାତ୍ରାରେ ଉନ୍ନତ କରିବା ସହ ଏହା ସଠିକତା ପାଇଁ ଚମତ୍କାର ମତାମତ ହାସଲ କରିଛି। ଗ୍ରାହକଙ୍କ ତଥ୍ୟ ଉନ୍ମୋଚନ କରିଛି, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଓ ଟେକ୍ନିକାଲ ସ୍ପେସିଫିକେଶନରେ ଉପଲବ୍ଧ ବିଭିନ୍ନ ବିକଳ୍ପକୁ ନେଇ ଗ୍ରାହକମାନେ ପ୍ରାୟତଃ ଦ୍ୱନ୍ଦରେ ପଡିଥାନ୍ତି। ଏହି ପ୍ରୋଗ୍ରାମ ଉକ୍ତ ଆହ୍ୱାନକୁ ଦୂର କରିଛି। ସେହିଭଳି ଏହି ପ୍ରୋଗ୍ରାମର କ୍ୟୁରେଟେଡ୍ ସିଲେକ୍ସନରେ ସାମ୍‌ସଙ୍ଗ, ଲେନୋଭୋ, ଆସୁସ, ଅନର, ଏସର ଓ ଏଚପି ଭଳି ଅଗ୍ରଣୀ ବ୍ରାଣ୍ଡଗୁଡିକର ଟପ-ରେଟେଡ୍ ଟାବଲେଟ ସାମିଲ ରହିଛି। ଲାପ୍‌ଟପ୍ ପାଇଁ ଆରମ୍ଭ କରାଯିବା ପରଠାରୁ ସ୍ମାର୍ଟଚଏସ ପ୍ରୋଗ୍ରାମ ବିକ୍ରି କ୍ଷେତ୍ରରେ ୩ଗୁଣ ବୃଦ୍ଧି ପାଇଛି ଏବଂ ୨୦୨୪ ରେ ପ୍ରିମିୟମ ଲାପଟପ କ୍ରୟରେ ୩୦% ବୃଦ୍ଧିର ଯୋଗଦାନ ଦେଇଛି। ଆମାଜନ ଡଟ ଇନରେ ସ୍ମାର୍ଟଚଏସ ପ୍ରୋଗ୍ରାମ ଅଧିନରେ ଉପଲବ୍ଧ କିଛି ଲୋକପ୍ରିୟ ଡିଭାଇସଗୁଡିକ ମଧ୍ୟରେ ଲେନୋଭୋ ଟାବ ପ୍ଲସ, ଏସର ସ୍ୱିଫ୍ଟ ଗୋ ୧୪ ବିଲ୍ଟ-ଇନ ଏଆଇ ପିସି ପ୍ରିମିୟମ ଲାପଟପ, ସାମସଙ୍ଗ ଗ୍ୟାଲାକ୍ସି ଟାବ ଏସ୍୯ ଏଫଇ, ଲେନୋଭୋ ଆଇଡିଆପ୍ୟାଡ ଫ୍ଲେକ୍ସ୫, ଏଚପି ଭିକ୍ଟସ, ୧୩ ଜେନ୍ ଇଂଟେଲ କୋର ଆଇ୭, ଆସୁସ୍ ଭିଭୋବୁକ ୧୫ ଆଦି ସାମିଲ ରହିଛି।

# ଡା. ପ୍ରଜ୍ଞା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷା

**ଭୁବନେଶ୍ୱର,୧୬।୪ (ଅଭୟ ଦାଶ)**

ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ମହିଳା ଉଦ୍ୟୋଗୀ ଡା. ପ୍ରଜ୍ଞା ପାରମିତା ମିଶ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ଏକ ସ୍ୱତନ୍ତ୍ର ସମାରୋହ 'ଚେଞ୍ଜ ଅଫ୍ ଗାର୍ଡ ସେରିମନି'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାରୋହର ସାରମର୍ମ ସହ ସରକାରଙ୍କ ସହିତ ଚାପ୍ଟର ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ବିଧିବଦ୍ଧ ଭାବେ ଡା. ପ୍ରଜ୍ଞା ଚାପ୍ଟରର ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ଏହି ଦାୟିତ୍ୱରେ ଥିଲେ। ସେହିପରି ଚାପ୍ଟରର ନୂତନ ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲାବେଳେ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷ ପଞ୍ଚମୀ ମନୋଓକ୍‌ଲି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାପ୍ଟରର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।



ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ଡା. ପ୍ରଜ୍ଞା ପାରମିତା ମିଶ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୯ରେ ଆଇସିସିର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧୬।୪**

ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ(ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିନିକିଆ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ହେବାକୁ ଯାଉଛି। ଏପରିକି ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିସି ଏହି ସମ୍ମିଳନୀ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଆଇସିସି ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ସାହୁଙ୍କ ସମେତ ଆଇସିସିର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ସଦସ୍ୟ ଫାଇନାନ୍ସ କମିଟି କ୍ଷିତୀଶ ପାତ୍ର ଓ ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ସାହୁ କହିଛନ୍ତି, ଏକ ଆର୍ଥିକ ଶକ୍ତିଶାଳୀ ରାଜ୍ୟ ଭାବେ ବର୍ତ୍ତମାନ ଓଡ଼ିଶା ଉଭା ହୋଇଛି। ଆମେ ୨୦୩୬ର ମାଇଲଖୁଣ୍ଟ ବର୍ଷ ପାଖକୁ ଆସୁଥିବାରୁ ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ଏହାର ପଦକ୍ଷେପଗୁଡ଼ିକୁ ସମନ୍ୱୟ କରିବାକୁ ପ୍ରତିବଦ୍ଧ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଆମେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ତ୍ୱରିତ ଅଭିବୃଦ୍ଧିକୁ ଉତ୍ତେଜିତ କରିପାରିବ। ଆଇସିସି କ୍ଷେତ୍ରୀୟ ପଦକ୍ଷେପ, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଉଚ୍ଚ ପ୍ରଭାବ ନୀତି ସୁପାରିସ ମାଧ୍ୟମରେ ଏହାର ସଦସ୍ୟ ଏବଂ ଶିଳ୍ପ ଖେଳାଳିମାନଙ୍କୁ ପ୍ରତିଯୋଗିତାମୂଳକ ଧାରା ପ୍ରଦାନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

# Classified Everyday
**0674-2580101, 9692975378**



**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପୁଟ୍ ବିକ୍ରିହେବ। 9114705579. D-76258




For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call- 7978968374. D-188

Spacious empty land of 70000sft (1.58 acres) available at Balikuda (Oppo- Cuttack Sadar P.S) ideal for warehouse/storage or logistics will connected location with easy access to transportation. Interested parties/person may contact: 7682829927. D-187




Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist, Bapujinagar. 8328803811. D-76909

Herbal full body massage by smart/expert therapist. Contact- 8327740003. D-76442

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-76910

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 15.04.2025, I, Smt. Jyotsna Prava Mohapatra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur, PIN Code- 754106, Odisha, at present residing at EB- 140, Badagada, Brit Colony, P.S.- Badagada, Bhubaneswar- 751018, Dist.- Khurda, Odisha, declare that I have changed my name from Smt. Jyotsna Prava Patra to Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes.
Jyotsna Prava Mohapatra. D-76443

By virtue of an affidavit sworn before the Executive Magistrate, Muniguda on dated 16.04.2025 (Sl No.- 523/25), I Yuddhesti Behera of Village- Bagicha Sahi, P.O./ P.S.- Muniguda, Dist.- Rayagada, date of birth is 20.04.1997, declare that I have changed my name to Judhisthi Behera. Henceforth, I shall be known as Judhisthi Behera for all purposes and my date of birth is 20.04.1997. D-190

By virtue of an affidavit sworn before Notary Public, Bhubaneswar, dated 10.04.25, I, Panchanan Das, Village- Baku, Srimakundapur, Dist.- Puri declare that I have changed my son's name Suryaprasad Das to Sanjay Das. Henceforth, he shall be known as Sanjay Das for all purposes.
Sanjay das
Applicant name D-191

I, Lipsa Pattanaik about the age of 42, Wife/o- Sibabrata Pattanaik, resident of P201, Trident Galaxy, Kalinga Nagar, Bhubaneswar, Dist.- Khorda, PIN- 751003 Odisha declare by this affidavit No.- Vol-I, SL.No.- 369, dtd 15.04.2025, that now onwards I shall be known as **LIPSA MOHANTY** for all future purposes.


I, Kulamani Dewan, R/o- Village/P.O.- Panimora, P.S.- Sohela, Dist.- Bargarh, declare that my daughter's name has been wrongly mentioned as Aryahi Dewan instead of Gargi Dewan in her Aadhaar card bearing No.- xxxx xxxx 7570. By this affidavit No.- 801 dated 15.04.25 sworn before the Notary Public, Sohela, I have changed her name to Gargi Dewan for all future purposes. D-192

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, she shall be known as Rajnandini Acharya for all purposes.
Biswaranjan Acharya D-067

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ

୰ପ୍ରଫୁଲ୍ଲ କୁମାର ଭଞ୍ଜ
ମୀନାବଜାର, ଢେଙ୍କାନାଳ
ପୂର୍ବତନ ବିଧାୟକ, ଗଁଦିଆ ନିର୍ବାଚନ ମଣ୍ଡଳୀ, ଢେଙ୍କାନାଳ
ଆପଣଙ୍କ ସ୍ନେହ ଓ ମାର୍ଗଦର୍ଶନ ସର୍ବଦା ସ୍ମରଣୀୟ।
ସୌଜନ୍ୟ:- ଶ୍ରୀ ରଜତ କର, ଢେଙ୍କାନାଳ
ତା- ୧୭।୦୪।୨୦୨୫
ଧ-୧୯୪

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

୰ ପ୍ରଫୁଲ୍ଲ କୁମାର ଭଞ୍ଜ
ପୂର୍ବତନ ବିଧାୟକ, ପୂର୍ବତନ ନଗରପାଳ, ପୂର୍ବତନ ମୀନା ବଜାର ଅଧ୍ୟକ୍ଷ
ଆର୍ବିଭାବ : ୦୧.୦୮.୧୯୩୯
ତିରୋଧାନ : ୦୭.୦୪.୨୦୨୫
ଏକାଦଶାହ କର୍ମ
ତା୧୭.୦୪.୨୦୨୫ (ଗୁରୁବାର)
ହତଭାଗ୍ୟ ପୁତ୍ର
ପ୍ରଶାନ୍ତ ଭଞ୍ଜ
ଓ ଭଞ୍ଜ ପରିବାର
ଧ-୧୯୩

# ଶେୟାର ବଜାର କାରବାରରେ ଉତ୍ସାହ



**ମୁମ୍ବାଇ,୧୬।୪**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୦୯ (୩୦୯.୪୦) ପଏଣ୍ଟ ବୃଦ୍ଧି ଘଟି ୭୭,୦୪୪ (୭୭,୦୪୪.୨୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୯ (୧୦୮.୬୫) ପଏଣ୍ଟ ବଢ଼ି ୨୩,୪୩୭ (୨୩,୪୩୭.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରେଡ୍‌ମି ଏ୫ର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଜିଓମି(ଏମ୍‌ଆଇ) ଇଣ୍ଡିଆର ନୂତନ ଉତ୍ପାଦ ତଥା ରେଡ୍‌ମି ଏ୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ୧୨୦ ଏଚ୍‌ଜେଡ୍ ଉଚ୍ଚ ରିଫ୍ରେସ ହାର ଡିସ୍‌ପ୍ଲେ, ୩୨ଏମପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡ୍‌ମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ। ଏ ସମ୍ପର୍କରେ ଜିଓମି (ଏମ୍‌ଆଇ) ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ ଅନୁଜ ଶର୍ମା କହିଛନ୍ତି, ରେଡ୍‌ମି ଏ୫ ଏକ ପ୍ରବେଶ ସ୍ତରୀୟ ସ୍ମାର୍ଟଫୋନ ଓ ଏହା ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେଗମେଣ୍ଟରେ ସବୁଠାରୁ ବଡ଼ ସ୍ମୁଥ ୧୨୦ଏଚ୍‌ଜେଡ୍ ଡିସ୍‌ପ୍ଲେ ସହ ଏହା ଏକ ଅତୁଳନୀୟ ସ୍ତରର ଦୃଶ୍ୟ ପ୍ରଦାନ ଓ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥାଏ। ୧୨୦ ଏଚଜେଡ ଉଚ୍ଚ ରିଫ୍ରେସ ହାର ଡିସପ୍ଲେ, ୩୨ଏମ୍‌ପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ।

# ଦୀର୍ଘଦିନ ହେଲା ଭିଜିଲାନ୍ସ ନଜରରେ ଥିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ




ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରିଲେ ସରପଞ୍ଚ
ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରୁଛନ୍ତି ସରପଞ୍ଚ।

ଭିଜିଲାନ୍ସ ଟିମ୍ ଉପସ୍ଥିତିରେ କାର୍ଯ୍ୟାଳୟର ତାଲା ଖୋଲୁଛନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମ୍ପର୍କରେ ୨୮ ସେପ୍ଟେମ୍ବର ୨୦୨୪ରେ 'ଧରିତ୍ରୀ'ରେ ପ୍ରକାଶିତ ଖବର।

**ବଇଣ୍ଡା,୧୬।୪(ପରିକ୍ଷିତ ସାହୁ)**

■ବିଲ୍ ପାସ୍ ପାଇଁ ପିସି ଦାବି କରୁଥିବା ନେଇ ହେଉଥିଲା ଅଭିଯୋଗ
■ବିଲ୍ କରିଦେବାକୁ କାର୍ଯ୍ୟାଳୟରେ ଗୋଡ଼ ଧରିଥିଲେ କୁଦଗାଁ ସରପଞ୍ଚ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଥିବା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ କାର୍ଯ୍ୟକୁ ନେଇ ଏବେ ଆଠମଲ୍ଲିକରେ ଚର୍ଚ୍ଚା ଜୋର୍ ଧରିଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଆଠମଲ୍ଲିକ ବ୍ଲକରେ ୪ ବର୍ଷ ହେଲା କାର୍ଯ୍ୟ କରୁଥିଲେ ହେଁ ତାଙ୍କ ଉପରେ ଭିଜିଲାନ୍ସ ଦୀର୍ଘଦିନରୁ ନଜର ରଖିଥିଲା। କାରଣ ଆଠମଲ୍ଲିକ ଅଞ୍ଚଳରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପାସ କରିବାକୁ ସେ ମୋଟା ଅଙ୍କର ପିସି ମାଗୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲା। ଏପରିକି ଯେଉଁମାନେ ତାଙ୍କୁ ପିସି ଦେଉ ନ ଥିଲେ ସେମାନଙ୍କ ବିଲ୍ ପକାଇ ରଖି ହଇରାଣ କରୁଥିବା ଆଲୋଚନା ହେଉଥିଲା। ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତରେ ଅନେକ ବିକାଶମୂଳକ କାମର ବିଲ୍ ପାସ୍ କରିବାକୁ ସେ ମୋଟା ଅଙ୍କର ପିସି ମାଗିଥିଲେ ବୋଲି ସେତେବେଳେ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଅଭିଯୋଗ କରିଥିଲେ। ବିଲ୍ ହେଉ ନ ଥିବାରୁ ଶ୍ରମିକମାନେ ମଜୁରି ପାଇପାରୁ ନ ଥିବା କହି ସରପଞ୍ଚ କ୍ଷେତି ୨୭ ସେପ୍ଟେମ୍ବର ୨୦୨୪ରେ ଆଠମଲ୍ଲିକ ବ୍ଲକକୁ ଆସି ଯନ୍ତ୍ରୀ ଶତପଥୀଙ୍କ ଗୋଡ଼ ଧରି ନିବେଦନ କରିଥିଲେ। ଏହାର ଏକ ଭିଡିଓ ସେତେବେଳେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଜିଲାନ୍ସ ହାତରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଧରାପଡ଼ିବା ପରେ କୁଦଗାଁ ସରପଞ୍ଚ କ୍ଷେତି ଧର୍ମର ଜୟ ହେଲା ବୋଲି କହିଛନ୍ତି।

# ନୟନୀ କୋଇଲା ଖଣି ଖନନ ଶୁଭାରମ୍ଭ

**୨୫ ବର୍ଷରେ ୩୪୦ ମିଲିୟନ ଟନ୍ ଉତ୍ପାଦନ ଲକ୍ଷ୍ୟ**

**ଛେଣ୍ଡିପଦା,୧୬।୪ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଥିବା ନୟନୀ କୋଲ୍ ବ୍ଲକର ପ୍ରସ୍ତାବିତ କୋଇଲା ଖଣି ଅଞ୍ଚଳରେ ଭୂମି ପୂଜନ କରି ବୁଧବାର ଖନନ କାର୍ଯ୍ୟ ଆରମ୍ଭ କରିଛି ସିଙ୍ଗାରେନି କମ୍ପାନୀ। ଏହି ଖନନ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ତେଲଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ମାଲୁ ଭାଟ୍ଟୀ ବିକ୍ରମାର୍କ ଉଦ୍‌ଘାଟନ କରିଥିଲେ।

ସୂଚନା ଅନୁଯାୟୀ, ନୟନୀ କୋଲ୍ ବ୍ଲକରେ ତେଲଙ୍ଗାନା ସରକାରଙ୍କ ମେସର୍ସ ଦି ସିଙ୍ଗାରେନି କମ୍ପାନୀକୁ ୨୦୧୫ ଅଗଷ୍ଟ ୧୩ରେ ୯୧୨.୭୯୯ ହେକ୍ଟର ଜମି ଖୋଲା କୋଇଲା ଖଣି ପାଇଁ ଆବଣ୍ଟନ କରାଯାଇଥିଲା। ଏହି କୋଇଲା ଖଣି ଅଞ୍ଚଳରେ ୬୪୩ ହେକ୍ଟର ସଂରକ୍ଷିତ ଜଙ୍ଗଲ ଓ ୧୪୦ ହେକ୍ଟର ରାଜସ୍ୱ ଜଙ୍ଗଲ ଜମି ରହିଛି। ଏହି ଖଣି ନିମନ୍ତେ ୨୦୨୨ରେ ୬୪୩ ହେକ୍ଟର ଜମି ହସ୍ତାନ୍ତର ପାଇଁ ଅନୁମୋଦନ ମିଳିଥିଲା। ଏହି ଖନନ କାର୍ଯ୍ୟକୁ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ବେଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କମ୍ପାନୀ ସିଏମ୍‌ଡି ଏନ୍. ବଳରାମ, ଡାଇରେକ୍ଟର ଅପରେଶନ ଏନ୍. ଭି. କେ. ଶ୍ରୀନିବାସ, ନୟନୀ ଜୀଏମ୍ ଟି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପରୁ ୨୫ ବର୍ଷ ମଧ୍ୟରେ ୩୪୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ଷକୁ ୧୦ ମିଲିୟନ ଟନ୍ ଉତ୍ପାଦନ କରାଯିବ ବୋଲି ନୟନୀ କୋଇଲା ଖଣିର ସିଏମ୍‌ଡି ସୂଚନା ଦେଇଛନ୍ତି। ଏହି କୋଇଲା ଖଣି ଯୋଗୁ ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହିତ ବହୁ ବେକାର ଯୁବତୀ ଯୁବକଙ୍କୁ ରୋଜଗାର ମିଳିପାରିବ ବୋଲି ଛେଣ୍ଡିପଦା ବିଧାୟକ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଆଇନଜୀବୀ ଅକ୍ଷୟପାଦ ବେହେରାଙ୍କ ସମେତ ଥଳିପଶି, କରଡ଼ାବହାଳ, ବ୍ରାହ୍ମଣବିଲ, ସନ୍ତରାବନ୍ଧ, ଛେଣ୍ଡିପଦା ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।


ଖଣି ଖନନ କାର୍ଯ୍ୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକଙ୍କ ସହ କମ୍ପାନୀ ଅଧିକାରୀମାନେ।

# ଦକ୍ଷତା ବୃଦ୍ଧି ତାଲିମ ଶିବିର



ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

**ଅନୁଗୋଳ,୧୬।୪ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ଠାରେ ବୁଧବାର କୃଷିଜିଲା ଅଫିସ ତରଫରୁ ଉପଖଣ୍ଡସ୍ତରୀୟ ଅର୍ଦ୍ଧ ସମ୍ପ୍ରସାରଣ କର୍ମୀମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ବିଭାଗ ତଥା ଜଳ ବିଭାଜିକା ବିଭାଗର ବିଭିନ୍ନ ସରକାରୀ ଯୋଜନା, ବଜାରରେ ମିଳୁଥିବା ବିଭିନ୍ନ ରାସାୟନିକ ସାରର ମାନ ନିର୍ଦ୍ଧାରଣ, ନିମ୍ନମାନର ସାର ବିକ୍ରି କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ପ୍ରାକୃତିକ ତଥା ଜୈବିକ କୃଷିର ବିଭିନ୍ନ ଦିଗ ଉପରେ ଶିବିରରେ ଆଲୋକପାତ କରିଥିଲେ। ଅନୁଗୋଳ କୃଷିଜିଲା ଅନ୍ତର୍ଗତ ଅନୁଗୋଳ, ବଣ୍ଟରପାଳ ଓ ଛେଣ୍ଡିପଦା ବ୍ଲକର ସମସ୍ତ କୃଷି ଅଧୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷିସାଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଅନୁଗୋଳ ଜଳ ବିଭାଜନ ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତୀର୍ଥଙ୍କ ସାମନ୍ତ, ସମ୍ପ୍ରସାରଣ କର୍ମୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ଜିଲା କୃଷି ଅନ୍ତର୍ଗତ ସମସ୍ତ ଗୋଷ୍ଠି କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଯୋଗ ଦେଇଥିଲେ। ସହକାରୀ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରିଯାନ ଦୁର୍ଘଟଣାଗ୍ରସ୍ତ, ବିଦ୍ୟୁତ୍ ସରବରାହ ଠପ୍

**ବଣ୍ଟରପାଳ,୧୬।୪(ସୁବାସ ସାହୁ)**

ବଣ୍ଟରପାଳ ବ୍ଲକ କୁକୁଡାଙ୍ଗ ଏଫ୍‌ସିଆଇ ରାସ୍ତାରେ ବୁଧବାର ଏକ ଭାରିଯାନ ଦୁର୍ଘଟଣାଗ୍ରସ୍ତ ହେବାରୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରୋବରାହ ବନ୍ଦ ହୋଇଯାଇଥିଲା। ସୂଚନା ଅନୁଯାୟୀ, ଭୋର୍‌ରୁ କୁକୁଡାଙ୍ଗ ଏଫ୍‌ସିଆଇ ଅଭିମୁଖେ ଯାଉଥିବା ଏକ ଲୁହା ବୋଝେଇ ଭାରିଯାନ ରାସ୍ତାକଡ଼ରେ ଥିବା ସର୍ଭିସ ଲାଇନ୍‌ରେ ଧକ୍କାଦେବାରୁ ୨ଟି ଖୁଣ୍ଟି ଭାଙ୍ଗିବା ସହ ସ୍ଥାନୀୟ ୧୩ ଜଣ ବାସିନ୍ଦାଙ୍କ ସର୍ଭିସଲାଇନ୍ ସରୋବରାହ ବନ୍ଦ ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଉକ୍ତ ଭାରିଯାନ ଅଟକାଇ ରଖିବା ସହ ବିଦ୍ୟୁତ୍ ମରାମତି ନିମନ୍ତେ ଜିଦ୍ ଧରିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆସ ମରାମତି କରିବା ପରେ ସନ୍ଧ୍ୟା ୭ଟାରେ ବିଦ୍ୟୁତ୍ ଆସିଥିଲା। ଦୁର୍ଘଟଣା ଯୋଗୁ ଦିନ ତମାମ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକ ସମସ୍ତ ମରାମତି ଖର୍ଚ୍ଚ ବହନ କରିଥିଲେ।

# ସଂସ୍କୃତି, ପରମ୍ପରା ଓ ଆସ୍ଥାର ପ୍ରତୀକ ହିଙ୍ଗୁଳା ଯାତ୍ରା


ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ୨୧ତମ ଲୋକ ମହୋତ୍ସବର ୫ମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୧୬।୪(ମନୋଜ ନନ୍ଦ)**

**ହିଙ୍ଗୁଳା ଲୋକ ମହୋତ୍ସବ**

ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ୨୧ତମ ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ସମ୍ମାନିତ ଅତିଥି ଭାବେ ହିଙ୍ଗୁଳା କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ବି.ମହମ୍ମଦ ମିୟା, ଲିଙ୍ଗରାଜ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ କୁମାର ବିଶ୍ୱାଳ, ଭରତପୁର କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟରଞ୍ଜନ ସାଏ, ବଳଭଦ୍ର କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, କେନ୍ଦ୍ରୀୟ କାର୍ଯ୍ୟଶାଳାର ମହାପ୍ରବନ୍ଧକ ରମଣି ରଞ୍ଜନ ନାୟକ, ତାଳଚେର କୋଇଲା କ୍ଷେତ୍ରର ମହାପ୍ରବନ୍ଧକ କେ.ବି. ଚୌଧୁରୀ, ସୁଭଦ୍ରା କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଏସ.କେ. ମାଣିକ ଓ ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ସୁନୀଲ କୁମାର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଧଳ ନିଜ ଅଭିଭାଷଣରେ ହିଙ୍ଗୁଳା ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସଂସ୍କୃତି, ପରମ୍ପରା ଓ ଆସ୍ଥାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ତାଳଚେର ତହସିଲଦାର ଆଲଫା ଜେନା ଅଧକ୍ଷତା କରିଥିଲେ। ଏହି ଅବସରରେ ପିପିଲିର ମା' ବିନିକେଶ୍ୱରୀ ନୃତ୍ୟ ମଞ୍ଜରୀ ଅନୁଷ୍ଠାନର କଳାକାର, ନଟରାଜ କଳା ଏକାଡେମୀର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭୁବନେଶ୍ୱରର ନୃତାୟନ ଅନୁଷ୍ଠାନର ଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀରଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଅନୁଗୋଳର ନିକ୍ୱଣ ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ଓମ୍ ନମଃ ଶିବାୟ ଓ ବଙ୍ଗାଳୀ ନୃତ୍ୟ ଦର୍ଶକମାନଙ୍କୁ ଚମକୃତ କରିଦେଇଥିଲା। ସଞ୍ଜୀବ ପଟ୍ଟନାୟକ ଓ ସୁନନ୍ଦା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ମାନସ ମୋହନ ସେଠ, ସହକାରୀ ଜିଲାପାଳ ନାରାୟଣ ସେଠୀ, ନିବେଦିତା ନାୟକ, ପୁଷ୍ପିତା ମଧୁମତୀ ଦେହୁରୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅରୁଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ଥାୟୀ ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କୁ ଅଭିଯୋଗ



**ବଇଣ୍ଡା,୧୬।୪(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ପୂର୍ତ୍ତ ବିଭାଗ ପକ୍ଷରୁ ହଣ୍ଡପା ଠାରୁ ପଟ୍ଟାପଥର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଯାଉଛି। ହେଲେ କିଛିଦିନ ହେବ ଧଉରାଗୋଠ ଗ୍ରାମରେ ଠିକାସଂସ୍ଥା ପକ୍ଷରୁ ରାସ୍ତା କଂକ୍ରିଟ କରାଯାଉଥିବାରୁ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ ହୋଇରହିଛି। ଫଳରେ ପଟ୍ଟାପଥରରୁ ବିଲେଇନାଳି ଅଞ୍ଚଳକୁ ଯିବାଆସିବା ଠପ୍ ହୋଇଯାଇଛି। ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ଏହି ରାସ୍ତାଦେଇ କୌଣସି ୪ ଚକିଆ ଯାନ ଯାତାୟାତ କରିପାରୁନାହିଁ। ଏ ନେଇ ବିଲେଇନାଳି ଅଞ୍ଚଳବାସୀ ବୁଧବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ଧଉରାଗୋଠ ଗ୍ରାମରେ ୨୦୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ଦୀର୍ଘ ୬ ଦିନ ହେବ ଏହି ବାଟଦେଇ ଗାଡ଼ି ଯାଇପାରୁ ନାହିଁ। ଫଳରେ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ନିୟମ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହା କରାଯାଉ ନାହିଁ। ଫଳରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ପୂର୍ତ୍ତ ବିଭାଗ ଏସ୍‌ଡିଓ ସହରାଇ ସିଂ କହିଛନ୍ତି, ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।

# ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ


ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି।

**ସନ୍ଦ୍ରିଛକ,୧୬।୪(ସନ୍ତୋଷ ପରିଡା)**

ଅଗ୍ନିଶମ କର୍ମଚାରୀଙ୍କ ସାହସିକତା ଓ ବଳିଦାନକୁ ସମ୍ମାନ ଜଣାଇ ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି। ଚିଫ୍ ସେୟାର୍ଡ ସର୍ଭିସେସ୍ ବେଦପ୍ରକାଶ ଠାକୁର, ଟିଏସ୍‌ଏମ୍ ବିଳାସ ଏନ୍ ଗାଏକ୍ୱାର୍ଡ, ଚିଫ୍ ସେଫ୍ଟି ଟିଏସ୍‌ଏମ୍ ଅଭିଷେକ ଶର୍ମା, ହେଡ୍ ସିକ୍ୟୁରିଟି ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସ୍‌କେ) ଏବଂ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନୀ ସମାରୋହ ଆୟୋଜନ ହୋଇଥିଲା। ସମାରୋହରେ ଅଗ୍ନିଶମ ବାହିନୀର ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାସହ ଜେଟ୍ ଫାୟାର, ପୁଲ୍ ଫାୟାର ଏବଂ ଉଚ୍ଚତା ଉଦ୍ଧାର ଅଭିଯାନର ସଫଳ ପରିଚାଳନା ଉପରେ ଲାଇଭ୍ ଡେମୋ ପ୍ରଦର୍ଶିତ କରାଯାଇଥିଲା। ଅଧିକ ସଚେତନତା ପାଇଁ ସପ୍ତାହ ସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିପରି ବୁଧବାର ବୁଢ଼ାପଙ୍କ ହାଇସ୍କୁଲରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଉଚ୍ଛବ ଦେହୁରୀ, ଦିବ୍ୟରଞ୍ଜନ ସାମଲ, ପ୍ରଧାନ ଶିକ୍ଷକ ଶିଶିର କୁମାର ପାଳ ଓ ବିଦ୍ୟାଳୟର ଛାତ୍ରୀଛାତ୍ର, ବଣ୍ଟରପାଳ ପାଞ୍ଚଗଡ଼ ଖବରଦାତାମାନେ ଯୋଗଦେଇଥିଲେ। ଉଭୟ ପ୍ଲାଣ୍ଟ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ଜନିତ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ଜରୁରିକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ଟିଏସ୍‌ଏମ୍ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ଲାଣ୍ଟ ପକ୍ଷରୁ କୁହାଯାଇଛି।

# ୧୮ ଅଭିଯୋଗର ଶୁଣାଣି

**ସନ୍ଦ୍ରିଛକ,୧୬।୪(ସନ୍ତୋଷ ପରିଡ଼ା)**

ବଣ୍ଟରପାଳ ବ୍ଲକ ତଳମୂଳ ପଞ୍ଚାୟତ ଠାରେ ମଙ୍ଗଳବାର ତହସିଲଦାର ସୁଶାନ୍ତ କୁମାର ମିଶ୍ର ଓ ଏବିଡିଓ ମାଧବଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ମିଶ୍ର, ଏବିଡିଓ ପାଣିଗ୍ରାହୀ, ବିଏସ୍‌ଏସ୍‌ଓ ଦୀପ୍ତିକାନ୍ତ ସାହୁ, ସରପଞ୍ଚ ସୋନାଲି ମହାପାତ୍ର ଓ ନାଏବ ସରପଞ୍ଚ ରୁଚିର ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ୱାର୍ଡମେମ୍ବର, ଏମ୍‌ବିକେ, ସିଆର୍‌ପି ଉପସ୍ଥିତ ଥିଲେ। କିପରି ସମସ୍ତ ଯୋଜନାରୁ ପ୍ରକୃତ ହିତାଧିକାରୀ ଲାଭ ଉଠାଇ ପାରିବେ ସେ ବିଷୟରେ ଏବିଡିଓ ଆଲୋଚନା କରିଥିଲେ। ତହସିଲଦାର ମିଶ୍ର ସରକାରଙ୍କ ଯୋଜନାକୁ ଠିକ୍ ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ସମୁଦାୟ ୧୮ଟି ମାମଲା ଗ୍ରହଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

# ଯୁବକମାନେ ସମାଜର ଆଧାର ସ୍ତମ୍ଭ


ଫାଉଣ୍ଡେଶନ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଉଛି।

**ଅନୁଗୋଳ,୧୬।୪ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ବାବାସାହେବ ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଫାଉଣ୍ଡେଶନର ସଦସ୍ୟଙ୍କ ଦ୍ୱାରା ସହର ପରିକ୍ରମା କରାଯାଇଥିଲା। ଅଧକ୍ଷା ଶତ୍ରୁଘ୍ନ ନାଏକ ଅଧକ୍ଷତା କରିଥିଲା ବେଳେ ସାଧାରଣ ସମ୍ପାଦକ ପ୍ରଭାତ କୁମାର ବେହେରା ମଞ୍ଚ ପରିଚାଳନା କରି ବାବାସାହେବଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆମ୍ବେଡକରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଡ. ପଙ୍କଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବକମାନେ ସମାଜର ଆଧାର ସ୍ତମ୍ଭ ବୋଲି କହିଥିଲେ। ସେମାନେ ସଚେତନ, ଉଦ୍ୟୋଗଶୀଳ ଓ ଦୃଢ ସଙ୍କଳ୍ପିତ ହେଲେ ସମାଜ ଉନ୍ନତିର ପଥରେ ଆଗେଇବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ବକ୍ତା ଭାବେ ଫାଉଣ୍ଡେଶନର ପୂର୍ବତନ ଅଧ୍ୟକ୍ଷ ତରଣୀସେନ ନାୟକ, ପ୍ରହ୍ଲାଦ ନାୟକ, ପୂର୍ବତନ ଉପାଧ୍ୟକ୍ଷ ନାରାୟଣ ସେଠୀ ଆମ୍ବେଡକରଙ୍କ ଉତ୍ସର୍ଗୀକୃତ ଜୀବନ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନର ସଦସ୍ୟ ଅବସରପ୍ରାପ୍ତ ଥାନା ଅଧିକାରୀ ପ୍ରଦ୍ୟୁମ୍ନ ନାୟକ, ଆଇନଜୀବୀ ପବିତ୍ର ପ୍ରଜ୍ଞାଶିଳ, ନୀଳକଣ୍ଠ ନାୟକେ, ଗୋପାଳ ନାୟକ, ଧନେଶ୍ୱର ବେହେରା, ଲଳିତ ମୋହନ ବେହେରା, ଶ୍ରୀକୁମୁଣ୍ଡ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ବିଶ୍ୱରେ ଅନନ୍ୟ

**ଅନୁଗୋଳ,୧୬।୪ (ମାନସ ବିଶ୍ୱାଳ)**


ଓଡ଼ିଆ ନବବର୍ଷ ଓ ମହାବିଷ୍ଣୁବ ମିଳନ ମହୋତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳର ଅନ୍ୟତମ ସେବା ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷ୍ଣୁବ ମିଳନ ମହୋତ୍ସବ ଅନୁଗୋଳ ସଭାଘରଠାରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ନେତ୍ରୀ କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସାରା ବିଶ୍ୱରେ ଅନନ୍ୟ, ଅତୁଳନୀୟ ଓ ସର୍ବବିଦିତ। ଭାଷା ଆନ୍ଦୋଳନ ଯୋଗୁ ଆଜି ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଛି। ଓଡ଼ିଆ ଭାଷା ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ଇଂଲିଶ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି। ଶାସ୍ତ୍ରୀୟ ଭାଷାକୁ ଧ୍ୟାନ ଦେବାକୁ ପଡ଼ିବ ଏବଂ ନିଜ ମାତୃଭାଷାକୁ ବଞ୍ଚାଇ ରଖିବା ସହିତ ମାର୍ଜିତ କରିବା ଆବଶ୍ୟକ ବୋଲି ମହାନ୍ତି ମତପ୍ରକାଶ କରିଥିଲେ। ଅନୁଗୋଳ ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ଓ ମହାବିଷ୍ଣୁବ ମିଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଆଇନଜୀବୀ ପରମାନନ୍ଦ ମିଶ୍ର ଓ ଅଧାପକ କୁଳମଣି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରରେ ଆଲୋକପାତ କରିଥିଲେ। ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ସରୋଜ ସାହୁ ଓ ଚଣ୍ଡିକା ପ୍ରସାଦ ନନ୍ଦଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟଗୁରୁ ଅନିତା ରାଜଗୁରୁଙ୍କ ନୃତ୍ୟାଣୀ ଓ ନୃତ୍ୟ ଶ୍ରୀଧାରା ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇକୋ ପାର୍କସ୍ଥିତ ଓମ୍ ବିଦ୍ୟା ଭାରତୀ ସାମୂହିକ ଆବାସିକ ମହାବିଦ୍ୟାଳୟ ଓ ଶୁଶୁଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ରାମକୃଷ୍ଣ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ସୁପର ଓଭରରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୧୬।୪

ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ସୁପର ଓଭରରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଚଳିତ ସଂସ୍କରଣର ଏହା ପ୍ରଥମ ସୁପର ଓଭର ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୫ ଉଇକେଟ ହରାଇ ୧୮୮ ରନ କରିଥିବା ବେଳେ ରାଜସ୍ଥାନ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୪ ଉଇକେଟ ହରାଇ ୧୮୮ ରନ କରିବାକୁ ସକ୍ଷମ ହୋଇଥିଲା। ସୁପର ଓଭରରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୨ ରନର ଟାର୍ଗେଟ୍‌କୁ ଦିଲ୍ଲୀ ୪ଟି ବଲରେ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ସମାନ ସଂଖ୍ୟକ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ପାଇଁ ଅଭିଷେକ ପୋରେଲ ସର୍ବାଧିକ ୪୯ (୫ ଚୌକା ଓ ୧ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୩୮ (୨ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୪ ଚୌକା ଓ ୨ ଛକା) ରନ କରିଥିବା ବେଳେ ଟ୍ରିଷ୍ଟାନ ଷ୍ଟବ୍ସ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚରେ ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଜଶସ୍ୱି ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ଓପନିଂ ଯୋଡ଼ି ୫.୩ ଓଭରରେ ୬୧ ରନ ଯୋଡ଼ିଥିଲା। ସାମସନ ୧୯ ବଲରେ ୨ ଚୌକା ଓ ୩ ଛକା ସହିତ ୩୧ ରନ କରି ଦୁର୍ଭାଗ୍ୟବଶତଃ ଇଞ୍ଜୁରୀ କାରଣରୁ ରିଟାୟର୍ଡ ହର୍ଟ ହୋଇଥିଲେ। ତାଙ୍କ ବଦଳରେ ଆସିଥିବା ରିୟାନ ପରାଗ (୮) ଫେଲ୍ ମାରିଥିଲେ। ଜୟସ୍ୱାଲ ୫୧ (୩ ଚୌକା ଓ ୪ ଛକା) ଓ ନୀତିଶ ରାଣା ୫୧ (୬ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଧ୍ରୁବ ଜୁରେଲ ୨୬(୨ ଛକା) ଓ ଶିମରନ ହେଟମାୟର ୧୫ ରନ କରିଥିଲେ। ଫଳରେ ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୮୮ ରନ କରିବାରୁ ମ୍ୟାଚ୍ ଟାଇ ହୋଇଯାଇଥିଲା।



ଶଟ୍ ଖେଳିବା ଅବସରରେ ଅଭିଷେକ ପୋରେଲ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୮/୫ (ଅଭିଷେକ ପୋରେଲ-୪୯, ଲୋକେଶ ରାହୁଲ-୩୮, ଅକ୍ଷର ପଟେଲ-୩୪, ଟ୍ରିଷ୍ଟାନ ଷ୍ଟବ୍ସ-୩୪*, ଜୋଫ୍ରା ଆର୍ଚର-୨/୩୨, ୱାନିନ୍ଦୁ ହସରଙ୍ଗା-୧/୩୮)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୮୮/୪ (ଜଶସ୍ୱି ଜୟସ୍ୱାଲ-୫୧, ନୀତିଶ ରାଣା-୫୧, ସଞ୍ଜୁ ସାମସନ-୩୧, ଅକ୍ଷର ପଟେଲ-୧/୨୩, କୁଲଦୀପ ଯାଦବ-୧/୩୩, ମିଚେଲ ଷ୍ଟାର୍କ-୧/୩୬ )।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ହାଇଦ୍ରାବାଦ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୮୯୯ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

# ଦୁଃସାହସିକ କ୍ରୀଡ଼ା ପାଇଁ ଦେବୀଦତ୍ତ ପୁରସ୍କୃତ

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)



ଦୁଃସାହସିକ କ୍ରୀଡ଼ାରେ ଉତ୍କର୍ଷତା ପାଇଁ ୱିଙ୍ଗ୍ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନଜନକ ମ୍ୟାକ୍ ଗ୍ରେଗୋର ପଦକ ହାସଲ କରିଛନ୍ତି। ନୂଆଦିଲ୍ଲୀର ୟୁନାଇଟେଡ୍ ସର୍ଭିସ ଇନ୍‌ଷ୍ଟିଚ୍ୟୁଟ୍ (ୟୁଏସ୍‌ଆଇ)ରେ ଅନୁଷ୍ଠିତ ଏକ ଉତ୍ସବରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ଜେନେରାଲ ଅନିଲ ଚୌହାନ ତାଙ୍କୁ ପୁରସ୍କୃତ କରିଛନ୍ତି। ଦେବୀଦତ୍ତ ୨୨ଥର ବିଭିନ୍ନ ପର୍ବତାରୋହଣ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ମଧ୍ୟରେ ମାଉଣ୍ଟ ଏଭରେଷ୍ଟ, ମାଉଣ୍ଟ ଧଉଳାଗିରି, ମାଉଣ୍ଟ ଲୋହୋଟ୍‌ସେ ଆଦି ଅନ୍ୟତମ। ସେ ଶେରପାଙ୍କ ବିନା ସହାୟତାରେ ମଧ୍ୟ ଅନେକ ପର୍ବତ ଆରୋହଣ କରିଛନ୍ତି। ଏହା ବ୍ୟତୀତ ସେ ୨୦୨୩ ଓ ୨୦୨୪ରେ ୭୨ କିଲୋମିଟର ରନ୍‌ବିଶିଷ୍ଟ କରଦୁଙ୍ଗଲା ଚ୍ୟାଲେଞ୍ଜ, ୱାଟରଫାଲ୍ସ ଏବଂ ଅନେକ ଲଙ୍ଗ୍ ଡିଷ୍ଟାନ୍ସ ସାଇକ୍ଲିଂ ଅଭିଯାନରେ ସାମିଲ ଥିଲେ। ଏହାଛଡ଼ା ସେ ହିମାଳୟାନ ମାଉଣ୍ଟେନରିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରିନ୍ସିପାଲ ମଧ୍ୟ ଥିଲେ।

# ଆଇପିଏଲ୍ ଉପରେ ଫିକ୍ସିଂର କଳାବାଦଲ

ମୁମ୍ବାଇ,୧୬।୪

## ବିସିସିଆଇ ପକ୍ଷରୁ ସତର୍କତା ଜାରି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍‌ର ସମସ୍ତ ଫ୍ରାଞ୍ଚାଇଜ୍ ପାଇଁ ସମ୍ଭାବ୍ୟ ଦୁର୍ନୀତି ଲାଗି ପ୍ରଲୋଭନ ସମ୍ପର୍କରେ ସତର୍କତା ଜାରି କରାଯାଇଛି। ସନ୍ଦେହଜନକ ପରିଚୟପତ୍ର ସହିତ ଜଣେ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସକ୍ରିୟ ଭାବେ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବା ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି। ଏ ନେଇ ଫ୍ରାଞ୍ଚାଇଜ୍‌ର ମାଲିକ, ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଏପରିକି ଭାଷ୍ୟକାରଙ୍କୁ ମଧ୍ୟ ସତର୍କ କରାଯାଇଛି।

ଆଣ୍ଟି-କର୍ପସନ ସିକ୍ୟୁରିଟି ୟୁନିଟ୍(ଏସିଏସ୍‌ୟୁ) ମୁତାବକ, ଉକ୍ତ ବ୍ୟବସାୟୀଙ୍କ ଘର ହାଇଦ୍ରାବାଦ। ବୁକିଙ୍କ ସହ ତାଙ୍କର ଲିଙ୍କ୍ ରହିଛି ଏବଂ ଅତୀତରେ ଦୁର୍ନୀତି ସମ୍ପର୍କିତ କାର୍ଯ୍ୟକଳାପରେ ତାଙ୍କ ସମ୍ପୃକ୍ତି ଥିବାର ରେକର୍ଡ ମଧ୍ୟ ରହିଛି। ଉକ୍ତ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ସହିତ ବନ୍ଧୁତା କରିବାକୁ ଉଦ୍ୟମ କରୁଛନ୍ତି। ସେହି ବ୍ୟବସାୟୀଙ୍କ ପକ୍ଷରୁ ହୋଇଥିବା ସମ୍ଭାବ୍ୟ ଯୋଗାଯୋଗ ସମ୍ପର୍କରେ ରିପୋର୍ଟ କରିବାକୁ ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍‌ର ସମସ୍ତ ଅଂଶୀଦାରଙ୍କୁ କୁହାଯାଇଛି। ଏଥିସହିତ ଆଇପିଏଲ୍ ସହ ଜଡ଼ିତ ସମସ୍ତଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍ ଦଳଗୁଡ଼ିକୁ କୁହାଯାଇଥିଲା ଯେ, ଅତ୍ୟାଧୁନିକ ଟେକ୍‌ନୋଲୋଜି ଯୋଗୁ ଚ୍ୟାଲେଞ୍ଜ ବୃଦ୍ଧି ପାଇଛି।

# ବ୍ୟାଟ୍ ଆକାର ଯାଞ୍ଚରେ ନାରିନ ଫେଲ୍

**ଚଣ୍ଡିଗଡ଼,୧୬।୪:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର) ଅଲ୍‌ରାଉଣ୍ଡର ସୁନୀଲ ନାରିନ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। କିନ୍ତୁ ଏହି ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କୁ ମଙ୍ଗଳବାର ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଲଜ୍ଜିତ ହେବାକୁ ପଡ଼ିଛି। ସେ ବ୍ୟାଟିଂ କରିବାକୁ ଆସୁଥିବାବେଳେ ରିଜର୍ଭ ଅମ୍ପାୟର ସୟେଦ ଖାଲିଦ ପଡ଼ିଆ ବାହାରେ ତାଙ୍କ ବ୍ୟାଟ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବ୍ୟାଟ୍ ଗେଜ ମଧ୍ୟ ଦେଇ ନାରିନଙ୍କ ବ୍ୟାଟ୍ ଅତିକ୍ରମ କରିପାରି ନ ଥିଲା। ଫଳରେ ତାଙ୍କୁ ବ୍ୟାଟ୍ ପରିବର୍ତ୍ତନ କରିବାକୁ ପଡ଼ିଥିଲା। କ୍ରିକେଟରେ ନୂଆ ନିୟମ ଅନୁସାରେ ଅମ୍ପାୟର ଚାହିଁଲେ ବ୍ୟାଟର ମାନଙ୍କର ବ୍ୟାଟ୍ ଆକାର ଯାଞ୍ଚ କରୁଛନ୍ତି।

# ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)

## ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପିତ

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ଓଡ଼ିଶା ୨୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ମାତ୍ର ଗୋଲ ବ୍ୟବଧାନ ରେ ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ ଓ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ନୀତା ଏକାଡେମୀର ଗୋଲ ବ୍ୟବଧାନ ୪୮ ଓ ସ୍ପୋର୍ଟ୍ସ ଓଡ଼ିଶାର ୩୨ ରହିଥିଲା। ୨୫ ପଏଣ୍ଟ ପାଇଥିବା ଓଡ଼ିଶା ପୋଲିସ ତୃତୀୟ ସ୍ଥାନ ହାସଲ କରିଛି। ଏହି ଦଳର ଗୋଲ ବ୍ୟବଧାନ ୫୩ ରହିଥିଲେ ହେଁ ଗୋଟିଏ ପଏଣ୍ଟ ପାଇ ପଛରେ ପଡ଼ି ଯାଇଛି। ୧୮ ପଏଣ୍ଟ ସହ କିଟ୍ ଓ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ୧୧ଟି ଦଳକୁ ନେଇ ଲିଗ୍‌ରେ ମୋଟ ୫୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଉପ ସଚିବ ଅମିତ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ କୁମାର ସାହୁ, ମହମ୍ମଦ ସହିଦ ଜବାର, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।




ଚାମ୍ପିୟନ ନୀତା ଫୁଟବଲ ଏକାଡେମୀ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଶ୍ରୀଭୂମି ସହିତ ଭଲ ଅଭିଜ୍ଞତା ରହିଲା: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)

## ଇଣ୍ଡିଆନ ଓମେନ୍ସ ଲିଗ୍

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ କୋଲ୍‌କାତାର ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୩-୦ ଗୋଲରେ ଘରୋଇ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଶ୍ରୀଭୂମି ଦଳର ଫରୱାର୍ଡ ନଙ୍ଗମେଇକାପାମ ଶିବାନୀ ଦେବୀଙ୍କ ହାଟ୍ରିକ ଗୋଲ ବଳରେ କୋଲକାତା ଦଳକୁ ଏହି ସଫଳତା ମିଳିଛି। ପୂରା ମ୍ୟାଚ୍‌ରେ ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଆଧିପତ୍ୟ ବିସ୍ତାର କରି ଖେଳିଥିବାବେଳେ ମଣିପୁରର ଶିବାନୀ ୧୦ମ, ୧୮ଶ ଓ ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ହାଟ୍ରିକ ପୂରଣ କରିଥିଲେ। ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଦଳର ସଫଳତା ପଛରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ବେଶ୍ ଅବଦାନ ରହିଛି। ପୂରା ସିଜନରେ ଶ୍ରଦ୍ଧାଞ୍ଜଳି ଏହି ଦଳର ସହକାରୀ କୋଚ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ତେଣୁ ଦଳର ବିଜୟରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି।

''ପୂର୍ବରୁ ମୁଁ ରାଜ୍ୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିଛି। ଏହାପରେ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ଅନେକଥର ତୁଲାଇଛି। ମାତ୍ର ଓଡ଼ିଶା ବାହାର ଏକ କ୍ଲବରେ ଏଥର ପ୍ରଥମଥର ପାଇଁ ପିଲାଙ୍କୁ ପ୍ରଶିକ୍ଷଣରେ ଭିନ୍ନ ଅନୁଭୂତି ମିଳିଛି। ଦଳରେ ଗୋଲ୍‌କିପର ଅଦିତି ଚୌହାନଙ୍କ ପରି ଅନେକ ଭଲ ଖେଳାଳି ଥିଲେ। ଫାଇନାଲରେ ନଙ୍ଗମେଇକାପାମ ଶିବାନୀ ଦେବୀ ଅତି ଚମତ୍କାର ଖେଳି ହାଟ୍ରିକ୍ ଅର୍ଜନ କଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ କ୍ଲବ ବିଜୟୀ ହେବା ସହିତ ଚଳିତ ସିଜନରେ ତୃତୀୟ ସ୍ଥାନରେ ରହିଲା। ମୁଁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ସହ ବ୍ୟକ୍ତିଗତ ଭାବେ ଅନେକ କିଛି ଶିଖିଛି। କାରଣ ମୁଁ ସବୁବେଳେ ଜ୍ଞାନ ଆହରଣକୁ ଭଲପାଏ। ଜଣେ କୋଚ୍‌ଭାବେ ଏହି କ୍ଲବ ସହ କାର୍ଯ୍ୟକରି ମୋତେ ଯେଉଁ ଅନୁଭୂତି ମିଳିଛି ତାହା ଆଗାମୀ ଦିନରେ ନିଶ୍ଚିତ ସାହାଯ୍ୟ କରିବ। ଆଗାମୀ ସିଜନରେ ମଧ୍ୟ କୌଣସି ନା କୌଣସି କ୍ଲବ ସହ ଯୋଡ଼ିହୋଇ ରହିବାର ଯୋଜନା ରହିଛି'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୧୪ ମ୍ୟାଚ୍‌ରୁ ୭ ବିଜୟ ସହ ୨୨ ପଏଣ୍ଟ ପାଇଛି। ଫଳରେ ଏହି ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଇଷ୍ଟ ବେଙ୍ଗଲ ଏଫ୍‌ସି ୩୪ ପଏଣ୍ଟ ପାଇଥିବାରୁ ଚାମ୍ପିୟନ ହେବା ନିଶ୍ଚିତ ହୋଇସାରିଛି। ଗୋକୁଲମ କେରଳ ୨୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚ୍‌ରୁ ୮ମ ପରାଜୟ ସହ ତା'ର ଅଭିଯାନ ଶେଷ କରିଛି।



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ



ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଶ୍ରୀଭୂମି ଫୁଟ୍‌ବଲ କ୍ଲବର ଖେଳାଳି ଓ ଅଫିସିଆଲ।

# ସୁରୁଚିଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ, ମନୁଙ୍କୁ ରୌପ୍ୟ




ଲିମା,୧୬।୪(ପି.ଟି.)

## ଶୁଟିଂ ବିଶ୍ୱକପ୍

ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଲଗାତର ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ମେଡାଲିଷ୍ଟ ମନୁ ଭାକର ରୌପ୍ୟ ପଦକ ଅର୍ଜନ କରିଛନ୍ତି।

୧୮ ବର୍ଷୀୟା ସୁରୁଚି ନିକଟରେ ସିଜନର ପ୍ରଥମ ବିଶ୍ୱକପ୍ ଇଭେଣ୍ଟରେ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୨୪ ଶଟ୍‌ବିଶିଷ୍ଟ ଫାଇନାଲରେ ୨୪୩.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ମାନୁ ୧.୩ ପଏଣ୍ଟ ପଛରେ ରହିଯାଇଥିଲେ। ଚାଇନାର ୟାଓ କ୍ୱିନଜୁନ ବ୍ରୋଞ୍ଜ ପଦକ ଜିତିଥିଲେ। ୬୦ ଶଟ୍‌ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମାନୁ ୫୭୮ ପଏଣ୍ଟ ସହ ଚତୁର୍ଥ ସ୍ଥାନ ପାଇଥିଲେ। ଅନ୍ୟତମ ଭାରତୀୟ ଶୁଟର ସେନୟାମ ୫୭୧ ପଏଣ୍ଟ ସହ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପୁରୁଷ ୧୦ ମି. ଏୟାର ପିସ୍ତଲ ଫାଇନାଲରେ ସୌରଭ ଚୌଧାରୀ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଭାରତୀୟ ଶୁଟରଙ୍କ ଏଭଳି ପ୍ରଦର୍ଶନ ଯୋଗୁ ଟୁର୍ନାମେଣ୍ଟର ପଦକ ତାଲିକାରେ ଭାରତ ୩ ପଦକ ସହ ଶୀର୍ଷରେ ରହିଛି। ଏହି ତାଲିକାରେ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ